ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୯/୨୦୨୦ (୧୩ ପୃଷ୍ଠା) | Bhubaneswar, Wednesday, September 9/2020 | ★★★★★★
୪୬ଶ ଭାଗ ୨୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-


# ଅଭିନେତ୍ରୀ ରିଆ ଗିରଫ



**ବମ୍ବେ,୮।୯(ପି.ଟି.)**

ଡ୍ରଗ୍ସ ଲିଙ୍କ ଅଭିଯୋଗରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ମଙ୍ଗଳବାର ବଲିଉଡ୍ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ଗିରଫ କରିଛି। ରିଆଙ୍କୁ ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକାଟିକ୍ ସବ୍‌ଷ୍ଟାନସେସ୍(ଏନ୍‌ଡିପିଏସ୍) ଆକ୍ଟର ବିଭିନ୍ନ ଦଫାରେ ଗିରଫ କରାଯାଇଛି। ଗିରଫ ପରେ ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲା। ବୁଧବାର ଅନ୍ୟ ୩ଜଣଙ୍କ ସହ ତାଙ୍କୁ କୋର୍ଟରେ ହାଜର କରାଯିବ। ରିଆଙ୍କୁ ରବିବାର ୬ ଘଣ୍ଟା ଏବଂ ସୋମବାର ୮ ଘଣ୍ଟା ଜେରା କରାଯାଇଥିଲା। ୩ୟ ଦିନ ଅର୍ଥାତ୍ ମଙ୍ଗଳବାର ଜେରା ସମୟରେ ରିଆ ଡ୍ରଗ୍ସ ନେଉଥିବା କଥା ସ୍ୱୀକାର କରିଛନ୍ତି। ଏପରି କି ସେ ଅଭିନେତା ବନ୍ଧୁ ସୁଶାନ୍ତଙ୍କ ପାଇଁ ଡ୍ରଗ୍ସ ଆଣୁଥିଲେ ବୋଲି ଏନ୍‌ସିବି ନିକଟରେ ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ କରୁଥିବାବେଳେ ଏନ୍‌ସିବି ସୁଶାନ୍ତଙ୍କ ମୃତ୍ୟୁ ସହ ଡ୍ରଗ୍ସ କାରବାର ସମ୍ପର୍କକୁ ନେଇ ତନାଘନା ଚଳାଇଛି। ପୂର୍ବରୁ ଏହି ମାମଲାରେ ରିଆଙ୍କ ଭାଇ ସୌଭିକ୍ ଚକ୍ରବର୍ତ୍ତୀ, ସୁଶାନ୍ତଙ୍କ ଘରୋଇ ପରିଚାଳକ ସାମୁଏଲ ମିରାଣ୍ଡା, ସୁରକ୍ଷା କର୍ମୀ ଦୀପେଶ ସାୱନ୍ତଙ୍କ ସମେତ ୯ଜଣଙ୍କୁ ଏନ୍‌ସିବି ଗିରଫ କରିଛି। ବଲିଉଡ ପାର୍ଟିରେ ନିଶା କାରବାର ନେଇ ଜେରାବେଳେ ରିଆ ଚକ୍ରବର୍ତ୍ତୀ ଦେଇଥିବା ସୂଚନା ଆଧାରରେ ଏନ୍‌ସିବି ପକ୍ଷରୁ ୨୫ଜଣ ବଲିଉଡ୍ କଳାକାରଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଏଥିସହିତ ସୁଶାନ୍ତଙ୍କ ସାଥୀ କଳାକାରଙ୍କୁ ମଧ୍ୟ ଡ୍ରଗ୍ସ ଲିଙ୍କ କାରବାରରେ ସମନ କରାଯିବ ବୋଲି ଏନ୍‌ସିବି ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଭାଇ ସୌଭିକଙ୍କୁ ବସାଇ ରିଆଙ୍କୁ ସାମ୍ନାସାମ୍ନି ଜେରା କରାଯାଇଥିଲା। ଏହାପରେ ଡ୍ରଗ୍ସ ଲିଙ୍କ କାରବାରରେ ସମ୍ପୃକ୍ତି ଥିବା ଅଭିଯୋଗରେ ରିଆଙ୍କୁ ଗିରଫ କରାଯାଇଥିଲା। ରିଆଙ୍କ ବିରୋଧରେ ଏନ୍‌ଡିପିସି ଆକ୍ଟର ବିଭିନ୍ନ ଦଫା ଲାଗିଛି। ଯାହାକି ଜାମିନ୍ ବିହୀନ ଅଟେ। ଯଦି ରିଆ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ୩ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ମଧ୍ୟ ମିଳିପାରେ। ପୂର୍ବରୁ ସୁଶାନ୍ତଙ୍କ ଆକାଉଣ୍ଟରୁ ଅର୍ଥ କାରବାର ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଧ୍ୟ ରିଆଙ୍କୁ ଜେରା କରିସାରିଛି। ଗତ ଜୁନ୍ ୧୪ରେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ତାଙ୍କ ବାନ୍ଦ୍ରାସ୍ଥିତ ଆପାର୍ଟମେଣ୍ଟରୁ ଉଦ୍ଧାର କରାଯାଇଥିଲା। ସୁଶାନ୍ତ ଆତ୍ମହତ୍ୟା କରିଥିବା କଥାକୁ କେହି ବିଶ୍ୱାସ କରିପାରି ନ ଥିଲେ। ସେତେବେଳେ ସୁଶାନ୍ତଙ୍କ ବାନ୍ଧବୀ ଅଭିନେତ୍ରୀ ☞ପୃଷ୍ଠା-୪

### ବିଳମ୍ବରେ ହେଲେ ବି ରିଆଙ୍କ ଅସଲ ମୁଖା ଖୋଲିଛି: ବିହାର ଡିଜିପି

ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ମାମଲାର ତଦନ୍ତ ଚାଲିଥିବାବେଳେ ମଙ୍ଗଳବାର ଏନ୍‌ସିବି ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ଗିରଫ କରିଛି। ଡ୍ରଗ୍ସ ନେବା ସମେତ ବିଭିନ୍ନ ଅଭିଯୋଗରେ ରିଆଙ୍କୁ ଗିରଫ କରାଯାଇଛି। ରିଆଙ୍କ ଗିରଫ ହେବା ବିହାରର ବିଜୟ ହୋଇଛି। ବିଳମ୍ବ ହେଲେ ବି ରିଆଙ୍କ ଅସଲ ମୁଖା ଖୋଲିଯାଇଛି। ଡ୍ରଗ୍ସ ମାଫିଆଙ୍କ ସହ ରିଆ ଚକ୍ରବର୍ତ୍ତୀଙ୍କ ସମ୍ପର୍କ ଥିବା ପ୍ରମାଣ ହୋଇଛି। ସୁଶାନ୍ତଙ୍କୁ ନ୍ୟାୟ ଦେବାରେ ଏହା ପ୍ରଥମ ପଦକ୍ଷେପ ବୋଲି ବିହାରର ପୋଲିସ ମହାନିର୍ଦ୍ଦେଶକ ଗୁପ୍ତେଶ୍ୱର ପାଣ୍ଡେ କହିଛନ୍ତି। ଲଗାତର ୩ଦିନ ମାରାଥନ ଜେରା ପରେ ରିଆ ମଙ୍ଗଳବାର ଗିରଫ ହୋଇଛନ୍ତି। ପୂର୍ବରୁ ତାଙ୍କ ଭାଇ ସୌଭିକ୍‌ଙ୍କୁ ଏନ୍‌ସିବି ଗିରଫ କରିଛି।

# କରୋନା ଆରୋଗ୍ୟଙ୍କ ସଂଖ୍ୟା ୧ ଲକ୍ଷ ଟପିଲା




**ଭୁବନେଶ୍ୱର, ୮।୯(ବ୍ୟୁରୋ):** ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ହୁ ହୁ ହୋଇ ବଢିଚାଲିଛି। ଏହି ସମୟରେ ଆରୋଗ୍ୟ ହାର ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ରାଜ୍ୟରେ ମଙ୍ଗଳବାର ସୁଦ୍ଧା କରୋନା ଆରୋଗ୍ୟଙ୍କ ସଂଖ୍ୟା ୧ ଲକ୍ଷ ଟପିଛି। ଏହି ବଡ଼ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ଯୁଦ୍ଧରେ ଆଗରେ ଥିବା ଡାକ୍ତର ଓ ଅନ୍ୟାନ୍ୟ କରୋନା ଯୋଦ୍ଧାଙ୍କୁ ସାଲ୍ୟୁଟ କରିଛନ୍ତି। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କରୋନା ମହାମାରୀ ବେଳେ ଏହା ରାଜ୍ୟ ପାଇଁ ଏକ ଗୌରବର ମୁହୂର୍ତ୍ତ। ରାଜ୍ୟରେ କରୋନା ଆରୋଗ୍ୟ ସଂଖ୍ୟା ୧ ଲକ୍ଷ ଅତିକ୍ରମ କରିଛି। ବହୁମୂଲ୍ୟ ଜୀବନ ବଞ୍ଚାଇବା ପାଇଁ ନିଜର ବୃହତ୍ ତ୍ୟାଗ କରୁଥିବା ହଜାର ହଜାର ସ୍ୱାସ୍ଥ୍ୟକର୍ମୀ ଓ ଉତ୍ସର୍ଗୀକୃତ କରୋନା ଯୋଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀ ସାଲ୍ୟୁଟ କରିଛନ୍ତି।

### ଯୋଦ୍ଧାଙ୍କୁ ସାଲ୍ୟୁଟ କଲେ ମୁଖ୍ୟମନ୍ତ୍ରୀ




### କେଶରୀ ଇନ୍ଷ୍ଟେଟର ନିର୍ଦ୍ଦେଶକ ଗିରଫ

........୩........

**ଆଜିର ମନ୍ତବ୍ୟ**

"ଭାରତୀୟ ଅନୁଷ୍ଠାନଗୁଡ଼ିକ ବିଭିନ୍ନ ପ୍ରକାର ଅନ୍ତର୍ଜାତୀୟସ୍ତରର ସାହିତ୍ୟ ସମ୍ମାନ ପ୍ରଦାନ ଉପରେ ଗୁରୁତ୍ୱ ଦେବା ଉଚିତ୍।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ସଙ୍କଟରେ ଭାରତୀୟ ଅର୍ଥ ବ୍ୟବସ୍ଥା

**ନୂଆଦିଲ୍ଲୀ, ୮।୯**

କରୋନା ମହାମାରୀ ସାରା ବିଶ୍ୱର ଅର୍ଥ ବ୍ୟବସ୍ଥାକୁ କ୍ଷତିଗ୍ରସ୍ତ କରିଛି। ଏହାର ପ୍ରଭାବରେ ଭାରତୀୟ ଅର୍ଥ ବ୍ୟବସ୍ଥା ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ -୨୩.୯% ଖସିଛି। ଫଳରେ ବିଶ୍ୱର ପ୍ରମୁଖ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ମଧ୍ୟରେ ଭାରତକୁ ସବୁଠାରୁ ବଡ ଝଟ୍‌କା ଲାଗିଛି। ଚଳିତ ଆର୍ଥିକ ବର୍ଷ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ଋଣାତ୍ମକ ରହିବ ବୋଲି ବିଶ୍ୱର ପ୍ରମୁଖ ରେଟିଂ ଏଜେନ୍ସିଗୁଡିକ ପୂର୍ବାନୁମାନ କରିସାରିଲେଣି। ବର୍ତ୍ତମାନ ଭାରତୀୟ ଅର୍ଥ ବ୍ୟବସ୍ଥା ସବୁଠାରୁ ସଙ୍କଟ ସ୍ଥିତି ଦେଇ ଗତି କରୁଥିବା ଏହି ଏଜେନ୍ସିଗୁଡିକ ମତ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷ ଦେଶର ଜିଡିପି ଯେଉଁ ହାରରେ ଖସିବ ବୋଲି ଏଜେନ୍ସିଗୁଡିକ ପୂର୍ବରୁ କହିଥିଲେ ତାକୁ ଏବେ ପରିବର୍ତ୍ତନ କରୁଛନ୍ତି। ପରିବର୍ତ୍ତିତ ଆକଳନକୁ ଦେଖିଲେ ଜିଡିପି ପୂର୍ବରୁ କେବେ ଏଭଳି ସ୍ଥିତି ଦେଇ ଗତି କରିନାହିଁ। ଏହା ଅତ୍ୟନ୍ତ ଚିନ୍ତାଜନକ ବୋଲି ବୋଲି ଅନୁମାନ କରିହେବ। ☞ପୃଷ୍ଠା-୪

### ୧୪.୮% ଖସିଯିବ ଜିଡିପି




| ରେଟିଂ ଏଜେନ୍ସିଗୁଡିକର ପୂର୍ବାନୁମାନ | |
|---|---|
| ଗୋଲ୍ଡ ମ୍ୟାନ ସ୍ୟାଚ୍ | ୧୪.୮% |
| ଫିଚ୍ | ୧୦.୫% |
| ନୋମୁରା | ୧୦.୮% |
| ଏଚ୍‌ଏସ୍‌ବିସି | ୭.୨ % |
| ମୋର୍ଗାନ ଷ୍ଟାନଲି | ୫ % |
| ଇଣ୍ଡିଆ ରେଟିଙ୍ଗ୍‌ସ | ୧୧.୮% |
| ଏସ୍‌ବିଆଇ ରିସର୍ଚ୍ଚ | ୧୦.୫% |




# ଦୋଷ ଲୁଚାଇବାକୁ ଯାଇ ଅଭିଯୋଗ

ନୂଆଦିଲ୍ଲୀ, ୮।୯

■ ଚାଇନା ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଭାରତର ଖଣ୍ଡନ
■ ଧରାପଡ଼ିଲା ପିଏଲ୍ଏର ଉଦ୍ଦେଶ୍ୟ
■ ଏଲ୍ଏସିରେ ଶାନ୍ତି ଓ ସ୍ଥିରତା ପ୍ରତି ଅଙ୍ଗୀକାରବଦ୍ଧ: ଭାରତ

ଭାରତୀୟ ସେନା ବେଆଇନ ଭାବେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲ୍ଏସି)ର ପାଙ୍ଗୁଙ୍ଗଶୋକୁ ଅତିକ୍ରମ କରିଛି ବୋଲି ଚାଇନା ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଭାରତ ମଙ୍ଗଳବାର ଖଣ୍ଡନ କରିଛି। ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ଚାଇନାର ସରକାରୀ ଗଣମାଧ୍ୟମ (ଗ୍ଲୋବାଲ୍ ଟାଇମ୍ସ)ରେ ଭାରତର ସୀମା ଅତିକ୍ରମ ନେଇ ଯେଉଁ ଖବର ପ୍ରକାଶ ପାଇଛି ତାହା ସମ୍ପୂର୍ଣ୍ଣ ଭୁଲ୍। ନିଜ ଦୋଷ ଲୁଚାଇବାକୁ ଯାଇ ଚାଇନା ଭାରତ ବିରୋଧରେ ଆଣିଥିବା ଅଭିଯୋଗରୁ ଦୂରେଇ ରହିବାକୁ ନୂଆଦିଲ୍ଲୀ ପକ୍ଷରୁ ବେଜିଂକୁ ଚେତାବନୀ ଦିଆଯାଇଛି।

ଭାରତୀୟ ସେନା ପକ୍ଷରୁ କୁହାଯାଇଛି ଯେ, ଚାଇନା ସେନା ମଙ୍ଗଳବାର ସକାଳେ ବିବାଦୀୟ ଲଦାଖ୍ ଅଞ୍ଚଳରେ ପ୍ରଥମେ ଗୁଳିମାଡ଼ କରିଥିଲା। ସେନା ମୁଖ୍ୟ ଜେନେରାଲ ମନୋଜ ନରଭାଣେ ଲଦାଖର ଦକ୍ଷିଣରେ ଚାଇନା ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଜଣାଇ ଦେଇଛନ୍ତି। ମିଳିଥିବା ଖବରରୁ ଜଣାପଡ଼ିଛି ଯେ, ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ପ୍ରଥମେ ସୋମବାର ଏଲ୍ଏସିର ଫରୱାର୍ଡ ପୋଜିଶନ୍‌ରେ ଆକ୍ରମଣ କରିଥିଲା। କିନ୍ତୁ ପିଏଲ୍ଏ ମିଛରେ ଭାରତୀୟ ସେନା ବିରୋଧରେ ଅଭିଯୋଗ ଆଣିଛି। ଏଲ୍ଏସିରେ କିଭଳି ଉତ୍ତେଜନା ହ୍ରାସ କରାଯାଇପାରିବ ସେ



ଦିଗରେ ଭାରତ ସର୍ବାଧିକ ସତର୍କତା ଅବଲମ୍ବନ କରିଚାଲିଛି। କୌଣସି ଭାବେ ଭାରତ ଏଲ୍ଏସି ଅତିକ୍ରମ କରିନାହିଁ କିମ୍ବା ଆକ୍ରମଣ କରିନାହିଁ। ବରଂ ପିଏଲ୍ଏ ମୁଖପାରୀ ଅଞ୍ଚଳର ସାଉଥ୍ ବ୍ୟାଙ୍କ୍ ନିକଟରେ ସୋମବାର ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ଭାରତୀୟ ସୀମା ଆଡ଼କୁ ମାଡ଼ିଆସିଥିଲା। ପିଏଲ୍ଏର ଉଦ୍ୟମକୁ ଭାରତୀୟ ସେନା ପଣ୍ଡ କରିବା ପରେ ଚାଇନା ଗଣମାଧ୍ୟମରେ ଭାରତ ବିରୋଧରେ ମିଛ ଅଭିଯୋଗ ଅଣାଯାଇଛି। ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିବାଲାଗି ଚାଇନା ଗଣମାଧ୍ୟମ ଭାରତୀୟ ସେନା ବିରୋଧରେ ମିଥ୍ୟା ଅଭିଯୋଗ କରୁଥିବା ଏହି ଘଟଣାରୁ ସ୍ପଷ୍ଟ ଜଣାପଡ଼ିଛି। ସେନା ମୁଖପାତ୍ରଙ୍କ କହିବା ଅନୁଯାୟୀ, ଭାରତୀୟ ସେନା ଏଲ୍ଏସିରେ ଶାନ୍ତି ବଜାୟ ରଖିବା ଲାଗି କାର୍ଯ୍ୟ କରୁଛି। ଏଲ୍ଏସିରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ଭାରତ ସର୍ବଦା ପ୍ରତିଶ୍ରୁତିବଦ୍ଧ। କିନ୍ତୁ ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହେଲେ ସେନା ଏହାର ଦୃଢ଼ ଜବାବ ଦେବ ବୋଲି ନୂଆଦିଲ୍ଲୀ ପକ୍ଷରୁ ବେଜିଂକୁ ଜଣାଇ ଦିଆଯାଇଛି।

ସାଉଥ୍ ବ୍ୟାଙ୍କ୍ ନିକଟରେ ଦୁଇ ଦେଶ ମଧ୍ୟରେ ଅଗଷ୍ଟ ୨୯ ଓ ୩୦ ମଧ୍ୟରାତ୍ରିଠାରୁ ଉତ୍ତେଜନା ଲାଗି ରହିଛି। ପିଏଲ୍ଏ ବେଆଇନ ଭାବେ ଏଲ୍ଏସି ଅତିକ୍ରମ କରିବାକୁ ଉଦ୍ୟମ କରିବା ପରେ ଭାରତୀୟ ସେନା ତାହାକୁ ଭଣ୍ଡୁର କରିଦେଇଥିଲା। ଫଳରେ ଥାକୁଙ୍ଗରୁ ରେଚିନ୍ ଲା ଏବଂ ଚୁସୁଲ୍ ସେକ୍ଟରର କେତେକ ଅଞ୍ଚଳକୁ ଭାରତୀୟ ସେନା ଅକ୍ତିଆର କରିଥିବା ସେନା ମୁଖପାତ୍ର କହିଛନ୍ତି। ହେଲେ ପିଏଲ୍ଏର ମନ୍ଦ ଉଦ୍ଦେଶ୍ୟ ଧରାପଡ଼ିଯିବା ପରେ ଚାଇନା ଗଣମାଧ୍ୟମରେ ଭାରତ ବିରୋଧୀ ଅପପ୍ରଚାର କରାଯାଉଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଭାରତରେ ପରୀକ୍ଷା ହେବ ରୁଷିଆ ଟିକା

ମସ୍କୋ,୮।୯




ରୁଷିଆର କରୋନା ଭାଇରସ୍ ଟିକା ସ୍ପୁଟନିକ-୫ର ଅନ୍ତିମ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ ଚଳିତ ମାସ ଭାରତରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ତେବେ ଭ୍ୟାକ୍ସିନ ପ୍ରସ୍ତୁତ କରିବାକୁ ଅର୍ଥ ଯୋଗାଇ ଦେଉଥିବା ଏଜେନ୍ସି ରୁଷିୟାନ ଡାଇରେକ୍ଟର ଇନ୍‌ଭେଷ୍ଟ ଫଣ୍ଡ(ଆର୍‌ଡିଆଇଏଫ୍)ର ସିଇଓ କିରିଲ ଦିମିତ୍ରେଜ କହିଛନ୍ତି, ଏହି ଟିକାର କ୍ଲିନିକାଲ ଟ୍ରାଏଲ ଭାରତ ସମେତ ୟୁଏଇ, ସୌଦି ଆରବ, ଫିଲିପାଇନ୍ସ ଓ ବ୍ରାଜିଲରେ ଚଳିତ ମାସରେ ଆରମ୍ଭ କରାଯିବ। ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ, ସ୍ପୁଟନିକ-୫ର କ୍ଲିନିକାଲ ଟ୍ରାଏଲ ୪୦ ହଜାର ଲୋକଙ୍କ ଉପରେ ଆରମ୍ଭ କରାଯାଇଛି। ଏହା ଚଳିତ ମାସରେ କରାଯାଉଥିବା ବେଳେ ଅକ୍ଟୋବର କିମ୍ବା ନଭେମ୍ବରରେ ଏହାର ପରିଣାମ ସାମ୍ନାକୁ ଆସିବ ବୋଲି ଦିମିତ୍ରେଜ କହିଛନ୍ତି। ଅନ୍ୟପଟେ ରୁଷିଆର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଚଳିତ ସପ୍ତାହରେ ସ୍ପୁଟନିକ-୫ ଭ୍ୟାକ୍ସିନ ରୁଷିଆର ସାଧାରଣ ନାଗରିକଙ୍କ ପାଇଁ ଉପଲବ୍ଧ ହେବ। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୧୧ ଅଗଷ୍ଟରେ ଲଞ୍ଚ୍ କରିଥିଲେ। ଏହାକୁ ମସ୍କୋର ଗାମଲେୟା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ମିଳିତ ସହଯୋଗରେ ଏଡେନୋଭାଇରସ୍ ବେସ ପ୍ରସ୍ତୁତ କରି ତିଆରି କରିଥିଲା।

## ୭ ଦିନରେ ୭ ହଜାରରୁ ଊର୍ଦ୍ଧ୍ୱ ମୃତ



**ନୂଆଦିଲ୍ଲୀ, ୮।୯:** ଦେଶରେ କରୋନା ମହାମାରୀ ସଂକ୍ରମଣ ଥମିବାର ନାଁ ଧରୁନି। ଗତ ୭ ଦିନରେ ଦେଶରେ ୭ ହଜାରରୁ ଅଧିକ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହି ସମୟ ମଧ୍ୟରେ ପ୍ରତିଦିନ ମୃତ୍ୟୁ ସଂଖ୍ୟା ୧ ହଜାରରୁ ଅଧିକ ରହୁଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୭୫ ହଜାର ୮୦୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଏହି ସମୟ ମଧ୍ୟରେ ୧୧୩୩ ଜଣଙ୍କ ମୃତ୍ୟୁ ଘଟିଛି। ଇତିମଧ୍ୟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୨ ଲକ୍ଷ ୮୦ ହଜାର ୪୨୩ ଛୁଇଁଛି। ସେହିପରି ମୃତକଙ୍କ ସଂଖ୍ୟା ୭୨ହଜାର ୭୭୫ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ୩୩ ଲକ୍ଷ ୨୩ ହଜାର ୯୫୧ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିପରି ୮ ଲକ୍ଷ ୮୩ ହଜାର ୬୯୭ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ସେପ୍ଟେମ୍ବର ୭ ସୁଦ୍ଧା ଦେଶରେ ୫କୋଟି ୬ ଲକ୍ଷ ୫୦ ହଜାର ୧୨୮ ଲୋକଙ୍କ ନମୁନା ପରୀକ୍ଷା କରାଯାଇଛି। ସୋମବାର ୧୦ ଲକ୍ଷ ୯୮ ହଜାର ୬୨୧ ଜଣଙ୍କ ନମୁନା ପରୀକ୍ଷା ହୋଇଥିବା ଆଇସିଏମ୍ଆର୍ ପକ୍ଷରୁ ସୂଚନା ଦିଆଯାଇଛି।

## ଜୟଶଙ୍କରଙ୍କ ୪ ଦିନିଆ ରୁଷ୍ ଗସ୍ତ

ନୂଆଦିଲ୍ଲୀ, ୮।୯



ଏସ୍. ଜୟଶଙ୍କର

ଭାରତ ଚାଇନା ମଧ୍ୟରେ ଏଲ୍ଏସିରେ ଉତ୍ତେଜନା ବଢ଼ି ଚାଲିଛି। ଏପରିସ୍ଥଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ୩ ଦିନିଆ ରୁଷ୍ ଗସ୍ତ ପରେ ଏବେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୪ ଦିନିଆ ଗସ୍ତ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସେ ସେପ୍ଟେମ୍ବର ୧୦ରେ ସାଙ୍ଘାଇ କୋପରେଶନ ଅର୍ଗାନାଇଜେଶନ(ଏସ୍‌ସିଓ)ର ବହିର୍ବ୍ୟାପାର ମନ୍ତ୍ରୀ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ରାଜନାଥ ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀ ସମ୍ମିଳନୀରେ ଯୋଗଦେଇଥିଲେ। ରାଜନାଥ ଏଲ୍ଏସି ଉତ୍ତେଜନା ପ୍ରସଙ୍ଗରେ ନିଜ ପକ୍ଷ ରଖିଥିଲେ। ଏବେ ଜୟଶଙ୍କର ମଧ୍ୟ ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୱିଙ୍କ ସହିତ ଆଲୋଚନା କରିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ରାଜନାଥଙ୍କ ରୁଷ୍ ଗସ୍ତ କାର୍ଯ୍ୟକ୍ରମ ପୂର୍ବ ନିର୍ଦ୍ଧାରିତ ଥିଲା। ତେବେ ସେ ହଠାତ୍ ଇରାନ୍ ଗସ୍ତ କରି ପ୍ରତିପକ୍ଷ ବ୍ରିଗେଡ଼ିୟର ଜେନେରାଲ ଆମିର ହାତାମିଙ୍କ ସହିତ ସାକ୍ଷାତ କରିଥିଲେ। ଚାଇନା ଇରାନ୍ ମଧ୍ୟରେ ସମ୍ପର୍କ ବଢୁଥିବାରୁ ହୁଏତ ରାଜନାଥ ଏପରି କରିଥିବା ନେଇ ଚର୍ଚ୍ଚା ହୋଇଥିଲା।

## ବିଡେନଙ୍କ ଉପରେ ବର୍ଷିଲେ ଟ୍ରମ୍ପ

ୱାଶିଂଟନ,୮।୯



ଜୋ ବିଡେନ



ଡୋନାଲ୍ଡ ଟ୍ରମ୍ପ

ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ଯେତେ ପାଖେଇ ଆସୁଛି ପରସ୍ପର ମଧ୍ୟରେ ପ୍ରତିଯୋଗିତା ସେତେ ବୃଦ୍ଧି ପାଇବାରେ ଲାଗିଛି। ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ସମୟରେ ପୁଣିଥରେ ବିପକ୍ଷ କରୋନା ଟିକାକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ କରୋନା ଭାଇରସ୍ ଭ୍ୟାକ୍ସିନକୁ ନେଇ ଉଠିଥିବା ଝଡ଼ ମଧ୍ୟରେ ଟ୍ରମ୍ପ ଡେମେକ୍ରାଟିକ ପାର୍ଟିର ପ୍ରାର୍ଥୀ ଜୋ ବିଡେନ ଓ ଉପରାଷ୍ଟ୍ରପତି ପ୍ରାର୍ଥୀ କମଲା ହ୍ୟାରିସଙ୍କୁ ଟାର୍ଗେଟ କରିଛନ୍ତି। ଏହି କ୍ରମରେ ଟ୍ରମ୍ପ ବିଡେନଙ୍କୁ ମୂଢ଼ ବୋଲି ମଧ୍ୟ କହିଛନ୍ତି। ସେ କହିଛନ୍ତି ବିଡେନ ଓ କମଲା କରୋନା ଭ୍ୟାକ୍ସିନକୁ ନେଇ ଆମେରିକାବାସୀଙ୍କ ମନରେ ଯେଉଁ ଭୁଲ ଧାରଣା ସୃଷ୍ଟି କରିଛନ୍ତି ସେଥିପାଇଁ ସେମାନେ କ୍ଷମା ମାଗିବା ଦରକାର। ଟ୍ରମ୍ପ ଆହୁରି ମଧ୍ୟ କହିଛନ୍ତି ଡେମୋକ୍ରାଟିକ ପ୍ରାର୍ଥୀ ବିଡେନ ଚାଇନା ଭାଇରସ ପାଖରେ ଦେଶକୁ ଆତ୍ମସମର୍ପଣ କରିବାକୁ ଚାହୁଁଛନ୍ତି।

## ଚାଇନା ବିରୋଧରେ ମଶାଲ ରାଲି

**ମୁଜାଫରାବାଦ୍, ୮।୯:** ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ଚାଇନା ବିରୋଧୀ ପ୍ରଦର୍ଶନ ଜାରି ରହିଛି। ସ୍ଥାନୀୟ ମୁଜାଫରବାଦ୍‌ରେ ନୀଲମ୍ ଏବଂ ଝେଲମ୍ ନଦୀରେ ନିର୍ମିତ ହେଉଥିବା ବନ୍ଧକୁ ସ୍ଥାନୀୟ ବାସିନ୍ଦା ବିରୋଧ କରି ମଶାଲ ରାଲି କରିଛନ୍ତି। ଏହି ବନ୍ଧ ଚାଇନା କମ୍ପାନୀ ଦ୍ୱାରା କରାଯାଉଛି। ଲୋକେ ହାତରେ ମଶାଲ ଧରି ପାକିସ୍ତାନ ଏବଂ ଚାଇନା ବିରୋଧୀ ସ୍ଲୋଗାନ୍ ଦେଇଛନ୍ତି। ସ୍ଥାନୀୟ ବାସିନ୍ଦା ଲଗାତର ବନ୍ଧ ନିର୍ମାଣ ବିରୋଧରେ ପ୍ରଦର୍ଶନ ଜାରି ରଖିଛନ୍ତି।

# ଫୁର୍‌ସତ୍

# 'ସ୍ପିକର ଟିଚର'



**ମୁମ୍ବାଇ:** କରୋନା ସଂକ୍ରମଣ ଯୋଗୁ ସ୍କୁଲ କଲେଜ ବନ୍ଦ ରହିଛି। ଏପରିସ୍ଥଳେ କେତେକ ସ୍କୁଲ ପକ୍ଷରୁ ଅନ୍‌ଲାଇନ୍ ପାଠପଢ଼ା ଜାରି ରହିଛି। ତେବେ ଯେଉଁ ପିଲାଙ୍କ ପାଖରେ ସ୍ମାର୍ଟଫୋନ୍ ନାହିଁ ସେମାନେ କିଭଳି ପାଠ ପଢ଼ିବେ। ଏହି ସମସ୍ୟାର ସମାଧାନ ପାଇଁ ମହାରାଷ୍ଟ୍ରରେ ସ୍ମାର୍ଟଫୋନ୍ ନ ଥିବା ପିଲାଙ୍କୁ ପାଠ ପଢ଼ାଇବା ପାଇଁ 'ସ୍ପିକର ଟିଚର' ବ୍ୟବସ୍ଥା କରାଯାଇଛି। ରାଜ୍ୟର ୩୫ଟି ଗାଁରେ ଏଭଳି ଶିକ୍ଷକଙ୍କ ଦ୍ୱାରା ପାଠପଢ଼ା ଜାରି ରହିଛି। ପାଲଘର ଜିଲାର ମୋଖାଡ଼ା ତହସିଲ୍‌ରେ ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖି ପାଠପଢ଼ା ଯାଉଛି। ଶିକ୍ଷକ ଲାଉଡ୍ ସ୍ପିକର ଧରି ପାଠପଢ଼ାଉଛନ୍ତି। ଇତିମଧ୍ୟରେ ସମ୍ପୃକ୍ତ ଗାଁଗୁଡ଼ିକର ୧୨ ଶହରୁ ଅଧିକ ପିଲା ପାଠପଢ଼ା କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହାଦ୍ୱାରା ପିଲାମାନେ ଉପକୃତ ହେଉଥିବା ଦିଗନ୍ତ ସ୍ୱରାଜ ଫାଉଣ୍ଡେଶନର ନିର୍ଦ୍ଦେଶକ ରାହୁଲ ଦିବରେକର ସୂଚନା ଦେଇଛନ୍ତି। ପ୍ରତିଦିନ ସକାଳେ ଅଢ଼େଇ ଘଣ୍ଟା ଶିକ୍ଷାଦାନ କରାଯାଉଥିବା ସେ କହିଛନ୍ତି।

## ମା' ମୋର ପ୍ରେରଣା

ଜାହ୍ନବୀ କପୁର



**ମୁମ୍ବାଇ:** ଶ୍ରୀଦେବୀ ତନୟା ଜାହ୍ନବୀ କପୁର ଏବେ ଦକ୍ଷିଣମୁହାଁ ହେବାର ଯୋଜନା କରୁଛନ୍ତି। ଜାହ୍ନବୀ ଧୀରୁ ଭାଇ ଅମ୍ବାନୀ ଶିକ୍ଷାନୁଷ୍ଠାନରୁ ଗ୍ରାଜୁଏଟ୍ ହେବାପରେ ବଲିଉଡ୍‌ରେ ପାଦ ଥାପିଥିଲେ। ଛୋଟବେଳୁ ତାଙ୍କର ଫିଲ୍ମ ପ୍ରତି ଆଗ୍ରହ ଥିଲା। ପରିବାରରେ ସମସ୍ତଙ୍କର ଫିଲ୍ମରେ ସମ୍ପୃକ୍ତି ଥିବାରୁ ତାଙ୍କୁ ମଧ୍ୟ ଫିଲ୍ମରେ ଅଭିନୟ କରିବାକୁ ଇଚ୍ଛା ହୋଇଥିଲା। ୨୦୧୮ରେ ସେ 'ଧଡ଼କ' ଫିଲ୍ମରୁ ଡେବ୍ୟୁ କରିଥିଲେ। ଫିଲ୍ମଟି ସୁପରହିଟ୍ ହେବା ସହ ଫ୍ୟାନମାନଙ୍କ ହୃଦୟ ମଧ୍ୟ କିଣିପାରିଥିଲା। ଏହାପରେ ଜାହ୍ନବୀ ଆଉ ପଛକୁ ଫେରି ନାହାନ୍ତି। କାମ ଜାରି ରଖିଛନ୍ତି। ଏଥିଲାଗି ତାଙ୍କ ମା'ଙ୍କୁ ସବୁବେଳେ ସେ ନିଜର ପ୍ରେରଣା ବୋଲି ମାନନ୍ତି। ଆଜି ତାଙ୍କ ମା' ନାହାନ୍ତି ସତ କିନ୍ତୁ ସେ ସବୁବେଳେ ତାଙ୍କ ମା'ଙ୍କୁ ଗର୍ବିତ କରିବେ ବୋଲି ଇନ୍‌ଷ୍ଟାରେ ଏକ ପୋଷ୍ଟରେ କହିଛନ୍ତି। ଶ୍ରୀଦେବୀ ବଲିଉଡ୍‌ର ଜଣେ ସଫଳ ଅଭିନେତ୍ରୀ। ସେ ସାଉଥ୍ ଇଣ୍ଡଷ୍ଟ୍ରିରେ ବେଶ୍ ପରିଚିତ ଥିଲେ। ଏବେ ଜାହ୍ନବୀଙ୍କୁ ତେଲୁଗୁ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ସେ ତେଲୁଗୁ ସୁପରଷ୍ଟାର୍ ଜୁନିୟର୍ ଏନ୍‌ଟିଆରଙ୍କ ବିପକ୍ଷରେ ତାଙ୍କ ଡେବ୍ୟୁ କରିପାରନ୍ତି। ଚଳଚ୍ଚିତ୍ରର ଟାଇଟଲ ରହିଛି 'ଆଇନାନୁ ପୋଇ ରାଭଲେ ହସ୍ତିନାକୁ'। ସୂଚନା ମୁତାବକ, ଚଳଚ୍ଚିତ୍ର ନିର୍ମାତା ଜୁନିୟର୍ ଏନ୍‌ଟିଆର୍‌ଙ୍କ ବିପକ୍ଷରେ ଅଭିନୟ ପାଇଁ ଏକ ନୂଆ ମୁହଁ ସନ୍ଧାନ କରୁଥିଲେ। ସେଥିଲାଗି ଜାହ୍ନବୀଙ୍କ ସହ ଆଲୋଚନା ଚାଲିଛି। ଯଦି ସବୁ କିଛି ଠିକ୍‌ଠାକ୍ ରୁହେ, ଖୁବ୍‌ଶୀଘ୍ର ଏହାର ଶୁଟିଂ ଆରମ୍ଭ ହେବ। ଆଗକୁ ଜାହ୍ନବୀ ବଲିଉଡ୍ ଚଳଚ୍ଚିତ୍ର 'ଦୋସ୍ତାନା-୨' ଓ 'ତଖତ୍'ରେ ମଧ୍ୟ ନଜର ଆସିବେ।

## ଫୋନ୍ ଫେରାଇବାକୁ ଆସିଲେ ଚୋର

**କୋଲକାତା:** ଚୋରି ହୋଇଯାଇଥିବା ଜିନିଷକୁ ପୁଣି ଥରେ ଫେରିପାଇବା କେତେଜଣଙ୍କ ପାଇଁ ସମ୍ଭବ ହୋଇଥାଏ! ହେଲେ ବେଳେବେଳେ ଚୋର ନିଜେ ଆସି ଚୋରି ଜିନିଷ ଫେରାଇ ଦେଇ ଆଶ୍ଚର୍ଯ୍ୟ କରି ଦେଇଥାନ୍ତି। ଏମିତି ଏକ ଘଟଣା ଏବେ ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନ ଜିଲା ଜାମଲାପୁରରେ ଚର୍ଚ୍ଚାର ବିଷୟ ହୋଇଛି।

ଜାମଲାପୁରର ଜଣେ ବ୍ୟକ୍ତିଙ୍କର ସ୍ମାର୍ଟଫୋନ୍‌ଟି ଚାରିଦିନ ତଳେ ଏକ ଦୋକାନରୁ ଚୋରି ହୋଇଯାଇଥିଲା। ଫୋନ୍‌ର ଦାମ୍ ୪୫ ହଜାର ଟଙ୍କା ହୋଇଥିବାରୁ ବ୍ୟକ୍ତି ଜଣକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଫୋନ୍‌ଟିକୁ ଠାବ କରି ପାରି ନ ଥିଲା। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ବ୍ୟକ୍ତି ଜଣକ ହଠାତ୍ ତାଙ୍କ ଫୋନ୍ ଫେରି ପାଇଥିଲେ। କାରଣ ନିଜେ ଚୋର ହିଁ ତାଙ୍କୁ ଫେରାଇ ଦେଇ ଯାଇଥିଲେ। ଚୋର ନିଜେ ଫୋନ ସୁଇଚ୍ ଅନ୍ କରି ସେଥିରେ ଫୋନ୍ ରିସିଭ୍ କରି ଫୋନ୍ ଫେରାଇବାକୁ ଚାହୁଁଥିବା ପୋଲିସକୁ କହିଥିଲେ। କାରଣ ଚୋର ସେହି ଫୋନ୍‌କୁ ଅପରେଟିଂ କରିବା ଆଦୌ ଜାଣିପାରି ନ ଥିଲେ। ଏକଥା କହି ଚୋର ପୋଲିସ ମାଧ୍ୟମରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫୋନ୍‌ଟି ଫେରାଇ ଦେଇ ଯାଇଥିଲେ। ଖାଲି ସେତିକି ନୁହେଁ ଫୋନ୍‌ଟି ଚୋରି କରିଥିବା ନେଇ ବ୍ୟକ୍ତି ଜଣଙ୍କ ପାଖରେ ଚୋର ଦୁଃଖ ପ୍ରକାଶ ବି କରିଥିଲେ। ତେବେ ଫୋନ୍ ମାଲିକଙ୍କ ଅନୁରୋଧ ପରେ ପୋଲିସ ଚୋର ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଛାଡ଼ି ଦେଇଛି।



## ଫରୱାର୍ଡ ପୋଷ୍ଟରେ ମହିଳା ଡାକ୍ତର

**ନୂଆଦିଲ୍ଲୀ:** ଲାଇନ୍ ଅଫ୍ ଆକ୍‌ଚୁଆଲ କଣ୍ଟ୍ରୋଲ(ଏଲ୍ଏସି)ରେ ଚାଇନା ସହ ଲାଗି ରହିଥିବା ବିବାଦ ମଧ୍ୟରେ ଇଣ୍ଡୋ ତିବ୍ବତ ବର୍ଡର ପୋଲିସ ପ୍ରଥମଥର ଲାଗି ମହିଳା ଡାକ୍ତରଙ୍କୁ ଲଦାଖର ଫରୱାର୍ଡ ପୋଷ୍ଟରେ ନିୟୋଜିତ କରିଛି। ଲେହରୁ ସେନା ପଠାଇବାଠାରୁ ଆରମ୍ଭ କରି ଆଗକୁ ଏମାନଙ୍କର ଦେଖାରଖା ପାଇଁ ଆଇଟିବିପିର ମହିଳା ଡାକ୍ତରଙ୍କୁ ସବୁ ପ୍ରକାରର ଦାୟିତ୍ୱ ଦିଆଯାଇଛି। ସୀମାରେ ଲାଗି ରହିଥିବା ଉତ୍ତେଜନା ପରିସ୍ଥିତିକୁ ଦେଖି ଆଇଟିବିପି ତା'ର ସାଧାରଣ ସଞ୍ଚାଳନ ପ୍ରକ୍ରିୟାରେ ପରିବର୍ତ୍ତନ କରିଛି। ପ୍ରଥମେ ଏଭଳି ସ୍ଥାନରେ କୌଣସି ମହିଳାଙ୍କୁ ଅବସ୍ଥାପିତ କରିବାକୁ ଅନୁମତି ନ ଥିଲା। ତେବେ ଆଇଟିବିପି ଲିଙ୍ଗଗତ ତାରତମ୍ୟକୁ ପଛକୁ ପକାଇ କିଛି ସପ୍ତାହ ପୂର୍ବରୁ ମହିଳା ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କୁ ଲଦାଖ ପଠାଇଛି। ପାରା ମେଡିକାଲ କର୍ମଚାରୀଙ୍କ ସହ ମିଶି ଏମାନେ ଯବାନଙ୍କୁ ସୁରକ୍ଷା ପ୍ରଦାନ କରିବେ। ଏହାସହ ଫାର୍ମାସିଷ୍ଟ ଓ ନର୍ସିଂ ସହାୟକଙ୍କୁ ଯେ କୌଣସି ପରିସ୍ଥିତିର ସାମ୍ନା କରିବାକୁ ବହୁ ପରିମାଣରେ ନିୟୋଜିତ କରାଯାଇଛି। ସୂଚନାଯୋଗ୍ୟ, ଲେହରେ ସାରା ଦେଶରୁ ବହୁ ପରିମାଣର ସେନା ପହଞ୍ଚିଥାଆନ୍ତି। ସେମାନଙ୍କ ମେଡିକାଲ ଯାଞ୍ଚ ସହ ଫିଟ୍‌ନେସ୍ ପ୍ରମାଣପତ୍ର ଆବଶ୍ୟକ ହୋଇଥାଏ। ଏଠାରେ ଥିବା ଡାକ୍ତରଙ୍କ ଦାୟିତ୍ୱ କେବଳ ଫିଟ୍ ଯବାନଙ୍କୁ ଫରୱାର୍ଡ ପୋଷ୍ଟକୁ ପଠାଇବା।



## ସିମ୍ କାର୍ଡରେ ସୋନୁ



**ନୂଆଦିଲ୍ଲୀ:** ଅଭିନେତା ସୋନୁ ସୁଦ୍‌ଙ୍କ ପାଇଁ ଏବେ ଦେଶର ପ୍ରାୟ ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି ହୋଇଛି। କିଛି ଲୋକ ସୋନୁଙ୍କୁ ପାଗଳ ପରି ଭଲ ପାଉଛନ୍ତି। ସେଥିପାଇଁ କିଏ ନିଜ ଦେହରେ ସୋନୁଙ୍କ ଟାଟୁ ଆଙ୍କି ତାଙ୍କୁ ସବୁଦିନ ମନେ ରଖିବାକୁ ଚାହୁଁଛନ୍ତି ତ ଆଉ କିଏ ତାଙ୍କର ପ୍ରତିକୃତି ତିଆରି କରି ରଖୁଛନ୍ତି। ସୋନୁଙ୍କୁ ସବୁଦିନ ମନେରଖିବା ପାଇଁ ସୋମିନ୍ ନାମକ ଜଣେ ବ୍ୟକ୍ତି ନିଜ ସିମ୍ କାର୍ଡରେ ତାଙ୍କ ଫଟୋକୁ ଆଙ୍କିଛନ୍ତି।

ସିମ୍ କାର୍ଡରେ ସୋନୁଙ୍କ ଫଟୋ ଆଙ୍କିଥିବା ନେଇ ସୋମିନ୍ ନିଜେ ତାଙ୍କ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। ଏହା ସହିତ ସେ କହିଛନ୍ତି ସୋନୁ ପ୍ରକୃତରେ ବହୁତ ବଡ଼ କାମ କରୁଛନ୍ତି। ତାଙ୍କ କାମକୁ ଯେତେ ପ୍ରଶଂସା କଲେ ବି କମ୍ ହେବ। ସେଥିପାଇଁ ସେ ସିମ୍ କାର୍ଡରେ ତାଙ୍କୁ ସବୁଦିନ ପାଇଁ ରଖିଛନ୍ତି। ସୋସିଆଲ ମିଡିଆରେ ଏବେ ସୋନୁଙ୍କ ପ୍ରଶଂସା କଥା କାହାକୁ ଅଛପା ନାହିଁ। ହେଲେ ସୋମିନ୍ ସୋସିଆଲ ମିଡିଆରେ ନିଜ ସିମ୍ କାର୍ଡ ସମ୍ପର୍କରେ ସୋନୁ ସୁଦ୍‌ଙ୍କୁ ହିଁ ଜଣାଇବାକୁ ଚାହୁଁଥିଲେ। ଅପରପକ୍ଷରେ ସୋନୁ ମଧ୍ୟ ସୋମିନ୍‌ଙ୍କ ଟୁଇଟ୍‌କୁ ପ୍ରଶଂସା କରି ପ୍ରତିକ୍ରିୟା ଦେଇଛନ୍ତି।

ସୋନୁଙ୍କ ପାଇଁ ସୋମିନ୍‌ଙ୍କର ଏହି ପୋଷ୍ଟକୁ ଟୁଇଟରରେ ହଜାର ହଜାର ଲୋକ ଫଲୋ କରିଛନ୍ତି। ସୋନୁଙ୍କୁ ପ୍ରଶଂସା କରିବା ପାଇଁ ଏହି ପୋଷ୍ଟ ଏବେ ଭାଇରାଲ ହୋଇଛି ଏବଂ ଅନେକେ ଏହାର ପ୍ରତିକ୍ରିୟାରେ ସୋନୁଙ୍କୁ ପ୍ରଶଂସା କରିବାର ସୁଯୋଗ ହରାଇ ନାହାନ୍ତି। ଲକ୍‌ଡାଉନ୍ ପରେ ସୋନୁ ଯେଉଁଭଳି ଭାବେ ଜନତାଙ୍କୁ ସାହାଯ୍ୟ କରିଛନ୍ତି ସେ ହିଁ ପ୍ରକୃତରେ ହିରୋ ବୋଲି ପ୍ରମାଣିତ ହୋଇଥିବା ଲୋକେ କହୁଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୭୫,୬୦,୬୯୬ | ୮,୯୭,୯୮୫ | ୧,୯୬,୫୫,୭୩୯ |
| ଭାରତ | ୪୩,୧୩,୧୨୯ | ୭୩,୧୦୫ | ୩୩,୫୨,୩୧୬ |
| ଓଡ଼ିଶା | ୧,୩୧,୩୮୨ | ୫୬୯(+୫୩) | ୧,୦୨,୧୮୫ |

ମଙ୍ଗଳବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସଂକ୍ରମଣ ୧ଲକ୍ଷ ୩୧ ହଜାର ପାର୍

## ୩,୪୯୦ ନୂଆ ଆକ୍ରାନ୍ତ, ୧୩ମୃତ

- ଖୋର୍ଦ୍ଧାରେ ଆକ୍ରାନ୍ତ ସଂଖ୍ୟା ୨୨,୭୧୭ ଛୁଇଁଲା
- ରାଜ୍ୟରେ ମୃତ୍ୟୁ ସଂଖ୍ୟା ୫୬୯କୁ ବୃଦ୍ଧି

ଭୁବନେଶ୍ୱର, ୮।୯(ବ୍ୟୁରୋ)

କରୋନାରେ ରାଜ୍ୟରେ ଦୈନିକ ୩ହଜାର ଉପରେ ଆକ୍ରାନ୍ତ ହେଉଛନ୍ତି। ଶେଷ ୨୪ ଘଣ୍ଟା ମଧ୍ୟରେ ୪୧,୨୭୫ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥିରୁ ୩,୪୯୦ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧରୁ ୨୦୯୪ଜଣ ଥିବାବେଳେ ୧୩୯୬ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୩୧ ହଜାର ୩୮୨କୁ ବୃଦ୍ଧି ପାଇଛି।

ସରକାରଙ୍କ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ପୂର୍ବଭଳି ଖୋର୍ଦ୍ଧା ଜିଲାରେ ପୁଣି ସର୍ବାଧିକ ୫୩୫ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିପରି କଟକ ଜିଲାରୁ ୩୭୬ଜଣ ଚିହ୍ନଟ ହୋଇଥିବାବେଳେ ବଲାଙ୍ଗୀର ୧୧୦, ରାୟଗଡ଼ା ୨୦୬, ପୁରୀ ୨୧୭, ଯାଜପୁର ୧୭୮, ମୟୂରଭଞ୍ଜ ୨୦୭ , ଝାରସୁଗୁଡ଼ା ୧୦୩, ସୁବର୍ଣ୍ଣପୁର ୧୦୭ ଓ ନୂଆପଡ଼ା ଜିଲାରୁ ୧୦୨ଜଣ ରହିଛନ୍ତି। ଏଥିସହ ଅନ୍ୟସବୁ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଏହା ତଳକୁ ରହିଛି। ତେବେ ପୂର୍ବରୁ ଶୀର୍ଷରେ ରହିଆସୁଥିବା ଗଞ୍ଜାମ ଜିଲାରୁ ମାତ୍ର ୬୯ଜଣ ପଜିଟିଭ୍ ବାହାରିଥିବାବେଳେ ବୌଦ୍ଧ ଜିଲାରୁ ସର୍ବନିମ୍ନ ୨୫ଜଣ ନୂଆ ଆକ୍ରାନ୍ତ ରହିଛନ୍ତି। ତେବେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ବର୍ତ୍ତମାନ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୨,୭୧୭ଜଣ ସଂକ୍ରମିତ ହୋଇଥିବାବେଳେ ଏହା ତଳକୁ ରହିଥିବା ଗଞ୍ଜାମରେ ସଂକ୍ରମିତଙ୍କ ସଂଖ୍ୟା ୧୮,୮୧୨ ପହଞ୍ଚିଛି। ସେହିଭଳି କଟକ ୧୧,୧୨୭, ରାୟଗଡ଼ା ୫୬୬୮, ମୟୂରଭଞ୍ଜ ୫୦୮୦, ଯାଜପୁର ୫୦୬୬, ସୁନ୍ଦରଗଡ଼ ୫୦୦୭, ପୁରୀ ୪୮୪୦, ବାଲେଶ୍ୱର ୪୫୨୭, କୋରାପୁଟ ୪୨୪୪, ବରଗଡ଼ ୩୬୮୦, ନୟାଗଡ଼ ୩୪୭୨, ସମ୍ବଲପୁର ୩୪୬୦, ଭଦ୍ରକ ୩୪୫୭, କେନ୍ଦ୍ରାପଡ଼ା ୩୩୯୪, ଗଜପତି ୩୦୪୭, ମାଲକାନଗିରି ୨୬୦୭, କନ୍ଧମାଳ ୨୫୨୦, କେନ୍ଦୁଝର ୨୫୦୭, ଜଗତ୍‌ସିଂହପୁର ୨୪୬୩, ବଲାଙ୍ଗୀର ୨୨୦୯, ଢେଙ୍କାନାଳ ୨୧୪୫, ଝାରସୁଗୁଡ଼ା ୨୦୭୮, କଳାହାଣ୍ଡି ୧୬୭୭, ନବରଙ୍ଗପୁର ୧୫୧୨, ଅନୁଗୋଳ ୧୩୭୫, ସୁବର୍ଣ୍ଣପୁର ୧୨୯୧, ନୂଆପଡ଼ା ୯୮୮, ବୌଦ୍ଧ ୮୬୮ ଓ ଦେବଗଡ଼ରେ ସବୁଠାରୁ କମ୍ ୨୯୨ ଆକ୍ରାନ୍ତ ହୋଇଛନ୍ତି।



ଅନ୍ୟପକ୍ଷରେ ରାଜ୍ୟରେ ଆଉ ୧୩ଜଣଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୫୬୯କୁ ବୃଦ୍ଧି ପାଇଛି। ପୁରୀରୁ ସର୍ବାଧିକ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ୬୦ବର୍ଷୀୟ ମହିଳା ଓ ଅନ୍ୟ ଦୁଇଜଣ ୪୫ ଓ ୬୦ ବର୍ଷୀୟ ପୁରୁଷ ରହିଛନ୍ତି। ସେହିପରି ରାୟଗଡ଼ା, ଗଞ୍ଜାମ ଓ ମୟୂରଭଞ୍ଜରୁ ୨ଜଣ ଲେଖାଏ ଏବଂ ଭୁବନେଶ୍ୱର, କଟକ, କନ୍ଧମାଳ ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ପୁରୁଷ ଆକ୍ରାନ୍ତ ପ୍ରାଣ ହରାଇଛନ୍ତି।

# କେଶରୀ ଇଷ୍ଟେଟ ନିର୍ଦ୍ଦେଶକ ଗିରଫ

## ସାଢ଼େ ୫ କୋଟି ଠକେଇ ମାମଲା

ଭୁବନେଶ୍ୱର,୮।୯ (ବ୍ୟୁରୋ)

ଘର ଦେବା ଆଳରେ ଜମାକାରୀଙ୍କଠାରୁ ସାଢେ ୫ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ କେଶରୀ ଇଷ୍ଟେଟର ନିର୍ଦ୍ଦେଶକଙ୍କୁ ଗିରଫ କରିଛି। ସେ ହେଲେ ଫରେଷ୍ଟ ପାର୍କ ପ୍ଲଟ ନଂ.୨୬୧ରେ ରହୁଥିବା ଅକ୍ଷୟ କୁମାର ଚୌଧୁରୀ। କ୍ରାଇମବ୍ରାଞ୍ଚ ତାଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା (ନଂ.୬/୨୦) ରୁଜୁ କରି କଟକ ଓପିଆଇଡି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଏହି ସଂସ୍ଥାର ଏମ୍‌ଡିଥିବା ଅଜୟ ଚୌଧୁରୀ, ବିଦ୍ୟୁଲତା ଚୌଧୁରୀ ଏବଂ ଆଲୋକ ଚୌଧୁରୀଙ୍କୁ ଗିରଫ ପାଇଁ ଇଓଡବ୍ଲ୍ୟୁ ବିଭିନ୍ନ ସ୍ଥାନରେ ଚଢାଉ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ,ଖାରବେଳନଗର ଥାନା ଅନ୍ତର୍ଗତ କେଶରୀ ଟକିଜ ନିକଟରେ ଉକ୍ତ ବିଲ୍ଡର ସଂସ୍ଥା ଅଫିସ ଖୋଲି ଲୋକଙ୍କୁ ଜମି ଓ ଘର ବିକ୍ରି କରୁଥିଲା। ଏହି ସଂସ୍ଥା ୨୦୦୮ରେ ପୋଖରୀପୁଟ ନିକଟରେ ୩୦ଟି ଡୁପ୍ଲେକ୍ସ ପ୍ରୋଜେକ୍ଟ ଆରମ୍ଭ କରିଥିଲା। ଏଥିପାଇଁ ଲୋକଙ୍କଠାରୁ ୩୦ଲକ୍ଷ ଲେଖାଏ ନେଇଥିଲା। ପରବର୍ତ୍ତୀ ସମୟରେ ବିଡିଏ ଅନୁମତି ମିଳୁ ନ ଥିବା କହି ସମୟ ଗଡାଇବା ସହ ଲୋକଙ୍କୁ ଭୁଆଁ ବୁଲାଇଥିଲା। କିନ୍ତୁ ଉକ୍ତ ସଂସ୍ଥା ବିଡ଼ିଏ ଆପ୍ରୁଭାଲ ପାଇଁ କୌଣସି ଆବେଦନ କରି ନ ଥିବା ଜଣାପଡିବା ପରେ ଜମାକାରୀମାନେ ଟଙ୍କା ଫେରିପାଇବା ପାଇଁ ଦାବି କରିବାରୁ ୨୦୧୩ରେ ଅନ୍ୟଏକ ପ୍ରୋଜେକ୍ଟ ଯଦୁପୁରରେ ଆରମ୍ଭ କରିଥିଲା। ସେଠାରେ ୪୪ଟି ଡୁପ୍ଲେକ୍ସ ହେବ ଓ ପ୍ରଥମେ ଟଙ୍କା ଦେଇଥିବା ଲୋକଙ୍କୁ ଘର ଦିଆଯିବ ବୋଲି ସଂସ୍ଥା ପ୍ରତିଶ୍ରୁତି ଦେବା ସହ ବିଶ୍ୱାସ ଜନ୍ମାଇବା ପାଇଁ ବିଡ଼ିଏ ଆପ୍ରୁଭାଲ ଦେଖାଇଥିଲା। ଏଥିସହ ସମ୍ପୃକ୍ତ ଲୋକଙ୍କଠାରୁ ଆଉ କିଛି ଟଙ୍କା ମଧ ନେଇଥିଲା। ଏପରି ଭାବେ ୧୮ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାଢେ ୫ କୋଟି ଟଙ୍କା ଦେଇ ଘର ପାଇବାକୁ ଅନାଇ ବସିଥିଲେ। ହେଲେ କିଛି ବି ନିର୍ମାଣ କାର୍ଯ୍ୟ ନ ହେବାରୁ ଲୋକେ ସଂସ୍ଥାର କାର୍ଯ୍ୟାଳୟକୁ ଯାଇ ହୋହଲ୍ଲା କରିବା ସହ ଟଙ୍କା ଫେରାଇବାକୁ ଦାବି କରିଥିଲେ। ଲୋକଙ୍କ ଅସନ୍ତୋଷ ଦେଖି ସଂସ୍ଥା ପକ୍ଷରୁ ସେଠାରେ ପାଚେରି ଓ କିଛି ଖୁଣ୍ଟ ନିର୍ମାଣ କରି ପରେ ବନ୍ଦ କରିଦେଇଥିଲା। ଜମାକାରୀମାନେ ସଂସ୍ଥାର କାର୍ଯ୍ୟାଳୟକୁ ଯାଇ ତାଲା ଝୁଲୁଥିବା ଦେଖିବା ପରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଏନେଇ ଗତମାସ ୩୦ ତାରିଖରେ 'ଧରିତ୍ରୀ' ଖବର ପ୍ରକାଶ ପାଇଥିଲା। ଇଓଡବ୍ଲ୍ୟୁ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଶେଷରେ ସୋମବାର ରାତିରେ ଅକ୍ଷୟଙ୍କୁ ତାଙ୍କ ଫରେଷ୍ଟ ପାର୍କସ୍ଥିତ ଘରୁ ଗିରଫ କରିଥିଲା।

SAHARA INDIA PARIWAR

**ଭାରତମାତା**
**ସମସ୍ତ ପ୍ରକାର ବିପଦରୁ ସୁରକ୍ଷା ପାଇଁ ଆମର ଶକ୍ତି**



ଆପଣଙ୍କର ସୁଖ ସମୟରେ ପ୍ରତ୍ୟେକ ଆପଣଙ୍କ ପ୍ରତି ସଚ୍ଚୋଟ, ସହାୟକ, ସମ୍ମାନପୂର୍ଣ୍ଣ ଏବଂ ଅନେକ କିଛି ଦେଖାଦେଇଥାନ୍ତି ।

କିନ୍ତୁ ଆପଣଙ୍କର ଟିକିଏ ପ୍ରତିକୂଳ ପରିସ୍ଥିତିରେ ବହୁତ ଲୋକ ଆପଣଙ୍କ ପ୍ରତି ବେଇମାନ, ଅନାବଶ୍ୟକ ରୂପରେ ବିରୋଧି, ସମ୍ମାନ କରୁ ନଥିବା ଲୋକ ହୋଇଯାଇଥାନ୍ତି; ମିଡିଆରେ ଭୁଲ୍ କଥାର ପ୍ରଚାର କରିବାରେ ଲାଗିଥାନ୍ତି ଏବଂ ଏପରିକି ପିଆଇଏଲ୍ ନେଇ ନ୍ୟାୟାଳୟକୁ ଚାଲିଯାଇଥାନ୍ତି ।

ଏକ ଛୋଟିଆ ନାକାରାତ୍ମକ କଥାକୁ ଏତେ ବଢାଇ ଚଢାଇ କହିଦିଅନ୍ତି ଯେ, ଆପଣଙ୍କର ସମସ୍ତ ସାକାରାତ୍ମକ ଏବଂ ଭଲ ବିଚାର ନିଷ୍ଠୁରତାର ସହ ଅଣଦେଖା କରିଦିଆଯାଏ ।

ଏହା ହେଉଛି ଆଜିର ଦୁନିଆ । ଏହା ଦୁଃଖର ବିଷୟ କିନ୍ତୁ ଏହାକୁ ଆମେ ବଦଳାଇ ଦେଇ ପାରିବା ନାହିଁ । ଆମକୁ ଏହା ସହିତ ହିଁ ଜୀବନ ବିତାଇବାକୁ ପଡିବ ।

ଏହି ସମୟରେ ଆମ ପାଖରେ ଏକ ଛୋଟିଆ ନାକାରାତ୍ମକ ବିନ୍ଦୁ ଅଛି କି ଆମେ ଆମର ସମ୍ମାନିତ ନିବେଶକର୍ତ୍ତାମାନଙ୍କୁ ବିଳମ୍ବରେ ପେୟ କରୁଅଛେ; ଯଦିଓ ଆମେ ବିଳମ୍ବିତ ସମୟର ସଂପୂର୍ଣ୍ଣ ସୁଧ ଦେଉଅଛେ ।

**ବିଳମ୍ବରେ ପରିଶୋଧର କାରଣ**

**ବିଗତ 7 ବର୍ଷରୁ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟର ପ୍ରତିବନ୍ଧ (ଏମ୍ବାର୍ଗୋ) କାରଣରୁ ସାହାରା ଗ୍ରୁପ୍ (କୋଅପରେଟିଭ୍ ସହିତ) ନିଜର ଯେ କୌଣସି ପରିସଂପତ୍ତି ବିକ୍ରି କରି, ବନ୍ଧା ରଖି କିମ୍ବା ସଂଯୁକ୍ତ ଉଦ୍ୟମ ବଳରେ ଯଦି କୌଣସି ଧନ ଯୋଗାଡ କରନ୍ତି ତେବେ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶାନୁସାରେ ସେହି ଧନ ସାହାରା-ସେବି ଖାତାରେ ଜମା ହେଉଅଛି । ଏହି ପରି ପ୍ରାପ୍ତ ଧନରାଶିରୁ ଆମେ ଗୋଟିଏ ଟଙ୍କା ମଧ୍ୟ ସଂସ୍ଥାଗତ କାର୍ଯ୍ୟରେ ଉପଯୋଗ କରିପାରିବୁ ନାହିଁ, ଏପରିକି ସମ୍ମାନିତ ନିବେଶକଙ୍କର ପୁନଃପରିଶୋଧ ପାଇଁ ମଧ୍ୟ ନୁହେଁ ।**

**ଅନ୍ୟପକ୍ଷରେ ଏହା କି ସାହାରା ସେବି ଖାତାରେ ନୂଆ ସୁଧ ଏ ପର୍ଯ୍ୟନ୍ତ ଆମର ପ୍ରାୟ ₹22,000 କୋଟି ଜମା ହୋଇଗଲାଣି ।ଏବଂ ବିଗତ 7 ବର୍ଷରେ ସାରା ଦେଶର 154ଟି ଖବରକାଗଜରେ ସେବି ଦ୍ୱାରା 4 ଥର ବିଜ୍ଞାପନ ଦେବା ପରେ ମଧ୍ୟ ସେବି ସମ୍ମାନିତ ନିବେଶକମାନଙ୍କୁ ମାତ୍ର ₹106.10 କୋଟି ପରିଶୋଧ କରିପାରିଛି । ନିଜର ଶେଷ ବିଜ୍ଞାପନରେ ଯାହା ପାଖାପାଖି ଏକ ବର୍ଷ ପୂର୍ବରୁ ପ୍ରକାଶିତ ହୋଇଥିଲା, ସେବି ସ୍ପଷ୍ଟ ଭାବରେ କହିଥିଲା କି ଏହା ପରେ କୌଣସି ମଧ୍ୟ ଦାବି ସ୍ୱୀକାର କରିବ ନାହିଁ ଅର୍ଥାତ୍ ଏବେ ଆଉ କେହି ଦାବି କରିବାର ଲୋକ ନାହାନ୍ତି । ସେବି ପାଖକୁ ଦାବି ନ ଆସିବାର ଏକମାତ୍ର କାରଣ ଏହି କି ସାହାରା ଗ୍ରୁପ୍ ନିଜର ସମ୍ମାନିତ ନିବେଶକମାନଙ୍କର ପୁନଃପରିଶୋଧ ପ୍ରଥମରୁ ହିଁ କରିସାରିଥିଲା । ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ₹22,000 କୋଟିର ଏହି ରାଶି ଯାଞ୍ଚ୍ ପରେ ଅନ୍ତତଃ ସାହାରାକୁ ଫେରସ୍ତ ମିଳିଯିବ ।**

ଏସବୁ ସତ୍ତ୍ୱେ ମଧ୍ୟ ଆମର ଆଧାର ବହୁତ ମଜଭୁତ ଅଟେ । ଆମର ସମ୍ମାନିତ ନିବେଶକମାନଙ୍କର କିମ୍ବା ସାହାରର ଯେ କୌଣସି ଋଣଗ୍ରହିତାଙ୍କ ଗୋଟିଏ ଟଙ୍କା ମଧ୍ୟ କୌଣସି ବିପଦରେ ନାହିଁ । ନିଜର ପଇସାକୁ ନେଇ କାହାକୁ ମଧ୍ୟ ଭୟଭୀତ ହେବାର ଆବଶ୍ୟକ ନାହିଁ । ସେମାନଙ୍କ ଗୋଟିଏ ଗୋଟିଏ ପଇସା ସୁରକ୍ଷିତ ଅଛି ।

**ଆମର ପରିସଂପତ୍ତିର ନବୀନତମ ଏବଂ ସର୍ବାଧିକ ସଠିକ୍ ମୂଲ୍ୟ ₹2,59,900 କୋଟି ଅଟେ ।**

ଆମେ ନିଜର ଏହି ମୂଲ୍ୟ ତଥା ମୌଳିକ ସିଦ୍ଧାନ୍ତରେ ପ୍ରତିବଦ୍ଧ ଅଟୁ ଯାହା ବହୁତ ମଜବୁତ ଅଟେ ଏବଂ ଆମର ସାର୍ବଜାନିକ କାର୍ଯ୍ୟ-ବ୍ୟବହାରରେ ଗଭୀର ଭାବରେ ବ୍ୟାପ୍ତ ଅଛି ।

**ସାହାରା ଇଣ୍ଡିଆ ପରିବାରର ଆମେ 12 ଲକ୍ଷ ପରିବାରବଦ୍ଧ କାର୍ଯ୍ୟକର୍ତ୍ତାଗଣ**

# ଋଣ ପରିଶୋଧ ନ କଲେ ବାଜ୍ୟାପ୍ତ ହେବ ବନ୍ଧକ ସମ୍ପତ୍ତି

## ଅର୍ଥ ନିଗମର ଚେତାବନୀ

ଭୁବନେଶ୍ୱର ୮।୯(ବ୍ୟୁରୋ)

କରୋନା ମହାମାରୀ ଯୋଗୁ ରାଜ୍ୟ ଅର୍ଥନୀତି ମାନ୍ଦାବସ୍ଥା ଦେଇ ଗତି କରୁଛି। ରାଜ୍ୟ ସରକାର ବିଭିନ୍ନ ବକେୟା, ଋଣ ଓ ଟିକସ ଆଦାୟ କରିବାକୁ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟ ଅର୍ଥନିଗମରୁ ବହୁ ଶିଳ୍ପ ସଂସ୍ଥା ଋଣ ନେଇ ପରିଶୋଧ କରୁ ନାହାନ୍ତି। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ୮୨୬୪ ଜଣ ଋଣ ଗ୍ରହୀତାଙ୍କ ଉପରେ ୨୫୫ କୋଟି ଟଙ୍କାର ମୂଳ ରାଶିକୁ ମିଶାଇ ମୋଟ ୩ ହଜାର କୋଟିରୁ ଉର୍ଦ୍ଧ୍ୱ ରାଶି ବକେୟା ରହିଛି। ଏହାକୁ ଆଦାୟ କରିବାକୁ ନିଗମ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯେଉଁ ଋଣ ଗ୍ରହିତାମାନେ ନିର୍ଦ୍ଦିଷ୍ଟ ସମୟ ଭିତରେ ତାହା ପଇଠ କରିବାରେ ବିଫଳ ହେବେ ସେମାନଙ୍କ ବନ୍ଧକ ଥିବା ସମ୍ପତ୍ତିକୁ ଆଇନ ଅନୁଯାୟୀ ଜବତ କରି ଋଣ ଅର୍ଥ ପରିଶୋଧ କରାଯିବ ବୋଲି ନିଗମ ପକ୍ଷରୁ ଚେତାବନୀ ଦିଆଯାଇଛି।

ମଙ୍ଗଳବାର ନିଗମ ଅଧକ୍ଷ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ବିଭିନ୍ନ ସଂସ୍ଥାକୁ ଦିଆଯାଇଥିବା ଋଣର ସମୀକ୍ଷା କରାଯାଇଛି। ବକେୟା ଅନାଦେୟ ଋଣ ଆଦାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟର ଶିଳ୍ପଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏମ୍‌ଏସ୍‌ଏମ୍‌ଇ ବିଭାଗକୁ ଚଳଚଞ୍ଚଳ କରିବାକୁ ପଦକ୍ଷେପ ନିଆଯିବ। ସମସ୍ତ ଋଣ ଗ୍ରହିତାଙ୍କୁ ବକେୟା ଥିବା ଋଣ ରାଶି ଯଥାଶୀଘ୍ର ପଇଠ କରିବାକୁ ଖୁବଶୀଘ୍ର ନୋଟିସ ଯିବ। ଯୁଦ୍ଧକାଳୀନ ଭିତ୍ତିରେ ବିଭିନ୍ନ କୋର୍ଟଗୁଡିକରେ ଦୀର୍ଘଦିନ ଧରି ପଡ଼ି ରହିଥିବା ମକଦ୍ଦମାଗୁଡ଼ିକୁ ଫଇସଲା କରାଯାଇ ଋଣ ଆଦାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଯେଉଁମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ପରିଶୋଧ ପାଇଁ ଇଚ୍ଛୁକ ଅଛନ୍ତି ସେମାନେ ତୁରନ୍ତ ଋଣ ରାଶି ପଇଠ କରିବାକୁ କୁହାଯାଇଛି। ନଚେତ ସେମାନଙ୍କ ଦ୍ୱାରା ଦିଆଯାଇଥିବା ବନ୍ଧକ ସମ୍ପତ୍ତିକୁ ନିଲାମ କରାଯିବ।



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ସ୍ମୃତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୯୨୯ ହେଲ୍ପଲାଇନ ସେଣ୍ଟର ଦେଖିଲେ ଅନୁ ଗର୍ଗ

**ଭୁବନେଶ୍ୱର ୮।୯(ବ୍ୟୁରୋ)**

ବିଏମ୍‌ସି ପାଇଁ ନିଯୁକ୍ତ କୋଭିଡ୍-୧୯ ପର୍ଯ୍ୟବେକ୍ଷକ ତଥା ଜଳ ସମ୍ପଦ ବିଭାଗ ସଚିବ ଅନୁ ଗର୍ଗ ମଙ୍ଗଳବାର '୧୯୨୯ ଭୁବନେଶ୍ୱର କଲ ସେଣ୍ଟର' ପରିଦର୍ଶନ କରିଛନ୍ତି। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ (ବିଏସ୍‌ସିଏଲ)ର ଭୁବନେଶ୍ୱର ପରିଚାଳନା ସେଣ୍ଟରେ ଏହା ଅବସ୍ଥିତ। କରୋନା ପର୍ଯ୍ୟବେକ୍ଷକ ଅନୁ ଗର୍ଗ ତାଙ୍କ ଗସ୍ତ ସମୟରେ କଲ ସେଣ୍ଟର କାର୍ଯ୍ୟନିର୍ବାହୀଙ୍କୁ ଧୈର୍ଯ୍ୟର ସହ କୋଭିଡ ପଜିଟିଭ ମାମଲାକୁ ସମ୍ଭାଳିବା ପାଇଁ କରିବାକୁ ପରାମର୍ଶ ଦେଇଛନ୍ତି। ଏଭଳି ଜରୁରୀକାଳୀନ ସମୟରେ କରୋନା ରୋଗୀଙ୍କ ମନରେ ଭୟର ଶଙ୍କା ଦୂର କରିବା ଲାଗି ସେମାନଙ୍କୁ ସାହାସ ଦେବା ଦରକାର। ଏହାଦ୍ୱାରା କରୋନା ରୋଗୀ ଭୟଭୀତ ଏବଂ ଚାପରେ ରହିବେ ନାହିଁ। ୧୯୨୯ ଭୁବନେଶ୍ୱର ହେଲ୍ପଲାଇନ ଗୋଟିଏ ବ୍ୟବସ୍ଥା ଯାହାଦ୍ୱାରା ରାଜଧାନୀ ଲୋକେ କରୋନା ଜନିତ ସମସ୍ୟା ସମ୍ପର୍କରେ ଜାଣି ପାରୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାକଲା ଗାମୁଛା ଫାଳେ ପାନ**
**ଘରେ ନ ଥାଉ ସେରେ ଧାନ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେଜଣ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବା ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହାବା ମାରିଥାନ୍ତି। ଘରେ କିଛି ନ ଥାଉ ପଛେ ବାହାରେ ଫୁଟାଣି କାହିଁରେ କେତେ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

**ପ୍ରଥମ ପୃଷ୍ଠାରୁ...**

## ଅଭିନେତ୍ରୀ ରିଆ...

ରିଆ ବିବାଦ ମଧ୍ୟକୁ ପଶି ଆସିଥିଲେ। ଏହି ଘଟଣାର ସିବିଆଇ ତଦନ୍ତ ନିମନ୍ତେ ସୁଶାନ୍ତଙ୍କ ପରିବାର ପକ୍ଷରୁ ବାଧ୍ୟ କରାଯାଇଥିଲା। ପରେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ସୁଶାନ୍ତଙ୍କ ସହ ରିଆଙ୍କ ସମ୍ପର୍କ ଏବଂ ଡ୍ରଗ୍ସ ଲିଙ୍କ କାରବାର ସମ୍ପର୍କରେ ଜଣାପଡ଼ିବା ପରେ ଏନ୍‌ସିବି ଏହାର ତଦନ୍ତ ଭାର ନେଇଥିଲା। ଇତିମଧ୍ୟରେ ରିଆଙ୍କ ସମେତ ଏନ୍‌ସିବି ୧୦ଜଣଙ୍କୁ ଗିରଫ କରିଛି। ଆଗକୁ ଏହି ଘଟଣାରେ ଅନେକ ତଥ୍ୟ ପର୍ଦ୍ଦାଫାଶ ହେବ ବୋଲି ଏନ୍‌ସିବି ଅଧିକାରୀ ପ୍ରକାଶ କରିଛନ୍ତି। ଡ୍ରଗ୍ସ ଲିଙ୍କ ମାମଲାରେ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ଗିରଫ ହେବା ପରେ ପ୍ରତିକ୍ରିୟା ରଖିଛନ୍ତି ସୁଶାନ୍ତଙ୍କ ଭଉଣୀ ଶ୍ୱେତା ସିଂହ କୀର୍ତ୍ତି ଭଗବାନ ତାଙ୍କ ସହିତ ଅଛନ୍ତି ବୋଲି ଟୁଇଟ କରି ନିଜର ପ୍ରତିକ୍ରିୟା ରଖିଛନ୍ତି।

## ସଙ୍କଟରେ ଭାରତୀୟ...

ଆମେରିକାର ବ୍ରୋକରେଜ ଏଜେନ୍ସି ଗୋଲ୍ଡ ମ୍ୟାନ ସ୍ୟାଚ୍ ମଙ୍ଗଳବାର କହିଛି ଯେ, ୨୦୨୦-୨୧ରେ ଭାରତୀୟ ଅର୍ଥ ବ୍ୟବସ୍ଥା ପ୍ରାୟ ୧୪.୮% ଖସିବ। ଭାରତ ବର୍ତ୍ତମାନ କରୋନା ସଂକ୍ରମଣରେ ଦ୍ୱିତୀୟ ସ୍ଥାନରେ ରହିଛି। ସେପ୍ଟେମ୍ବର ତ୍ରୈମାସରେ ଜିଡିପି ୧୩.୭%, ଡିସେମ୍ବର ତ୍ରୈମାସରେ ୯.୮% ଖସିବା ନେଇ ଏହା ଆକଳନ କରିଛି। ଏହି ଅବଧିରେ ଜିଡିପି ୧୦.୭% ଏବଂ ୬.୭% ଖସିବ ବୋଲି ଏହା ପୂର୍ବରୁ କହିଥିଲା। ମାତ୍ର ବର୍ତ୍ତମାନ ସ୍ଥିତି ବିଗୁଡୁଥିବାରୁ ଏହା ପୂର୍ବର ଆକଳନକୁ ପରିବର୍ତ୍ତନ କରିଥିବା ଜଣାପଡିଛି। ୨୦୨୦ରେ ଦେଶର ରିୟଲ ଜିଡିପି ୧୧.୧% ଏବଂ ଆର୍ଥିକ ବର୍ଷ ୨୦୨୦-୨୧ରେ ୧୪.୮% ଖସିବା ନେଇ ଏହି ଏଜେନ୍ସି ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ଏହି ଅବଧିରେ ଦେଶର ଜିଡିପି ୧୧.୮% ଖସିବା ନେଇ ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ କହିସାରିଛି। ସେହିଭଳି ୧୦.୯% ଜିଡିପି ହ୍ରାସ ନେଇ ଏସ୍‌ବିଆଇ ରିସର୍ଚ୍ଚ ପୂର୍ବରୁ ରିପୋର୍ଟ ପ୍ରଦାନ କରିଛି। ଚଳିତ ଆର୍ଥିକ ବର୍ଷ ଭାରତର ଜିଡିପି ୧୦.୫% ହ୍ରାସ ହେବା ନେଇ ଫିଚ୍ ରେଟିଂ ସୂଚନା ଦେଇଛି। ଅଭିବୃଦ୍ଧି ୫% ଖସିବା ନେଇ ଏହି ଏଜେନ୍ସି ପୂର୍ବରୁ ମତ ରଖିଥିଲା।

ଏଭଳି ସ୍ଥିତିରେ ରେଟିଂ ଏଜେନ୍ସି ନୋମୁରା ଭାରତର ଅଭିବୃଦ୍ଧି -୧୦.୮% ଖସିବା ନେଇ ପୂର୍ବାନୁମାନ କରିଛି। ସେହିଭଳି ଏଚ୍‌ଏସ୍‌ବିସି -୭.୨%, ମୋର୍ଗାନ ଷ୍ଟାନଲି -୫% ଜିଡିପି ହ୍ରାସ ନେଇ ଏହାର ରିପୋର୍ଟରେ ଆକଳନ କରିଥିବା ଜଣାପଡିଛି। ୨୦୨୧-୨୨ରେ ଅଭିବୃଦ୍ଧି ସ୍ଥିତାବସ୍ଥାକୁ ଫେରିବା ସହ ୧୫.୭% ଛୁଇଁପାରେ। ୨୦୨୦ ଜୁନରେ ହୋଇଥିବା କ୍ଷତି ପୂରଣ ହେବା ଲାଗି ୨୦୨୧ ଜୁନ ଯାଏ ସମୟ ଲାଗିପାରେ। ୨୦୨୧ର ଏପ୍ରିଲ-ଜୁନ ସମୟରେ ରିଅଲ ଜିଡିପି ଅଭିବୃଦ୍ଧି ୨୭.୧% ରହିବା ନେଇ ଗୋଲ୍ଡମ୍ୟାନ ସ୍ୟାଚ୍ ଆଶ ପ୍ରକଟ କରିଛି। ସୂଚନା ଯୋଗ୍ୟ, କରୋନା ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ଗତ ୪ ଦଶନ୍ଧିର ସବୁଠାରୁ ଖରାପ ସ୍ଥିତିକୁ ଚାଲିଯାଇଛି। କରୋନା ଦ୍ୱାରା ବେଶି ପ୍ରଭାବିତ ହୋଇଥିବା ଦେଶ ଆମେରିକା ଏବଂ ଇଟାଲି ଠାରୁ ମଧ୍ୟ ଭାରତର ଜିଡିପି ହ୍ରାସ ଅଧିକ ରହିଛି। ଏହା ବଜାର ବିଶେଷଜ୍ଞଙ୍କ ଚିନ୍ତାକୁ ବଢାଇଥିବା କୁହାଯାଉଛି।

# ସ୍କୁଲ ଯାଇପାରିବେ ୯ମରୁ ଦ୍ୱାଦଶ ଛାତ୍ରୀଛାତ୍ର

**ଭୁବନେଶ୍ୱର,୮।୯(ବ୍ୟୁରୋ)**

ଆସନ୍ତା ୨୧ ତାରିଖରୁ ୯ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଶିକ୍ଷକମାନଙ୍କଠାରୁ ପାଠ ବୁଝିବା ଓ ପରାମର୍ଶ ନେବା ପାଇଁ ସ୍କୁଲକୁ ଯାଇ ପାରିବେ। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସ୍ପେଶାଲ ଅପରେଟିଂ ପ୍ରୋସିଡ୍ୟୁର (ଏସ୍‌ଓପି) ଜାରି କରାଯାଇଛି। ସ୍କୁଲକୁ ଯିବା ବେଳେ ମାସ୍କ ଓ ସାନିଟାଇଜର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ସ୍କୁଲରେ ପିଲାମାନେ ପରସ୍ପରଠାରୁ ୬ ଫୁଟ ଦୂରତା ବଜାୟ ରଖିବେ। ସାବୁନରେ ବାରମ୍ବାର ହାତ ଧୋଇବା କିମ୍ବା ସାନିଟାଇଜର ବ୍ୟବହାର କରିବାକୁ ପରାମର୍ଶ

## ଅଭିଭାବକଙ୍କ ଅନୁମତି ଜରୁରୀ

ଦିଆଯାଇଛି। କାଶିବା ଓ ଛିଙ୍କିବା ବେଳେ ମୁହଁକୁ ଭଲ ଭାବେ ଢାଙ୍କିବାକୁ ଏସଓପିରେ ପରାମର୍ଶ ଦିଆଯାଇଛି। କୌଣସି ଖାଲି ସ୍ଥାନରେ ଛେପ ପକାଇବାକୁ ବାରଣ କରାଯାଇଛି। ନିଜ ସ୍ୱାସ୍ଥ୍ୟ ବିଷୟରେ ନିଜେ ଯତ୍ନ ଦେବେ। ସ୍କୁଲ ଯିବାକୁ ଇଚ୍ଛାଧୀନ କରାଯାଇଛି। ନିଜ ଅଭିଭାବକଙ୍କଠାରୁ ଲିଖିତ ଅନୁମତି ନେଇ ଛାତ୍ରୀଛାତ୍ରମାନେ ସ୍କୁଲକୁ ଯାଇ ପାରିବେ। କଣ୍ଟେନମେଣ୍ଟ ଜୋନ ବାହାରେ ସ୍କୁଲ ଖୋଲିବାକୁ ଯୋଜନା କରାଯାଇଛି। ତେବେ ଅନଲାଇନ କ୍ଲାସ ଜାରି ରଖିବାକୁ ପରାମର୍ଶ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କୃତ୍ତିକା ନକ୍ଷତ୍ର ଆଜି ପ୍ରତ୍ୟେକ ଦିଗରୁ ମନ ଖୁସୀ ରହିବ, କାମଗୁଡ଼ିକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ନିକଟ ସମ୍ପର୍କୀୟମାନଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ**
ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ ହେବ। ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ମୃଗଶିରା ନକ୍ଷତ୍ର ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ।

**ମିଥୁନ**
ପାରିବାରିକ କ୍ଷେତ୍ରରେ ଯେଉଁ ସମସ୍ୟା ରହିଛି ହଠାତ୍ କୌଣସି ଦୃଢ ପଦକ୍ଷେପ ନେଲେ ଝମେଲା ଅଧିକ ବଢି ଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ।

**କର୍କଟ**
ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆପଣଙ୍କ ଆଶଙ୍କା ଅପରାହ୍ନେ ଦୂର ହୋଇପାରିବ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହା କି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରେ।

**ସିଂହ**
ଆଜି ବିଭିନ୍ନ ସମସ୍ୟା ମଧ୍ୟରେ ପିଲାମାନଙ୍କ ସ୍ଥିତି ସକାଶେ ମନ ଅସ୍ଥିର ରହିବ। ଆର୍ଥିକ ଅଭାବ ଓ ଅନଟନ ଜନିତ ଧାର କରଜ କରିବାହେତୁ ମନ ବେଶି ବିବ୍ରତ ରହିବ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି, ଯାହା କି ସମସ୍ୟାକୁ ବୃଦ୍ଧି କରିବ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ।

**କନ୍ୟା**
ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସୀ ହୋଇଯିବ। ବନ୍ଧୁଙ୍କ ବାଣିଜ୍ୟ, ବ୍ୟବସାୟ ଓ ନିର୍ମାଣ, କଂଟ୍ରାକ୍ଟରୀ, ହୋଟେଲ ଏବଂ ରେଷ୍ଟୁରାଣ୍ଟ ପ୍ରଭୃତିରୁ ଲାଭବାନ୍ ହେବେ। ବହୁତ ଦିନ ହେଲା ଇଚ୍ଛା କରୁଥିବା ଓ ଆଜି ସୁଦ୍ଧା ପାଇ ପାରି ନ ଥିବା ଜିନିଷଟି ପାଇ ପାଇ ଖୁସୀ ହେବେ।

**ତୁଳା**
ଆଜି ଦିନଟିରେ ଆପଣ ଯେମିତି ଚାହୁଁଛନ୍ତି ସେମିତି କାମ କରନ୍ତୁ କିଛି ଅସୁବିଧା ହେବନି। ଘରେ ପିଲାର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ଦୀର୍ଘଦିନ ହେଲା ଆପଣ ଯାହାକୁ ଭଲ ଭାବୁଛନ୍ତି ସେ ହିଁ ସମସ୍ୟାର କାରଣ ହୋଇପାରେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। ବନ୍ଧୁଙ୍କ ସହ ଆଲୋଚନା ସମୟରେ ସାଧାରଣ କଥାରେ ପ୍ରତିବାଦ କରି ଟେନ୍ସନ୍‌କୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ**
ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କଳାଧନ, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କୀୟ ଅଯଥା ଚିନ୍ତା ମନକୁ ବିବ୍ରତ କରିପାରେ। ଆଜି ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରିପାରନ୍ତି।

**ମକର**
ଆଜି ଆପଣ ବିଶେଷ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ, ସୁବିଧାରେ ହୋଇଯିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଟକି ଥିବା କାମଟି ସହଜରେ ହାସଲ କରିବେ।

**କୁମ୍ଭ**
ଆଜିର ବିବାଦୀୟ ପରିସ୍ଥିତି ଭିନ୍ନ ଆକାର ଧାରଣ କରିପାରେ,ଏଣୁ ସତର୍କରେ କାମ କରିବା ଭଲ। କଠିନ ଶ୍ରମ ଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡା, ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ**
ଆଜିର କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ଏଣୁ ମନ ହାଲୁକା ହୋଇଯିବ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ।

ଆଜି ଆଶ୍ୱିନ କୃଷ୍ଣ ସପ୍ତମୀ ବୁଧବାର, ନଭେମ୍ବର ୯ ତାରିଖ, ରାଶିନକ୍ଷତ୍ର- ଦିବା ଘ.୧୧.୧୪ମି.ଗତେ, କୃତ୍ତିକା/ବୃଷ, ବିଛା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ସପ୍ତମୀର ଶ୍ରାଦ୍ଧ, ଦିବା ଘ.୦୫.୩୬ମି.ଗତେ ଘ.୦୭.୧୪ମି.ମଧ୍ୟେ, ଘ.୦୯.୪୧ମି.ଗତେ ଘ.୧୧.୧୯ମି. ମଧ୍ୟେ, ଘ.୦୩.୨୪ମି.ଗତେ ଘ.୦୫.୦୨ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୩୮ମି. ଗତେ ଘ.୦୮.୫୯ମି.ମଧ୍ୟେ, ରାତ୍ରି ଘ.୦୧.୪୧ମି. ଗତେ ଘ.୦୫.୩୬ମି. ମଧ୍ୟେ ଅମୃତବେଳା। ଦିବା ଘ.୦୧.୪୬ମି. ଗତେ ଘ.୦୩.୨୪ମି.ମଧ୍ୟେ, ରାତ୍ରି ଘ. ୦୮.୫୯ମି. ଗତେ ଘ.୧୦.୩୩ ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ. ୧୧.୪୩ମି.ଗତେ ଘ.୦୧.୧୫ମି. ମଧ୍ୟେ ରାହୁକାଳ।

# ହୀରାକୁଦ ଡ୍ୟାମ୍ ଜଳସ୍ତର ୬୨୬.୬୯ ଫୁଟ

## ୨ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୮।୯ (ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମର ଜଳସ୍ତର ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ୬୨୬.୬୯ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୬୩ ହଜାର ୧୬୬ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ୧ଟି ଓ ବାମ ପାର୍ଶ୍ୱର ୧ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନାଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୫୧ ହଜାର ୨୬୧ କ୍ୟୁସେକ ଜଳ ନିଷ୍କାସନ ହେଉଛି। ମିଳିଥିବା ରିପୋର୍ଟ ଅନୁଯାୟୀ ବେଲଗାଁରେ ୨୨ ହଜାର, ପଥର୍ଲାରେ ୪୦ ହଜାର ୯୩୪, ଖଇରମାଲରେ ୮୬ ହଜାର, ବରମୁଲାରେ ୧ ଲକ୍ଷ ୬ ହଜାର ୫୦୦, ମୁଣ୍ଡଳିରେ ୧ ଲକ୍ଷ ୧୮ ହଜାର ୭୬୭ କ୍ୟୁସେକ ଜଳ ପ୍ରବାହିତ ହେଉଛି।

# ସେବାୟତଙ୍କ ଘରକୁ ଯାଇ ହେବ ସର୍ଭେ

**ପୁରୀ ଅଫିସ,୮।୯:** ପୁରୀରେ କରୋନା ସ୍ଥିତି ଭୟଙ୍କର ହେବାରେ ଲାଗିଛି। ଏଥିରେ ସେବାୟତଙ୍କ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବାରୁ ମହାପ୍ରଭୁଙ୍କ ସେବାପୂଜାକୁ ନେଇ ଆଶଙ୍କା ବଢ଼ିବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସେବାୟତ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବ। ବୁଧବାରଠାରୁ ପ୍ରତି ସେବାୟତଙ୍କ ଘରକୁ ଯାଇ ସର୍ଭେ ହେବ। ଏଥିଲାଗି ୫ ଟିମ୍ ଗଠନ କରାଯାଇଛି। ପ୍ରତି ଟିମ୍‌ରେ ଜଣେ ଲେଖାଏ ଏଏନ୍‌ଏମ୍, ଆଶା ରହିବେ। ସେମାନଙ୍କୁ ସହଯୋଗ କରିବା ଲାଗି ଜଣେ ଲେଖାଏ ଜେଟିପି ଏବଂ ସହାୟକଙ୍କୁ ନିୟୋଜିତ କରାଯାଇଛି। ଅର୍ଥାତ୍ ଗୋଟିଏ ଟିମ୍‌ରେ ୪ ଜଣ ସଦସ୍ୟ ରହିବେ। ଦିନକୁ ଗୋଟିଏ ଟିମ୍ ୬୦ ପରିବାର ଅର୍ଥାତ୍ ୫ଟି ଟିମ୍ ୩୦୦ ସେବାୟତ ପରିବାରର ସ୍ୱାସ୍ଥ୍ୟ ଯାଞ୍ଚ କରିବେ। ଯଦି କାହାର ଥଣ୍ଡା, କାଶ, ଶର୍ଦ୍ଦି କିମ୍ବା ଫ୍ଲୁର ଲକ୍ଷଣ ଥାଏ ତେବେ ସେମାନଙ୍କର କୋଭିଡ୍ ଟେଷ୍ଟ କରାଯିବ। ୭ ଦିନ ମଧ୍ୟରେ ପ୍ରାୟ ୨,୨୦୦ ପରିବାରର ସର୍ଭେ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ବହୁ ସଂଖ୍ୟକ ସେବାୟତ କରୋନା ସଂକ୍ରମିତ ହୋଇସାରିଲେଣି। ସେବାୟତଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଭାବେ ହୋଟେଲ 'ରକ୍ ବେ'ରେ ବ୍ୟବସ୍ଥା କରାଯାଇଛି। ସେଠାରେ ଏବେ ୪୦ଜଣ ସେବାୟତ ଏବଂ ତାଙ୍କ ପରିବାର ସଦସ୍ୟ ରହିଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ସେବାୟତ ଏବଂ ତାଙ୍କ ପରିବାର ସଦସ୍ୟ ସଂକ୍ରମିତ ହେଉଥିବାରୁ ବଡ଼ଦାଣ୍ଡସ୍ଥ ନୀଳାଚଳ ଭକ୍ତ ନିବାସରେ ସେମାନଙ୍କ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଜେନା କହିଛନ୍ତି।


# classifieds Everyday
0674-2580101, 2549302




**BRIDE WANTED**

Son Age 30 B.Tech NIT, Rourkela MBA IIM, Lucknow working in Mumbai corporate office of bank 20 laks, caste Brahmin 6372748613. D-18156

Groom: Khandayat, Excellent public relation-cum-Business-cum-Law Officer, Science Doctorate, PGDCA, Vizag Company. 8594848637, 9853218740. D-69912

**GROOM WANTED**

Beautiful Khandayat girl 1995/ 5'2", BSC, MBA Origin, Bhubaneswar, "VAISNABI". 7008967858. D-69336

ନୟାଗଡ଼ ବାସିନ୍ଦା ଝିଅ ଓଡ଼ିଆ ଭଣ୍ଡାରି ଜାତି ମଧ୍ୟବିତ ପରିବାର ପାଇଁ ଭଣ୍ଡାରି ଜାତିର ପୁଅ ଖୋଜୁଛୁ। ମୋବାଇଲ ନଂ- ୮୮୨୦୪୬୫୨୨୫. ଧ-୧୮୧୨୯

ବିଧବା 46ବର୍ଷର ମହିଳା/ P.N.B Bankରେ accountant ଅଛନ୍ତି। ଉପଯୁକ୍ତ ବୟସର ପାରିବାରିକ କିମ୍ବା ଛୁଆପିଲା ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9078166327. D-68834

ସରକାରୀ ଚାକିରିଆ 46 ବୟସ୍କା ଅବିବାହିତା କୈବର୍ତ୍ତ ଝିଅଙ୍କୁ any caste ପୁଅ ଦରକାର। 9658674636. D-67954

Staff Nurse 38 ବୟସ୍କା devorcee ବ୍ରାହ୍ମଣ ଝିଅଙ୍କୁ any caste ପୁଅ ଦରକାର। 7381366108. D-67955




**SALE**

CV Raman College ପାଖରେ 30,000sqft. and 12,000sqft. ଘରବାରି plot ବିକ୍ରିହେବ। Contact: 9778928492. D-68368

**Plot for immediate sale at Saheed Nagar 6000sft. (GA Plot), 2400sft at Sum Hospital (BDA Plot), 33000sft. Mancheswar (IDCO plot) & 4000sft plot at Palasuni (200 meters from NH) Bhubaneswar, buyers Contact- DEEPAK- 9937329999.** D-69914

ଧଉଳି ନୂଆବ୍ରିଜ୍ ନିକଟରେ ବାସୋପଯୋଗୀ ଘରବାରି ପ୍ଲଟ୍ outrightରେ ମିଳୁଛି। 8327774136. D-69338

ପଟିଆରେ 2500/-, ନଖରାରେ 950/-,2nd infosis ପାଖରେ 750/-, IIT ଅରଗୁଳରେ 300/-, instalmentରେ possission plot କିଣନ୍ତୁ। 7978641199. D-69538

A prime location plot having 2000sqft. immediate for sale at Baramunda, Bhubaneswar. Price-87 lakhs (No Brokers) Contact: 8260595320. D-69739

ତମାଣ୍ଡୋ National Highwayଠାରୁ 600mtrs ଦୂରରେ immediate ଘରକରି ରହିବା ପାଇଁ yellow zone plot ମିଳୁଛି। 8480348215. D-69537

**2BHK flat near Tamando Market, Starts @45,15,000/-, 9937166932.** D-69332

1400sqft. plot Lingipur, 300mtrs. from NH boundarywall, Concrete road, 26lac. 9337288910, 9437421096. D-69434

URGENT SALE PLOT BHUBANESWAR: 15000sqft LAND, Rs: 2300/sqft, near Aditya Birla School, XUB. Our plot is opp to Safehome duplex community. Whatsapp/ Call if interested 9437513333. D-18169

**Gharabari developed plot with boundary near Phulnakhara (Synergy College), 9439487505.** D-69333

ପଟିଆ ଶିବମନ୍ଦିର ପାଖରେ 1200sqft. plot, road, electric ଥାଇ 25,00,000/ ରେ କିଣନ୍ତୁ। 7788888879. D-69159

**Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027.** D-69150

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

**PURCHASE**

GA 60X90 size plot ଦରକାର ଅଛି। Contact: 9778928492. D-68369

ଭୁବନେଶ୍ୱରରେ ଘର କରିବା ପାଇଁ ପାଚେରି ହୋଇଥିବା ପ୍ଲଟ୍ ଦରକାର। Land owner Contact: 9439493164. D-69157

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




AC Vegetarian restaurant 2500sqft. Cuttack, Puri mainroad, Bhubaneswar. Contact: 6371001523. D-69435

**At Bhubaneswar Forestpark 3BHK 25000/- unfurnished, 2BHK 15000/- furnished, At Sailasreevihar 3BHK Rs35000/- furnished. At Sahidnagar 4seater furnished office Rs15000/- Call- ABC : 9937090020** D-69619




Corona (covid-19) virus life saving antiviral drugs Favipiravir, Remdesvir, Rapid diagnosis kits we supply to Homes, offices, Hospitals 09866962215. D-18178

Herbal full body massage by smart / expert therapist. Contact: 8338067247. D-69737

Relaxing body massage by Lady/ Gents therapists - 7008773793. D-60888

Newly open spa centre smart therapist body massage,Bamikhal, 7205187702. D-59960

Newly open spa centre smart therapist body massage, Rasulgarh: 7846814019. D-59959

Newly open full body massage by Lady/ Gents therapists - 8018656899. D-60887

Swarna SPA newly open positively health benefits with expert therapist. 7873794731. D-69736

Get refreshment body massage by expert therapist contact for. 9556978408. D-69738

Newly open full body massage SPA in Bhubaneswar. Contact: 7205058838. D-69741

Open new SPA station 3rd floor, Big Bazar, Nayapalli. 7655024727, 8118079281. D-69536

**LOST**

I Swasti Sadhana Mishra, R/o- Malpara, PO/PS/Dist- Bolangir have passed the CBSE Board Examination. In 2015 through Oriental Public School, Malamanda, Bolangir bearing Roll No. 6103531. That my Original Pass Certificate- cum- Mark Sheet has been lost on 28.08.2020 at Bolangir Main Market Area in spite of my best effort I could not traced in out. D-69808

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# 'ସାଇବାବା ତୁମର ସମସ୍ତ ଇଚ୍ଛା ପୂରଣ କରନ୍ତୁ'

## ବର୍ଷାଙ୍କୁ ଅନୁଭବଙ୍କ ଭାବପୂର୍ଣ୍ଣ ଚିଠି

କଟକ ଅଫିସ,୮।୯

ଓଲିଉଡର ଚର୍ଚ୍ଚିତ ଯୋଡ଼ି ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଓ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାଦ ଏବେ କୋର୍ଟକୁ ଯାଇସାରିଲାଣି। ଉଭୟଙ୍କ ପ୍ରସଙ୍ଗକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ଏବେ ଏକ ଚିଠି ଭାଇରାଲ ହେଉଛି। ଏହି ଚିଠି ଅନୁଭବ କିଛିଦିନ ତଳେ ବର୍ଷାଙ୍କ ନିକଟକୁ ପଠାଇଥିଲେ। ମେଲ୍ ଯୋଗେ ଆସିଥିବା ଉକ୍ତ ଚିଠିରେ ଅନୁଭବ ନିଜ ଜୀବନର କଥା, ବ୍ୟଥା ଓ ଅଭିମାନକୁ ଭାବପୂର୍ଣ୍ଣ ଶୈଳୀରେ ବଖାଣିଛନ୍ତି।

ମେ' ୮ ତାରିଖରେ ଅନୁଭବ ଚିଠିଟିକୁ ବର୍ଷାଙ୍କ ନିକଟକୁ ମେଲ୍ କରିଥିଲେ। 'ଜୟ ଜଗନ୍ନାଥ, ହାଏ ବର୍ଷା'ରୁ ଆରମ୍ଭ ହୋଇଛି ଲେଖା। ଉଭୟ ପରସ୍ପରକୁ କିପରି ଚିହ୍ନିଲେ ଓ କିଭଳି ସମ୍ପର୍କ ଆଗକୁ ବଢ଼ିଲା ତାହା ଏଥିରେ ଉଲ୍ଲେଖ କରିଛନ୍ତି। ଏକ ହନୁମାନ ଚାଳିଶା କାର୍ଯ୍ୟକ୍ରମରେ ବର୍ଷା ଯୋଗଦେଇଥିଲେ। ଏହି ଦିନ ବର୍ଷାଙ୍କୁ ଅନୁଭବ ବୁଲାଇ ନିଜ ଘର ଦେଖାଉଥିଲେ। ପରେ ଭିଦିଶା କ୍ରାଫ୍ଟ ବ୍ୟାନରରେ ୨୦୦୬ରେ ଉଭୟ ବଡ଼ ପରଦାକୁ ଆସିଥିଲେ। ୨୦୦୮ ପର୍ଯ୍ୟନ୍ତ କୌଣସି ସିନେମାରେ ଉଭୟ ଏକତ୍ର କାମ କରି ନ ଥିଲେ। ହେଲେ ୨୦୦୮ ଉଭୟଙ୍କ ଭାଗ୍ୟ ବଦଳାଇଥିଲା ବୋଲି ଅନୁଭବ ଚିଠିରେ ଉଲ୍ଲେଖ କରିଛନ୍ତି। ସେ ଏକଥା ବି ଲେଖିଛନ୍ତି ଯେ, ଭାଗ୍ୟ ସବୁଠାରୁ ଊର୍ଦ୍ଧ୍ୱରେ। ଭଗବାନଙ୍କ ଇଚ୍ଛା ଯୋଗୁ ୨୦୦୮ରେ ଉଭୟ ଗୋଟିଏ ଚଳଚ୍ଚିତ୍ରରେ ମୁଖ୍ୟ ନାୟିକା ଓ ନାୟକ ଭାବେ କାର୍ଯ୍ୟ କରିଥିଲେ। ଯେଉଁ ଚଳଚ୍ଚିତ୍ରଟି ଓଲିଉଡରେ ବ୍ଲକବଷ୍ଟର ମାନ୍ୟତା ପାଇଥିଲା। ସେହିବର୍ଷ ହିଁ ଉଭୟଙ୍କ ସମ୍ପର୍କର ମୂଳଦୁଆ ପଡ଼ିଥିଲା। ୨୦୧୩ ମେ' ୨୭ରେ ଉଭୟଙ୍କ ବିବାହ ତାରିଖ ସ୍ଥିର ହୋଇଥିଲା। ପରସ୍ପରର ପରିବାର ଏହି କାର୍ଯ୍ୟକୁ କିପରି ଆଗକୁ ନେଇଥିଲେ ତାହା ଚିଠିରେ ଲେଖାଯାଇଛି। ମଦ ପିଇବା ପ୍ରସଙ୍ଗକୁ ମଧ୍ୟ ଚିଠିରେ ସ୍ଥାନ ଦେଇଛନ୍ତି ଅନୁଭବ। 'ମୁଁ ଖୁସିରେ ମଦ ପିଏନି, କେବଳ ଶୋଇବା ପାଇଁ ମଦପିଏ। ହେଲେ ଆମ ସମ୍ପର୍କ ଆରମ୍ଭ ହେବା ପରେ ମଦ ପିଇବା ଛାଡ଼ି ଦେଇଛି' ବୋଲି ସେ ଲେଖିଛନ୍ତି। ପ୍ରେମ ପାଇଁ ଚିତ୍ର ଆଙ୍କିବାଠାରୁ ଆରମ୍ଭ କରି ରୋଷେଇ କରିବା ମଧ୍ୟ ଶିଖିଥିଲି। ଯାହା ପୂର୍ବରୁ କେବେ ମୁଁ କରି ନ ଥିଲି ବୋଲି ଚିଠିରେ ଲେଖାଯାଇଛି। ବିବାହ ପୂର୍ବରୁ ବର୍ଷାଙ୍କ ସଂଯମତାକୁ ଅନୁଭବ ସମ୍ମାନ ଜଣାନ୍ତି ବୋଲି ଲେଖିଛନ୍ତି।

ବର୍ଷାଙ୍କ ପ୍ରତି ନିଜର ଭଲପାଇବାକୁ ସମ୍ପୂର୍ଣ୍ଣ ଭାବେ ଅନୁଭବ ଚିଠିରେ ଉପସ୍ଥାପନ କରିଛନ୍ତି। ଏହାଛଡ଼ା ଏଥିରେ କିଛି ଅଭିମାନ ମଧ୍ୟ ରହିଛି। ପ୍ରେମ ସମ୍ପର୍କ ଗଢ଼ିଉଠିବା ପରେ ମଧ୍ୟ ବର୍ଷା ଭଲ ଭାବେ ମୋ ସହ କଥା ହେଉ ନ ଥିଲେ ବୋଲି ଅନୁଭବଙ୍କ ଚିଠିରେ ଲେଖାଯାଇଛି। ଶେଷରେ ସାଇବାବା ତୁମର ସବୁ ଇଚ୍ଛା ପୂରଣ କରନ୍ତୁ ବୋଲି ଲେଖିଛନ୍ତି ଅନୁଭବ।

### ଅନୁଭବଙ୍କ ମ୍ୟାନେଜର, ସହଯୋଗୀଙ୍କୁ ପଚରାଉଚରା

ପୁରୀଘାଟ ଥାନାରେ ବର୍ଷା ଏତଲା ଦେବା ପରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଭବଙ୍କ ମ୍ୟାନେଜର ଖଗେନ୍ଦ୍ର ସାହୁ ଓ ସହଯୋଗୀ ସୁଜିତ ଦଳାଇଙ୍କୁ ପୋଲିସ ଡାକି ପଚରାଉଚରା କରିଛି। ବର୍ଷା ନିଜ ଏତଲାରେ ଦର୍ଶାଇଛନ୍ତି, ଗତ ୬ ତାରିଖ ଅପରାହ୍ନ ପ୍ରାୟ ୨.୪୦ ମିନିଟ୍‌ରେ ମୁଁ ବେଡ୍‌ରୁମରେ ଏକୁଟିଆ ଥିଲି। ରୋଷେୟା ଖାଇବା ଆଣି ଦେବାବେଳେ ସୁଜିତ ଆସି ଭିଡ଼ିଓ ରେକର୍ଡିଂ କରିଥିଲେ। ମୁଁ ବାରଣ କରିବା ସତ୍ତ୍ୱେ ସେ ଭିଡିଓ ରେକର୍ଡିଂ ବନ୍ଦ କରି ନ ଥିଲେ। ଏହି ସମୟରେ ଖଗେନ୍ଦ୍ର ଡ୍ରଇଂ ରୁମ୍‌ରେ ଉପସ୍ଥିତ ଥିଲେ। ମୁଁ ଭୟଭୀତ ଓ ଲଜ୍ଜିତ ଅନୁଭବ କରି ପୋଲିସର ସହାୟତା ଲୋଡ଼ିଥିଲି ବୋଲି ବର୍ଷା ଏତଲାରେ ଦର୍ଶାଇଛନ୍ତି।

### ଚର୍ଚ୍ଚାରେ ଅନୁଭବଙ୍କ ନୂଆ ଟୁଇଟ୍

ମଙ୍ଗଳବାର ଅପରାହ୍ନରେ ଅନୁଭବ ଏକ ଟୁଇଟ୍ କରିଛନ୍ତି। ଏଥିରେ ସେ ଏକ ଭିଡ଼ିଓ ଯୋଡ଼ିଛନ୍ତି। ଏଥିରେ ଅନୁଭବଙ୍କ ଘରେ ଗଣେଶପୂଜା ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଗତ ଗଣେଶପୂଜା ଦିନର ଏହା ଭିଡିଓ। ଏଥିରେ ବର୍ଷା ଆଗରେ ବସିଛନ୍ତି। ବର୍ଷା ଘରୋଇ ହିଂସାର ଅଭିଯୋଗ ଉଠାଇଥିବାବେଳେ ଏହା ଏଭଳି କିଛି ବାର୍ତ୍ତା ଦେଉଛି କି ନାହିଁ ବୋଲି ଅନୁଭବ ଟୁଇଟ୍‌ରେ ପ୍ରଶ୍ନ କରିଛନ୍ତି।




## ୫ ବର୍ଷରେ ୫୦ ପ୍ରତିଶତ ଫୁଏଲ୍ ଷ୍ଟେଶନ ହେବ ସୌରଚାଳିତ: ଧର୍ମେନ୍ଦ୍ର

ଭୁବନେଶ୍ୱର ୮।୯(ବ୍ୟୁରୋ)

ରାଷ୍ଟ୍ରାୟତ ତୈଳ କମ୍ପାନୀଗୁଡିକର ମାଲିକାନାରେ ଥିବା ଦେଶର ପ୍ରାୟ ୫୦ ପ୍ରତିଶତ ଫ୍ୟୁଏଲ୍(ଇନ୍ଧନ) ଷ୍ଟେସନକୁ ଆସନ୍ତା ୫ ବର୍ଷରେ ସୌରଚାଳିତ କରାଯିବ। ଆନ୍ତର୍ଜାତିକ ସୌର ଆଲିଆନ୍ସ (ଆଇଏସଏ)ପକ୍ଷରୁ ଆୟୋଜିତ ପ୍ରଥମ ବିଶ୍ୱ ସୌର ବୈଷୟିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି । ଆଇଏସଏର ସମନ୍ୱୟ ଜଳବାୟୁ କାର୍ଯ୍ୟକ୍ରମରେ ୫ ତୈଳ ରଷ୍ଟ୍ରାୟତ୍ତ ଉଦ୍ୟୋଗ ସାମିଲ ହେବେ ବୋଲି ସେ ସୂଚନା ଦେଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅଧୀନରେ ଥିବା ୫ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଯଥା ଓଏନଜିସି, ଆଇଓସିଏଲ, ବିପିସିଏଲ, ଏଚପିସିଏଲ ଏବଂ ଗେଲ୍ କର୍ପୋରେଟ୍ ଭାଗିଦାରୀ ଭାବେ ଆଇଏସଏର ସମନ୍ୱୟ ଜଳବାୟୁ କାର୍ଯ୍ୟକ୍ରମରେ ସାମିଲ ହେବେ। ଦେଶର ତୈଳ ଓ ଗ୍ୟାସ କମ୍ପାନୀଗୁଡିକ ସାରା ଦେଶରେ ବିଭିନ୍ନ କ୍ଷେତ୍ରରେ ସୌର ପ୍ୟାନେଲ୍ ସ୍ଥାପନ କରିବା ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି।

## ସଂକ୍ଷେପରେ

### ପରିବା ଟ୍ରକ୍‌ରେ ଗଞ୍ଜେଇ ଚାଲାଣ: ୮୦ ଲକ୍ଷ ଟଙ୍କା ଗଞ୍ଜେଇ ଜବତ

ଭୁବନେଶ୍ୱର,୮।୯(ବ୍ୟୁରୋ): ପୋଲିସ ଓ ଅନ୍ୟ ତଦନ୍ତକାରୀ ସଂସ୍ଥାକୁ ଚକ୍‌ମା ଦେଇ ଗଞ୍ଜେଇ ମାଫିଆମାନେ ପରିବା ଟ୍ରକ୍‌ରେ ଓଡ଼ିଶାରୁ ବାହାରକୁ ଗଞ୍ଜେଇ ଚୋରା ଚାଲାଣ କରୁଛନ୍ତି। ମଙ୍ଗଳବାର ଏଭଳି ଏକ ର୍‍ୟାକେଟର ପର୍ଦ୍ଦାଫାଶ କରିଛି ରାଜସ୍ୱ ଗୋଇନ୍ଦା ବିଭାଗ (ଡିଆର୍‌ଆଇ)। ଦକ୍ଷିଣ ଓଡ଼ିଶାରୁ ଭୁବନେଶ୍ୱର ଦେଇ ବିହାରକୁ ପରିବା ଟ୍ରକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଧରାପଡ଼ିଛି। ଡିଆର୍‌ଆଇ ଟିମ୍ ଉକ୍ତ ଟ୍ରକ୍‌ରୁ ୧୮ ପ୍ୟାକେଟରେ ଥିବା ୫.୪ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହାର ମୂଲ୍ୟ ୮୦ ଲକ୍ଷ ଟଙ୍କା ହେବ। ତେବେ ଟ୍ରକର ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ଡିଆର୍‌ଆଇ ଅଧିକାରୀମାନେ ଗଞ୍ଜେଇ ସହ ଟ୍ରକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଜବତ ଟ୍ରକ୍‌ର ମାଲିକ କିଏ ସେନେଇ ଯାଞ୍ଚ ଚାଲିଛି। ଏହା ପଛରେ ବଡ଼ ର୍‍ୟାକେଟ କାର୍ଯ୍ୟ କରୁଥିବା ସନ୍ଦେହ କରି ମାଷ୍ଟରମାଇଣ୍ଡ୍ ପାଖରେ ପହଞ୍ଚିବାକୁ ଉଦ୍ୟମ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ନିୟମିତ ଭାବେ ଦକ୍ଷିଣ ଓଡ଼ିଶାରୁ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଛି। ଗଞ୍ଜେଇ ମାଫିଆମାନେ ସବୁବେଳେ ଭିନ୍ନ ଭିନ୍ନ ତରିକା ଆପଣାଉଛନ୍ତି। ମଙ୍ଗଳବାର ସେମାନେ ଗଞ୍ଜେଇ ପ୍ୟାକେଟକୁ ବାଇଗଣ, କୋବି ଓ ଅନ୍ୟ ପରିବା ବସ୍ତାରେ ଭର୍ତ୍ତି କରି ବିହାର ଚାଲାଣ କରୁଥିଲେ। ଏନେଇ ଡିଆର୍‌ଆଇ ଅଧିକାରୀମାନେ ସୂଚନା ପାଇବା ପରେ ଖଣ୍ଡଗିରି ନିକଟରେ ଛକି ରହିଥିଲେ। ଟ୍ରକ୍‌ଟି ସେହିବାଟ ଦେଇ ଯାଉଥିବାବେଳେ ସେମାନେ ପିଛା କରିଥିଲେ। ଡ୍ରାଇଭର ଏହା ଦେଖି ଖଣ୍ଡଗିରି ଛକଠାରୁ କିଛି ଦୂରରେ ଟ୍ରକ୍‌କୁ ରାସ୍ତା ପାର୍ଶ୍ୱରେ ଛାଡ଼ ଫେରାର ହୋଇଯାଇଥିଲେ।

### ବନ୍ୟାଞ୍ଚଳ ଗସ୍ତ ପରେ କମିଟି ଅଧ୍ୟକ୍ଷଙ୍କୁ ରିପୋର୍ଟ ପ୍ରଦାନ

**୧୦ରେ ଯାଜପୁର ଯିବେ କଂଗ୍ରେସ ପ୍ରତିନିଧି ଦଳ**

ଭୁବନେଶ୍ୱର ୮।୯(ବ୍ୟୁରୋ): ନିକଟରେ ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟାଞ୍ଚଳ ପରିଦର୍ଶନ କରିବା ଲାଗି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। ବିଧାୟକ ଦଳର ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଥିବା ଏହି କମିଟି ବିଭିନ୍ନ ବନ୍ୟା ଦ୍ୱାରା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ୮ ତାରିଖ ମଧ୍ୟରେ ରିପୋର୍ଟ ପ୍ରଦାନ ସକାଶେ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଅନୁଯାୟୀ ଏହି ସମୟ ପୂରଣ ହୋଇସାରିଥିବା ବେଳେ ମଙ୍ଗଳବାର ନରସିଂହ ମିଶ୍ରଙ୍କ ନିକଟରେ ରିପୋର୍ଟ ଦାଖଲ ଲାଗି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟ ବୁଧବାର ଏଆଇସିସିକୁ ପଠାଯିବ। ଏହାସହ ବନ୍ୟାଞ୍ଚଳ ଗସ୍ତ କରିଥିବା ନେତାମାନଙ୍କୁ ଧନ୍ୟବାଦ ଦେଇ ନିରଞ୍ଜନ କହିଛନ୍ତି, ରାଜ୍ୟରେ ଯାଜପୁର ଜିଲା ବରୀ ଅଞ୍ଚଳ ବନ୍ୟା ଯୋଗୁ ଅଧିକ କ୍ଷତି ହୋଇଛି। ଆସନ୍ତା ୧୦ ତାରିଖ ଗୁରୁବାର ଯାଜପୁର ଜିଲା ବଡଚଣା ଓ ବରୀ ବ୍ଲକର କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ପୋଲିସ କାର୍ଯ୍ୟଧାରାର ସମୀକ୍ଷା କଲେ ଡିଜିପି

କଟକ ଅଫିସ,୮।୯

ରାଜ୍ୟ ପୋଲିସର କାର୍ଯ୍ୟଧାରା ସମୀକ୍ଷା କରିଛନ୍ତି ଡିଜିପି ଅଭୟ। କଟକ ସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି ସମୀକ୍ଷା ବୈଠକ ମଙ୍ଗଳବାର ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଅନୁଷ୍ଠିତ ବୈଠକରେ ରାଜ୍ୟର ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଓ ଜିଲା ଆରକ୍ଷୀ ଅଧୀକ୍ଷକ ଯୋଗଦେଇଥିଲେ। ସେହିପରି ଅପରାହ୍ନ ବୈଠକରେ କଟକ ଓ ଭୁବନେଶ୍ୱରର ଡିସିପି ଯୋଗଦେଇଥିଲେ।

ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ରାଜ୍ୟରେ କରୋନା ସ୍ଥିତି ଓ କୋଭିଡ଼ ନିୟମ ଅନୁପାଳନ ପ୍ରସଙ୍ଗ ଉପରେ ବୈଠକରେ ଆଲୋକପାତ କରାଯାଇଥିଲା। ପୋଲିସ କର୍ମଚାରୀଙ୍କ କଲ୍ୟାଣ କାର୍ଯ୍ୟକ୍ରମ ସହିତ କୋଭିଡ୍ ଯୋଦ୍ଧାଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ ଏବଂ ମୃତ୍ୟୁ ପରେ ଅବଶିଷ୍ଟ ଚାକିରି ସମୟର ପୂର୍ଣ୍ଣ ଦରମା ପ୍ରଦାନ ପ୍ରସଙ୍ଗ, ରାଜ୍ୟରେ ଗଞ୍ଜେଇ ଚାଷ ଏବଂ ଏହାର ଚୋରା ଚାଲାଣ ରୋକିବାକୁ ପଦକ୍ଷେପ, କନଷ୍ଟେବଲଙ୍କ ପଦୋନ୍ନତି ପ୍ରସଙ୍ଗ ବିଷୟରେ ବିଶେଷ ଆଲୋଚନା ହୋଇଥିଲା। ଏହାଛଡ଼ା ସାଇବର ଅପରାଧ ରୋକିବା ପାଇଁ ସାମର୍ଥ୍ୟ ବୃଦ୍ଧି, ଅସ୍ଥାୟୀ ପୋଲିସ ବିଟ୍ ହାଉସ ଓ ଫାଣ୍ଡିର କାର୍ଯ୍ୟ ସମୀକ୍ଷା, ହାଇକୋର୍ଟଙ୍କ ମାମଲାରେ ଜିଲା ପୋଲିସ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ, ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ ବଳର ଠିକ୍ ବ୍ୟବହାର ଓ ମୁତୟନ, ପୋଲିସ ମେଡାଲ ପାଇଁ ମନୋନୟନ ଦାଖଲ, ଜାତୀୟ ମାନବାଧିକାର ଆୟୋଗଙ୍କ ପାଖରେ ବିଚାରାଧୀନ ମାମଲାଗୁଡ଼ିକୁ ତ୍ୱରାନ୍ୱିତ କରିବା ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ହେଡ୍ କ୍ୱାଟର୍ସ), ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ), ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଗୁଇନ୍ଦା ସଂସ୍ଥା), ଆଇଜି (ଆଧୁନିକୀକରଣ) ଓ ଆଇଜି (ଏସ୍‌ସିଆର୍‌ବି) ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଡିଜିପି ଅଭୟଙ୍କ ସହ ଅନ୍ୟମାନେ।

# ଜେଲ ଗଲେ ଅବସରପ୍ରାପ୍ତ ସେନା କର୍ମଚାରୀ

## ଭରତପୁର ଗୁଳି ମାଡ଼ ଘଟଣା

ଭୁବନେଶ୍ୱର,୮।୯ (ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳରେ ପଡୋଶୀଙ୍କ ସହ ବଚସାକୁ କେନ୍ଦ୍ରକରି ଗୁଳି ମାଡ଼ କରିଥିବା ଅଭିଯୁକ୍ତ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଭରତପୁର ବିଜୁନଗର ବସ୍ତିରେ ରହୁଥିବା ଅଶ୍ୱିନୀ କୁମାର ରାଉତ। ଏ ନେଇ ପୋଲିସ ମାମଲା (ନଂ.୫୪୭/୨୦) ରୁଜୁ କରିବା ସହ ଏକ ଲାଇସେନ୍ସପ୍ରାପ୍ତ ବନ୍ଧୁକ ଓ ୪ଟି ଗୁଳି ଜବତ କରିଛି। ଏଥିସହ ମଙ୍ଗଳବାର ଅଶ୍ୱିନୀଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଅଭିଯୁକ୍ତ ଅଶ୍ୱିନୀ ସେନାରୁ ଅବସର ନେବାପରେ ଶହୀଦନଗର ଅଞ୍ଚଳରେ ଥିବା ଏକ ବ୍ୟାଙ୍କରେ ସିକ୍ୟୁରିଟି ଗାର୍ଡ କାର୍ଯ୍ୟ କରୁଥିଲେ। ତାଙ୍କ ନିକଟରେ ଲାଇସେନ୍ସପ୍ରାପ୍ତ ବନ୍ଧୁକ ରହିଥିଲା। ଅଶ୍ୱିନୀ ପ୍ରାୟତଃ ରାତିରେ ଡ୍ୟୁଟି ସାରି ଘରକୁ ଫେରୁଥିବାବେଳେ ନିଶାସକ୍ତ ଅବସ୍ଥାରେ ଖରାପ ଭାଷାରେ ଲୋକଙ୍କୁ ଗାଳିଗୁଲଜ କରନ୍ତି। ଏହାକୁ ନେଇ ବିଜୁ ବସ୍ତିରେ ଅନେକ ଲୋକଙ୍କ ସହ ତାଙ୍କର ବଚସା ହୋଇଥିଲା। ସୋମବାର ରାତିରେ ଅଶ୍ୱିନୀଙ୍କ ପଡୋଶୀ କୁଞ୍ଜ ବିହାରୀ ବେହେରାଙ୍କ ସହ ବଚସା ହୋଇଥିଲା। ଅଶ୍ୱିନୀ କୁଞ୍ଜଙ୍କ ସ୍ତ୍ରୀଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବାକୁ ନେଇ ଉଭୟଙ୍କ ଭିତରେ ଜୋର୍‌ରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଅଶ୍ୱିନୀ ହଠାତ ଉତ୍‌କ୍ଷିପ୍ତ ହୋଇ କୁଞ୍ଜଙ୍କ ଉପରକୁ ତାଙ୍କ ବନ୍ଧୁକରୁ ଗୁଳି ଚଳାଇଥିଲେ। ଗୁଳିଟି କୁଞ୍ଜଙ୍କ ବାମ ହାତରେ ପଶିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଅସ୍ତ୍ରୋପଚାର କରି ଗୁଳି କଢା ଯାଇଥିଲା।




# ରାଉରକେଲା କୋଭିଡ୍ ସ୍ଥିତି ସମୀକ୍ଷା

ଭୁବନେଶ୍ୱର ୮।୯(ବ୍ୟୁରୋ)

- ନିୟୋଜିତ ହେବେ ଅଧିକ ୨୦ଜଣ ଡାକ୍ତର
- ସୁନ୍ଦରଗଡ ଜିଲାରେ କୋଭିଡ୍ ପଜିଟିଭ ହାର ୧ ପ୍ରତିଶତ
- ଘର ଘର ବୁଲି ସର୍ଭେ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ମଙ୍ଗଳବାର ରାଉରକେଲା ଗସ୍ତ କରି କୋଭିଡ ସ୍ଥିତିର ସମୀକ୍ଷା କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ହାଇଟେକ ହସ୍ପିଟାଲ, ଜୟ ପ୍ରକାଶ ହସ୍ପିଟାଲ, ଶାନ୍ତି ସ୍ମାରକୀ ହସ୍ପିଟାଲ ପରିଦର୍ଶ କରି ଚିକିତ୍ସା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ସୁନ୍ଦରଗଡ ଜିଲା ପ୍ରଶାସନ ସନ୍ତୋଷଜନକ କୋଭିଡ ପରିଚାଳନା କରିଛନ୍ତି। ଜିଲାରେ କୋଭିଡ ପଜିଟିଭ ହାର ୧ ପ୍ରତିଶତ ରହିଛି। ଜିଲାରେ ୨ଟି ଆଇସିୟୁ କାର୍ଯ୍ୟ କରୁଥିବା ବେଳେ ଖୁବଶୀଘ୍ର ଆଉ ଏକ ପ୍ରତିଷ୍ଠା କରାଯିବ। ଏଥିସହ ରାଉରକେଲାକୁ ଅଧିକ ୨୦ଜଣ ଡାକ୍ତର ପଠାଯିବ। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ସେମାନେ କାର୍ଯ୍ୟରେ ଯୋଗଦେବେ। ଘରକୁ ଘର ସର୍ଭେ ଏବଂ ବ୍ୟାପକ ସଚେତନତା ସୃଷ୍ଟି କରିବା ଲାଗି ଜନ ପ୍ରତିନିଧି,ବିଭିନ୍ନ ଅନୁଷ୍ଠାନ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସାମିଲ କରି ଜନସମ୍ପର୍କ ଅଭିଯାନ ଆରମ୍ଭ ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଶୁକ୍ରବାର ଠାରୁ ପୌର ନିଗମ ଏହି ଅଭିଯାନ ଆରମ୍ଭ କରିବ। ସ୍ୱାସ୍ଥ୍ୟବିଭାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ, ରାଉରକେଲାରେ ପ୍ଲାଜମା ବ୍ୟାଙ୍କ କାର୍ଯ୍ୟ କରୁଛି। ଗତ ମାସରେ ଆର.ଏମ.ଆର.ସି ତରଫରୁ କରାଯାଇଥିବା ସେରୋଲୋଜିକାଲ ସର୍ଭେରୁ ଜଣାପଡିଛି ରାଉରକେଲା ସହରର ପ୍ରାୟ ୨୫ ପ୍ରତିଶତ ଲୋକଙ୍କ ଶରୀରରେ କୋଭିଡ ଆଣ୍ଟିବଡି ସୃଷ୍ଟି ହୋଇଛି।



ମଙ୍ଗଳବାର ରାଉରକେଲାଠାରେ ମୁଖ୍ୟଶାସନ ସଚିବ ଅନ୍ୟ ଅଧିକାରୀଙ୍କ ସହ କୋଭିଡ଼ ସମୀକ୍ଷା କରୁଛନ୍ତି।



ଧରିତ୍ରୀ
DHARITRI
ବୁଧବାର, ୯ ସେପ୍ଟେମ୍ବର, ୨୦୨୦

> ଏହି ପୃଥିବୀକୁ ଭଗବାନଙ୍କର ଏକ ରଙ୍ଗଶାଳା ବୋଲି ମନେକର। ତୁମେ ଏଥିରେ ଜଣେ ମୁଖାପିନ୍ଧା ଅଭିନେତା ବୋଲି ନିଜକୁ ଭାବ ଏବଂ ଭଗବାନଙ୍କୁ ତୁମ ମାଧ୍ୟମରେ ତାଙ୍କ ନାଟକ କରିବାକୁ ଛାଡି ଦିଅ। ଯେଉଁମାନେ ତୁମ ଅଭିନୟ ଦେଖି ହସୁଛନ୍ତି ବା ବିରକ୍ତ ହେଉଛନ୍ତି- ସେମାନଙ୍କୁ ମଧ୍ୟ ତୁମର ମୁଖାପିନ୍ଧା ସହଅଭିନେତା ବୋଲି ବୁଝ। ଏବଂ ତୁମ ଅନ୍ତରସ୍ଥ ଭଗବାନଙ୍କୁ ଇ ତୁମର ପ୍ରକୃତ ଦର୍ଶକ ଓ ମନ୍ତବ୍ୟଦାତା ବୋଲି ମନେକର। —ଶ୍ରୀଅରବିନ୍ଦ



# ବେଢ଼ି ଉପରେ କୋରଡ଼ା ମାଡ଼

ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ରାଜ୍ୟ ସରକାର ତାଙ୍କ କ୍ୟାବିନେଟ୍ ବୈଠକରେ ରାଜ୍ୟର ଶିଳ୍ପନୀତିରେ କେତେକ ପରିବର୍ତ୍ତନ କରିବା ସହିତ ଶ୍ରମିକଙ୍କ ସୁରକ୍ଷା ଏବଂ ଅଧିକାର ପାଇଁ ରହିଥିବା ବିଭିନ୍ନ ଶ୍ରମ ଆଇନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ରାଜ୍ୟକୁ ନୂଆ ପୁଞ୍ଜିନିବେଶକୁ ଆକର୍ଷିତ କରିବାକୁ ତଥା ମହାମାରୀ ଓ ତଜ୍ଜନିତ ଲକ୍‌ଡାଉନ୍ ଯୋଗୁ ସଙ୍କଟରେ ଥିବା ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକମାନଙ୍କୁ ରିହାତି ଦେବା ଲକ୍ଷ୍ୟରେ ଶ୍ରମ ଆଇନକୁ କୋହଳ କରାଯାଇଛି ବୋଲି ସରକାର କହିଛନ୍ତି। ତେବେ ମହାମାରୀ ବେଳେ ଦେଶୀ ବିଦେଶୀ କମ୍ପାନୀଗୁଡ଼ିକ ସ୍ୱାର୍ଥରେ ଶ୍ରମିକମାନଙ୍କ କଷ୍ଟଲବ୍ଧ ଶ୍ରମ ଅଧିକାର ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ଆକ୍ରମଣ ନୂଆ ନୁହେଁ। ପୂର୍ବରୁ ଅର୍ଥାତ୍ ଗତ ମେ' ମାସରେ ମଧ୍ୟ ସରକାର ରାଜ୍ୟରେ ଆଠ ଘଣ୍ଟିଆ ଶ୍ରମ ଦିବସକୁ ବାର ଘଣ୍ଟାକୁ ବୃଦ୍ଧି କରିବା ସହିତ ଶ୍ରମ ଆଇନରେ ଅନେକଗୁଡ଼ିଏ ପରିବର୍ତ୍ତନ କରି ସାରିଛନ୍ତି। ସରକାର ଇତି ମଧ୍ୟରେ କାରଖାନା ଆଇନ – ୧୯୪୮, ଶିଳ୍ପ ବିବାଦ ଆଇନ – ୧୯୪୭ ଏବଂ ଠିକା ଶ୍ରମିକ (ନିୟନ୍ତ୍ରଣ ଓ ଉଚ୍ଛେଦ) ଆଇନ – ୧୯୭୧ରେ ସଂଶୋଧନ କରି ସାରିଛନ୍ତି। କାରଖାନା ଆଇନ– ୧୯୪୮ରେ ସଂଶୋଧନ କରି ତିନି ମାସର ଅବଧି ମଧ୍ୟରେ ପୂର୍ବରୁ ରହିଥିବା ଓଭର ଟାଇମ୍‌ର ସୀମାକୁ ୭୫ ଘଣ୍ଟାରୁ ୧୧୫ ଘଣ୍ଟାକୁ ବୃଦ୍ଧି କରିଛନ୍ତି। କମ୍ ଶ୍ରମିକଙ୍କୁ ନିୟୋଜିତ କରି ଓଭର ଟାଇମ୍ ଜରିଆରେ ଅଧିକ କାମ ଆଦାୟ କରିବାକୁ ମାଲିକମାନଙ୍କୁ ସୁଯୋଗ ଦେବା ହେଉଛି ଏହି ସଂଶୋଧନର ଉଦ୍ଦେଶ୍ୟ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଲକ୍‌ଡାଉନ୍ ଯୋଗୁ ରାଜ୍ୟର ବର୍ତ୍ତମାନ ଲକ୍ଷ ଲକ୍ଷ ଶ୍ରମିକ ଛଟେଇ ହୋଇ ବସିଥିବା ବେଳେ ବାହାର ରାଜ୍ୟରୁ ବି ୭/୮ ଲକ୍ଷ ପ୍ରବାସୀ ଶ୍ରମିକ ଆମ ରାଜ୍ୟକୁ ଆସି କାମ ପାଇବା ଅପେକ୍ଷାରେ ରହିଛନ୍ତି। ଏଭଳି ପରିସ୍ଥିତିରେ ସରକାର କାମ ହରାଇଥିବା ଅଧିକରୁ ଅଧିକ ଶ୍ରମିକଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ନେବା ବଦଳରେ ଓଭରଟାଇମ୍‌ର ସୀମାକୁ ବୃଦ୍ଧି କରି କାହାକୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି ? କାରଣ ଓଭରଟାଇମ୍‌ର ସୀମା ବଢ଼ିଲେ କମ୍ ଶ୍ରମିକଙ୍କ ଜରିଆରେ ଅଧିକ କାମ କରାଇ କାରଖାନା ଚଳାଇବାକୁ ମାଲିକମାନେ ସୁଯୋଗ ପାଇବେ। ଏହାଦ୍ୱାରା ହୁଏତ କମ୍ପାନୀଗୁଡ଼ିକ ନିଜର ଶ୍ରମ ବାବଦରେ ଖର୍ଚ୍ଚ କମାଇ ଅଧିକ ମୁନାଫା କମାଇ ପାରିବେ। ତା'ଫଳରେ ଶ୍ରମିକମାନଙ୍କ କାମର ବୋଝଟି ବଢ଼ିବ ; ଯାହା କି ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନ ଉପରେ ଯେ ଖରାପ ପ୍ରଭାବ ପକାଇବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

କାରଖାନା ଆଇନରେ ସଂଶୋଧନର ଦ୍ୱିତୀୟ ବିପଦଟି ହେଲା, ଅଧିକରୁ ଅଧିକ ଶିଳ୍ପକୁ ଏହି ଆଇନର ପରିଧିରୁ ମୁକ୍ତ କରି ସେସବୁରେ କାର୍ଯ୍ୟରତ ଶ୍ରମିକଙ୍କୁ ସେମାନଙ୍କ ଶ୍ରମ ଅଧିକାରରୁ ବଞ୍ଚିତ କରିବା। ଏହି କ୍ରମରେ ସରକାର ଶ୍ରମିକଙ୍କ ସୀମାକୁ ଯଥାକ୍ରମେ ୨୦ ଓ ୪୦କୁ ବୃଦ୍ଧି କରି ଅଧିକ ଶିଳ୍ପକୁ ଏହି ଆଇନରୁ ମୁକ୍ତ କରିଦେବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ବୈଦ୍ୟୁତିକ ମୋଟର ଲାଗି ନ ଥିବା ଶିଳ୍ପରେ ସର୍ବନିମ୍ନ ୧୦ ଜଣ ଏବଂ ମୋଟର ଚାଳିତ ଶିଳ୍ପରେ ସର୍ବନିମ୍ନ ୨୦ଜଣ ଶ୍ରମିକ କାମ କରୁଥିଲେ କାରଖାନା ଆଇନ ଲାଗୁ ହେଉଥିଲା। ଏହାର ଅର୍ଥ ହେଲା, ଏଣିକି ଯଥାକ୍ରମେ ୨୦ ଓ ୪୦ରୁ କମ୍ ଶ୍ରମିକ କାମ କରୁଥିବା ଶିଳ୍ପ ପ୍ରତିଷ୍ଠାନରେ ଶ୍ରମିକମାନେ କାରଖାନା ଆଇନ ଅନୁଯାୟୀ ପାଇବାକୁ ଥିବା ସମସ୍ତ ଶ୍ରମ ଅଧିକାରରୁ ବଞ୍ଚିତ ହେବେ।

ଶ୍ରମ ଆଇନରେ ତୃତୀୟ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ହେଲା, ମହିଳାମାନଙ୍କୁ ରାତ୍ରିକାଳୀନ ସିଫ୍ଟରେ ନିୟୋଜିତ କରିବା। ଏଯାଏ କୌଣସି ଶିଳ୍ପ କାରଖାନାରେ ମହିଳା ଶ୍ରମିକ ଏବଂ କର୍ମଚାରୀଙ୍କ ରାତ୍ରିକାଳୀନ ସିଫ୍ଟକୁ ଅନୁମତି ନ ଥିବା ବେଳେ ସେମାନଙ୍କ ରାତ୍ରିକାଳୀନ ଡ୍ୟୁଟି (ସନ୍ଧ୍ୟା ୭ରୁ ସକାଳ ୬ ପର୍ଯ୍ୟନ୍ତ) ପାଇଁ ଅନୁମତି ଦିଆଯାଇଛି। ଏଭଳି ପଦକ୍ଷେପ ଶିଳ୍ପରେ କାର୍ଯ୍ୟରତ ମହିଳା ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଏବଂ ନିରାପତ୍ତାକୁ ପ୍ରଭାବିତ କରିବାକୁ ଯାଉଛି। ଏହା ବ୍ୟତୀତ ପୂର୍ବରୁ ସର୍ବନିମ୍ନ ଦଶ ବା ତଦୂର୍ଦ୍ଧ୍ୱ ଶ୍ରମିକ କାମ କରୁଥିବା କାରଖାନାରେ ଠିକା ଶ୍ରମିକ (ନିୟନ୍ତ୍ରଣ ଓ ଉଚ୍ଛେଦ) ଆଇନ – ୧୯୭୧ ଲାଗୁ ହେଉଥିବା ବେଳେ ବର୍ତ୍ତମାନ ସରକାର ତାକୁ ୫୦କୁ ବୃଦ୍ଧି କରିଛନ୍ତି। ଅର୍ଥାତ୍ ୫୦ ପର୍ଯ୍ୟନ୍ତ ଶ୍ରମିକ କାମ କରୁଥିବା ଶିଳ୍ପସଂସ୍ଥାରେ ଏଣିକି ଠିକା ଶ୍ରମିକ ଆଇନ ଆଉ ଲାଗୁ ହେବନାହିଁ। ସେମାନଙ୍କ ପାଇଁ ସମ୍ପୃକ୍ତ ମାଲିକଙ୍କୁ ପଞ୍ଜୀକରଣ କରିବାକୁ ପଡ଼ିବନି କିମ୍ବା ଲାଇସେନ୍ସ ଆଣିବାକୁ ପଡ଼ିବନି। ଏହାର ପରିଣାମ ହେଲା, ସେସବୁ କାରଖାନାର ଶ୍ରମିକମାନେ ପୂର୍ବପରି ଆଉ ଶ୍ରମ ଅଧିକାର ପାଇବାରୁ ବଞ୍ଚିତ ହେବେ।

ସରକାର ଶିଳ୍ପ ବିବାଦ ଆଇନ – ୧୯୪୭କୁ ମଧ୍ୟ ସଂଶୋଧନ କରି ୩୦୦ ପର୍ଯ୍ୟନ୍ତ ଶ୍ରମିକ ଥିବା କାରଖାନାଗୁଡ଼ିକୁ ଏହି ଆଇନର ପରିଧିରୁ ମୁକ୍ତ କରିଛନ୍ତି। ପୂର୍ବରୁ ସର୍ବନିମ୍ନ ୧୦୦ ଶ୍ରମିକ ଥିବା କୌଣସି ଶିଳ୍ପରେ ମାଲିକ ବା ପରିଚାଳନା କର୍ତ୍ତୃପକ୍ଷ ଯଦି ଶ୍ରମିକମାନଙ୍କୁ ଛଟେଇ, ଲେ–ଅଫ୍ କିମ୍ବା ତାଲାବନ୍ଦ କରିବାକୁ ଚାହିଁଲେ, ସରକାରଙ୍କ ଅନୁମତି ନେବା ଅନିବାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ଏହି ସୀମାକୁ ୩୦୦କୁ ବୃଦ୍ଧି କରିବା ଫଳରେ ଅଧିକରୁ ଅଧିକ ଶିଳ୍ପ ଏହି ଆଇନର ପରିଧି ମଧ୍ୟରୁ ବାହାରିଯିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ୮୦ପ୍ରତିଶତରୁ ଅଧିକ ଶିଳ୍ପରେ ୩୦୦ରୁ କମ୍ ସଂଖ୍ୟକ ଶ୍ରମିକ କାମ କରୁଥିବାରୁ ଏହି ସଂଶୋଧନ ଫଳରେ ରାଜ୍ୟର ଶିଳ୍ପ ଶ୍ରମିକଙ୍କ ଏକ ସିଂହଭାଗଟି ଶ୍ରମ ଅଧିକାରରୁ ବଞ୍ଚିତ ହୋଇ ମାଲିକମାନଙ୍କ ହାୟାର ଏଣ୍ଡ ଫାୟାର ବା ଛଟେଇ ନୀତିର ସହଜ ଶିକାର ହେବେ।

ଦେଶରେ ଶ୍ରମ ସଂସ୍କାର ନାଁରେ କେନ୍ଦ୍ରର ମୋଦି ସରକାର ବର୍ତ୍ତମାନ ଥିବା ଶ୍ରମ ଆଇନରେ ସଂଶୋଧନ ବା ଉଚ୍ଛେଦ କରି ତାକୁ ଚାରୋଟି ଶ୍ରମ କୋଡରେ ରୂପାନ୍ତରିତ କରିବାକୁ ଉଦ୍ୟମ କରି ଆସିଛନ୍ତି। ଦେଶୀ ବିଦେଶୀ ବୃହତ୍ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ବର୍ତ୍ତମାନ ରହିଥିବା ଶ୍ରମ ଆଇନଗୁଡ଼ିକୁ ପ୍ରତିବନ୍ଧକ ଭାବେ ଉପସ୍ଥାପିତ କରୁଛନ୍ତି। କିନ୍ତୁ ଏହା ଏକଦମ୍ ଭିତ୍ତିହୀନ। କାରଣ ଗତ ଚାଳିଶ ବର୍ଷ ମଧ୍ୟରେ ଆମ ଦେଶରେ ଦ୍ରବ୍ୟର ଉତ୍ପାଦନ ମୂଲ୍ୟରେ ମଜୁରିର ହାର ଲଗାତର ଭାବେ କମିବା ବିଭିନ୍ନ ଅଧ୍ୟୟନରୁ ଜଣାପଡ଼ିଛି। ୧୯୮୦–୮୧ରେ ଏହା ୩୦ପ୍ରତିଶତ ଥିବା ବେଳେ ୧୯୯୦–୯୧ରେ ୨୧ପ୍ରତିଶତ, ୨୦୦୦–୦୧ରେ ୧୫ପ୍ରତିଶତ ଏବଂ ୨୦୧୦–୧୧ରେ ତାହା ୧୦ପ୍ରତିଶତକୁ ହ୍ରାସ ପାଇଥିବା ଜଣାପଡ଼ିଛି। ଅତଏବ ଏଭଳି ପରିସ୍ଥିତିରେ ଶ୍ରମ ଆଇନକୁ ଶିଳ୍ପ ବିକାଶର ପ୍ରତିବନ୍ଧକ କହି ସମସ୍ତ ଶ୍ରମ ଆଇନକୁ ସମାପ୍ତ କରି ତାରି ସ୍ଥାନରେ ଚାରୋଟି ଦୁର୍ବଳ ଓ ନିଷ୍ପ୍ରଭାବୀ ଶ୍ରମ କୋଡ୍ ଆଣିବାକୁ ଉଦ୍ୟମ କରିଛନ୍ତି ତାହା ବିପଜ୍ଜନକ ମନେହୁଏ।

ଆମ ଦେଶରେ ଶ୍ରମ ଆଇନଗୁଡ଼ିକ ଅନେକ ବର୍ଷ ତଳେ ପ୍ରଣୀତ ହୋଇଥିବାରୁ ଏବଂ ସେସବୁକୁ ଠିକ୍ ରୂପେ ଲାଗୁ କରାଯାଉ ନ ଥିବାରୁ ସେସବୁରେ ସଂସ୍କାର ଆଣି ତାହା କିପରି ଅଧିକ ଶକ୍ତିଶାଳୀ ଏବଂ ଶ୍ରମିକ ସପକ୍ଷବାଦୀ ହୋଇପାରିବ ସେଥିପାଇଁ ସରକାର ପଦକ୍ଷେପ ନେବା ଦରକାର ଥିଲା। କିନ୍ତୁ ସରକାରଙ୍କ ଉଦ୍ଦେଶ୍ୟରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ସଂସ୍କାରଟି ଶ୍ରମିକଙ୍କ ସ୍ୱାର୍ଥରେ ନୁହେଁ ବରଂ ମାଲିକ ଶ୍ରେଣୀର ସ୍ୱାର୍ଥରେ କରାଯାଉଛି। ଶ୍ରମ ଆଇନରେ ସଂଶୋଧନ ଜରିଆରେ ସରକାର ସେଥିରେ ଥିବା ଶ୍ରମିକମାନଙ୍କ ଅଧିକାରକୁ ଦୁର୍ବଳ ଓ ପ୍ରଭାବହୀନ କରିବା ସହିତ ଅଧିକରୁ ଅଧିକ ଶ୍ରମିକ ଯେପରି ଶ୍ରମ ଆଇନର ପରିଧିରୁ ବାହାରିଯିବେ ସେଥିପାଇଁ ଉଦ୍ୟତ ଅଛନ୍ତି। ଅତଏବ ଶ୍ରମିକମାନଙ୍କୁ ସେମାନଙ୍କ କଷ୍ଟଲବ୍ଧ ବିଭିନ୍ନ ଅଧିକାରରୁ ବଞ୍ଚିତ କରି ମାଲିକମାନଙ୍କୁ ମନଇଚ୍ଛା ଶୋଷଣ ପାଇଁ ଅବାଧ ସୁଯୋଗ ଦେବା ହେଉଛି ଏହି ସଂଶୋଧନର ଏକମାତ୍ର ଉଦ୍ଦେଶ୍ୟ। ତେବେ ଶ୍ରମିକ ସଂଗଠନଗୁଡ଼ିକ ଜୋରଦାର ବିରୋଧ ଲାଗି ଏଯାଏ ଶ୍ରମ ଆଇନରେ ସଂଶୋଧନ କରିବାରେ ସଫଳ ହୋଇ ପାରି ନ ଥିବା ସରକାର ଆଜି ଲକ୍‌ଡାଉନ୍‌ର ଆଢୁଆଳରେ ସମସ୍ତ ପ୍ରକାର ରାଜନୈତିକ ଗତିବିଧି ଏବଂ ଆନ୍ଦୋଳନ ଉପରେ କଟକଣାର ସୁଯୋଗ ନେଇ ତାକୁ ଲାଗୁ କରିବାରେ ଏକରକମ ସଫଳ ହୋଇପାରିଛନ୍ତି।

ମହାମାରୀର ମୁକାବିଲା ନାଁରେ ମାସ ମାସ ଧରି ଲକ୍‌ଡାଉନ୍ ଫଳରେ ରାଜ୍ୟର ସାଧାରଣ ଜନତା ବିଶେଷ କରି ଶ୍ରମିକ ଶ୍ରେଣୀ ଭୟଙ୍କର ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଅଧିକାଂଶ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ହୋଇଯିବାରୁ ରାଜ୍ୟର ଲକ୍ଷ ଲକ୍ଷ ଶ୍ରମିକ ନିଜର କାମ ଧନ୍ଦା ହରାଇ ଭୟଙ୍କର ଆର୍ଥିକ ଓ ମାନସିକ ସଙ୍କଟରେ ରହିଛନ୍ତି। ଏହି ସମୟ ମଧ୍ୟରେ ନା କେନ୍ଦ୍ର ନା ରାଜ୍ୟ, କୌଣସି ବି ସରକାର ସେମାନଙ୍କୁ କୌଣସି ପ୍ରକାର ସହାୟତା ଯୋଗାଇବାରେ ଏକଦମ୍ ବିଫଳ ହୋଇଛନ୍ତି। ଏପରି କି ବିଶ୍ୱର ପ୍ରାୟ ସମସ୍ତ ଦେଶରେ ଲକ୍‌ଡାଉନ୍ ସମୟରେ ଶ୍ରମିକ ଏବଂ କର୍ମଚାରୀଙ୍କ ଦରମାହାନିର ଭରଣା କରିବାକୁ ସେମାନଙ୍କ ଦରମା ଟଙ୍କାକୁ ସିଧାସଳଖ ବ୍ୟାଙ୍କଖାତାରେ ଜମା କରିଥିବା ବେଳେ ଆମ ଦେଶରେ ସରକାରମାନେ କିନ୍ତୁ ଚରମ ପ୍ରତାରଣା କରିଛନ୍ତି। ଏଭଳି ପରିସ୍ଥିତିରେ ମହାମାରୀ ଓ ଲକ୍‌ଡାଉନ୍‌ର ଦୋହରା ମାଡ଼ର ସମ୍ମୁଖୀନ ହୋଇ ଦୁର୍ଦ୍ଦିନ ଭିତରେ ରହିଥିବା ରାଜ୍ୟର ଶ୍ରମିକ ଶ୍ରେଣୀକୁ ସରକାରଙ୍କ ସଦ୍ୟତମ ପଦକ୍ଷେପ ବେଢ଼ି ଉପରେ କୋରଡ଼ା ମାଡ଼ ପରି ହୋଇଛି।

ମୋ–୯୪୩୭୧୬୭୩୯୧

# ବିପଦରେ ମଣିଷ ସମାଜ

ପ୍ରେମାନନ୍ଦ ନାୟକ

ସମ୍ପ୍ରତି କରୋନା ମହାମାରୀ ବା କୋଭିଡ୍–୧୯ ରୋଗ ପୃଥିବୀ ସାରା ମଣିଷଙ୍କର ଜୀବନ–ଜୀବିକା ପ୍ରତି ମହା ବିପଦ ଭାବରେ ଉଭା ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହା ଯୋଗୁ ମଣିଷର ସ୍ୱଭାବ, ଚରିତ୍ରରେ ଅସ୍ୱାଭାବିକ ପରିବର୍ତ୍ତନ। ମଣିଷର ବୁଦ୍ଧି ବିବେକ, ଜ୍ଞାନ ଗରିମା, ନୀତି ନୈତିକତା ଆଦି ସୁଗୁଣ କରୋନାର ସର୍ବଗ୍ରାସୀ କ୍ଷୁଧା ଗ୍ରାସକରି ତାହା ପରିବର୍ତ୍ତେ ସ୍ୱାର୍ଥପରତା, ଅବିବେକତା, ଅମାନବିକତା ଆଦି ଚାରିତ୍ରିକ ଦୁର୍ଗୁଣଗୁଡିକ ପଦାରେ ପକାଇ ଦେଇଛି। ହିନ୍ଦୁଧର୍ମର ମହାନ ମନ୍ତ୍ର 'ସର୍ବଜନହିତାୟ' ଓ 'ବସୁଧୈବ କୁଟୁମ୍ବକମ୍' ସହିତ ଅଧୁନା ପ୍ରଗତିର ମନ୍ତ୍ର 'ବିଶ୍ୱାୟନ' ବା 'ଜଗତୀକରଣ' ଆଜି ନିରର୍ଥକ। ସାମାଜିକ ପ୍ରାଣୀ ବୋଲାଉଥିବା ମଣିଷ 'ଆପେ ବଞ୍ଚିଲେ ବାପର ନାଁ' ନ୍ୟାୟରେ ଏବେ ସମାଜକୁ ଛାଡି ଆତ୍ମସର୍ବସ୍ୱ ହୋଇଉଠିଛି।

ତାମିଲନାଡୁରେ କାର୍ଯ୍ୟ କରୁଥିବା ଓଡିଶାର ପ୍ରବାସୀ ଶ୍ରମିକମାନଙ୍କୁ ସଂସ୍ଥାର ସୁରକ୍ଷାକର୍ମୀ ଗୋଡାଇ ଗୋଡାଇ ପିଟିବା ଏବଂ ଗୁଜରାଟରେ ଓଡିଶାର ଶ୍ରମିକଙ୍କ ପୋଲିସ ଆକ୍ରମଣରେ ମୃତ୍ୟୁ ହେବା ଇତ୍ୟାଦି ଘଟଣା ଦାରୁଣ ଦୁଃଖଦାୟକ। କାଲି ପର୍ଯ୍ୟନ୍ତ ଯେଉଁ ଶ୍ରମିକ ସେମାନଙ୍କର ଅକ୍ଳାନ୍ତ ଶ୍ରମ ବିନିମୟରେ ସଂସ୍ଥାର ମାଲିକମାନଙ୍କୁ ଲାଭବାନ କରିବା ସହିତ ଦେଶର ଅର୍ଥନୀତିକୁ ପରିପୁଷ୍ଟ କରୁଥିଲେ, କରୋନା ଭୟରେ ସେମାନେ ହଠାତ୍ ଅଲୋଡା ହୋଇପଡିଲେ। ଏପରି କି ସେମାନଙ୍କୁ ମାଡଦେଇ ଉକ୍ତ ସ୍ଥାନରୁ ଘଉଡ଼ାଇବାକୁ ପଡ଼ିଲା। ପ୍ରବାସୀ ଶ୍ରମିକ ଗାଁରେ ପହଞ୍ଚିବା ପରେ ମଧ୍ୟ ସେମାନଙ୍କୁ ଗାଁରେ ପୂରାଇ ଦିଆଗଲା ନାହିଁ। ଟିଟିଲାଗଡ଼ ସଙ୍ଗରୋଧ କେନ୍ଦ୍ରରୁ ମୁକ୍ତ ହୋଇ ଗ୍ରାମକୁ ଫେରିଥିବା ଜଣେ ପ୍ରବାସୀ ଯୁବକ ନିଜ ଗାଁ ଘରେ ପଶିବାକୁ ଗ୍ରାମବାସୀଙ୍କ ଦୃଢ଼ ବିରୋଧର ସମ୍ମୁଖୀନ ହେଲେ। ସଙ୍ଗରୋଧ କେନ୍ଦ୍ରରେ ରହି ଅନ୍ୟ ଜାତିର ଲୋକଙ୍କ ସହିତ ମିଳାମିଶା କରିଥିବାରୁ ଗାଁରୁ ଏବଂ ଜାତିରୁ ତାଙ୍କୁ ବାସନ୍ଦ କରାଗଲା। ସ୍ୱ ଜାତିରେ ଗ୍ରହଣ ପାଇଁ ଦେବଦେବୀଙ୍କ ପାଖରେ ପୂଜାର୍ଚ୍ଚନା ଓ ଛେଳି କୁକୁଡ଼ା ବଳିଦେବା ପାଇଁ ବାଧ୍ୟ କରାଗଲା, ଯାହା କି ଏକ ମଧ୍ୟଯୁଗୀୟ ସାମାଜିକ କୁସଂସ୍କାର ଓ କୁତ୍ସିତ ପରମ୍ପରା ବୋଲି କୁହାଯାଇପାରେ। ତେଣୁ ଅନେକ ପ୍ରବାସୀ ଅନନ୍ୟୋପାୟ ହୋଇ ଜଙ୍ଗଲକୁ ଚାଲିଗଲେ ତ ଆଉ କେତେକ ଗଛ ତଳେ କାଳଯାପନ କରିବାକୁ ବାଧ୍ୟ ହେଲେ।

କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରିଠାରେ 'କରୋନା ଯୁଦ୍ଧରେ ଅଗ୍ରଣୀ ଯୋଦ୍ଧା' ଭାବେ ପରିଚିତ ଜଣେ ଡାକ୍ତର ଏକ ଘରୋଇ କ୍ଲିନିକ କରି ଦୀର୍ଘ ବର୍ଷ ହେଲା ସ୍ଥାନୀୟ ଲୋକଙ୍କ ସେବା କରିଆସୁଥିଲେ। ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଏକ କାର୍ ଯୋଗେ ଫୁଲବାଣୀକୁ ଚିକିତ୍ସା ପାଇଁ ନେଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଆତ୍ମୀୟ ସ୍ୱଜନ ତାଙ୍କ ମୃତଦେହକୁ ଘୁ.ଉଦୟଗିରି ଏନ୍ଏସିସ୍ଥିତ କନବାଗେରୀ ଗ୍ରାମ ନିକଟକୁ ସମାଧି ଦେବାକୁ ଯାଇଥିଲେ। ତେବେ ସେଠାକାର ସ୍ଥାନୀୟ ଲୋକେ କରୋନା ସଂକ୍ରମଣରେ ମୃତ୍ୟୁ ଘଟିଥିବା ସନ୍ଦେହ କରି ସମାଧି ଦେବାକୁ ବିରୋଧ କରିଥିଲେ। ବିଗତ ଦିନରେ ଯେଉଁମାନେ ଡାକ୍ତରଙ୍କୁ ଭଗବାନ ବୋଲି ମାନୁଥିଲେ ତାଙ୍କର ମୃତ୍ୟୁ ପରେ କେହି ତାଙ୍କୁ ଚିହ୍ନିଲେ ନାହିଁ କି ସହଯୋଗର ହାତ ବଢାଇଲେ ନାହିଁ। କରୋନା ସଂକ୍ରମଣରେ ପ୍ରାଣ ହରାଇଥିବା ଆଶଙ୍କାରେ ଜଣେ ଡାକ୍ତରଙ୍କ ମର ଶରୀରକୁ ନିଜ ଗାଁ ଶ୍ମଶାନରେ ମଧ୍ୟ ଶେଷକୃତ୍ୟ ପାଇଁ ଜାଗା ମିଳିଲାନି। ସେହିପରି ଗୁଣୁପୁର ଗୁଡ଼ାରି ବାରତମ ସାହିର ଜଣେ ୬୪ବର୍ଷୀୟ ବୃଦ୍ଧଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଉପୁଜି ପ୍ରାଣ ହରାଇଲେ। ବର୍ତ୍ତମାନ ପରିସ୍ଥିତିରେ କରୋନାଜନିତ ମୃତ୍ୟୁ ସନ୍ଦେହ କରି ଆତ୍ମୀୟ, ବନ୍ଧୁବାନ୍ଧବ କି ସାହିପଡ଼ିଶା କେହି ବି ତାଙ୍କ ଶବ ନିକଟକୁ ଯାଇ ନ ଥିଲେ କି କାନ୍ଧ ଦେବାକୁ ରାଜି ହୋଇ ନ ଥିଲେ। କୁହାଯାଏ, କାରୁରୁ ଥିଲେ ଶବର ସାଥୀ। ଏକାକୀ କୁମୁଟି ସମ୍ପ୍ରଦାୟର ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଶବକୁ ନିଜେ କାନ୍ଧ ଦେଇ ଶ୍ମଶାନକୁ ନେଇଥିବା ବେଳେ, ତାଙ୍କୁ ଚାରିକାନ୍ଧ ନ ମିଳିବା ପ୍ରକୃତରେ ଦୁର୍ଭାଗ୍ୟଜନକ। ତାଙ୍କ ଶବକୁ ଏଭଳି ଅସମ୍ମାନ ପ୍ରଦର୍ଶନ ଦେଖି ଗ୍ରାମର ତିନିଜଣ ବଦାନ୍ୟ ଯୁବକ ଏକ ଟ୍ରଲିରେ ଶବକୁ ନେଇ ଶ୍ମଶାନରେ ଦାହ କରିଥିଲେ। କରୋନା ସଂକ୍ରମଣ ଭୟରେ ଜୀବନ୍ତ ମଣିଷ ବା ମର ଶରୀରର ଅବହେଳାଜନିତ ଅନେକ ଘଟଣା ରାଜ୍ୟ ତଥା ଦେଶ ସାରା ଘଟିବାରେ ଲାଗିଛି। ସବୁଠାରୁ ପୀଡ଼ାଦାୟକ ହେଉଛି କରୋନାଜନିତ ଭୟ ବା ଆତଙ୍କର ବାତାବରଣ। କରୋନାରେ ଆକ୍ରାନ୍ତ ରୋଗୀ ସୁସ୍ଥ ହୋଇ ଘରକୁ ଫେରିବା ପରେ ମଧ୍ୟ ସମାଜ ଚକ୍ଷୁରେ ଘୃଣିତ ହେଲାଭଳି ରହୁଛି।

କରୋନା ଭୂତାଣୁ ଉଦ୍ଭାବନ କରି ସମଗ୍ର ପୃଥିବୀକୁ ସଂକ୍ରମିତ କରାଇଥିବା ଦେଶଟି ସେତିକିରେ ସନ୍ତୁଷ୍ଟ ହୋଇ ରହିନାହିଁ। ଏବେ ନୂତନ ମାରାତ୍ମକ ଭୂତାଣୁ ସୃଷ୍ଟିକରି ପୃଥିବୀବାସୀଙ୍କୁ ଆହୁରି କଲବଲ କରିବାକୁ ଚେଷ୍ଟିତ। ଏହା ହିଁ ଆଜି ମଣିଷ ସମାଜ ପାଇଁ ମସ୍ତବଡ଼ ଆହ୍ୱାନ ତଥା ବିପଦ ବୋଲି କୁହାଯାଇପାରେ।

ଶହୀଦ ନଗର, ଭୁବନେଶ୍ୱର
ମୋ–୯୪୩୭୩୮୨୧୦୦

## ଏଇ ଭାରତରେ

ମେକ୍ସିକୋ ଓ ସେଣ୍ଟ୍ରାଲ ଆମେରିକାରେ ଫଳୁଥିବା ଡ୍ରାଗନ ଫ୍ରୁଟ୍ସ ଚାଷ କରି ତ୍ରିପୁରାର ଚାଷୀ ପରିମଳ ଦାସ ସଫଳ ହୋଇଛନ୍ତି। ସେ ଡ୍ରାଗନ ଫ୍ରୁଟ୍ସ ଫଳାଇ କିଲୋ ୪୦୦ ଟଙ୍କା ଭାଉରେ ବିକ୍ରି କରୁଛନ୍ତି। ପରିମଳଙ୍କ ବୟସ ୫୭। ସେ ପ୍ରଥମେ ଇଣ୍ଟରନେଟ୍‌ରୁ ଏହି ଚାଷ ସମ୍ପର୍କରେ ଜାଣିବାକୁ ପାଇଥିଲେ। କଞ୍ଚନମାଳା ଗାଁ ରହନ୍ତି ପରିମଳ। ସେ ୨୦୧୭ରେ କୋଲକାତା ଓ ବାଂଲାଦେଶରୁ ୫୦ଟି ଚାରା ଆଣି ୧.୫ ଏକର ଜମିରେ ରୋପଣ କରିଥିଲେ। ୧୮ ମାସ ପରେ ଫଳ ଆସିବା ଆରମ୍ଭ ହୋଇଥିଲା। ଏବେ ସେ ଅଧିକ ଲାଭ ପାଉଛନ୍ତି। ବର୍ଷସାରା ଡ୍ରାଗନ ଫ୍ରୁଟ୍ସ ଫଳୁଛି। ୨୦୧୯ରେ ସେ ପ୍ରଥମେ ୫୦ କେଜି ଡ୍ରାଗନଫ୍ରୁଟ୍ସ ବିକ୍ରି କରିଥିଲେ। ଚଳିତ ବର୍ଷ ପ୍ରଥମ ଥରରେ ବିକ୍ରି କରି ୩୦,୦୦୦ ଟଙ୍କା ଲାଭ ପାଇସାରିଛନ୍ତି। ସେ ଏହି ଫାର୍ମରେ ପ୍ରଥମେ ୧୫,୦୦୦ ଟଙ୍କା ନିବେଶ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୯ ସେପ୍ଟେମ୍ବର ୧୯୯୫

- ୭୩ ବର୍ଷୀୟ ହରଚରଣ ସିଂ ବ୍ରାର ପଞ୍ଜାବର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି।
- ଫ୍ରାନ୍ସ ପକ୍ଷରୁ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ୨ୟ ଆଣବିକ ପରୀକ୍ଷା କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଉଥିବାରୁ, ପ୍ରତିବାଦ ସ୍ୱରୂପ ବିଭିନ୍ନ ୟୁନିୟନ ପକ୍ଷରୁ ଫ୍ରାନ୍ସର ମାଲବାହୀ ଜାହାଜ ଚଳାଚଳ ଉପରେ ନିଷେଧାଜ୍ଞା ଜାରି କରାଯାଇଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 5 | 7 | | | | | B | | 2 | | |
| | 4 | D | | | 3 | C | 8 | | | | 6 | | | 1 |
| | | | E | | | D | 1 | | | 8 | | | | A |
| | 1 | | | C | | | | | 4 | E | | 9 | | |
| | 3 | 8 | | | | 7 | | B | | C | 0 | 4 | | |
| | | 9 | | D | | | 6 | | | | | A | | 3 |
| 6 | | 7 | | | | 8 | | | 0 | 3 | | | | |
| 4 | | A | | | | | | 5 | B | | 2 | | | |
| | | | B | 7 | 2 | | | 3 | 8 | | | | 6 | 9 |
| C | 8 | | | 4 | 0 | | A | | | | | | | |
| | | | | | 6 | 3 | | | | | | D | 0 | |
| | 5 | | | | | 9 | | | | 0 | 3 | | | |
| 7 | | 2 | | 9 | 8 | | | A | | 4 | | | | |
| | B | | 2 | E | 1 | 6 | 5 | | 9 | 7 | | | | |
| | C | | 5 | | | | 4 | E | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | E | D | 1 | 5 | 2 | 9 | 8 | A | 4 | B | 7 | C | 0 |
| C | 7 | 2 | B | 4 | 6 | E | 1 | 0 | 5 | 3 | 9 | 8 | A | D |
| B | 0 | 8 | A | 3 | 9 | 5 | 7 | C | 2 | D | 1 | 4 | E | 6 |
| 9 | 5 | A | 8 | 7 | C | 4 | 3 | D | 0 | E | 6 | 1 | B | 2 |
| 1 | 4 | D | 2 | 0 | E | 6 | B | A | 8 | 7 | C | 9 | 3 | 5 |
| 5 | B | 3 | 0 | 9 | 7 | 8 | C | E | D | 6 | 4 | A | 2 | 1 |
| 4 | D | 7 | E | B | 2 | A | 6 | 9 | 1 | 8 | 3 | 0 | 5 | C |
| 8 | 1 | 0 | 4 | 5 | A | D | 2 | 3 | E | C | 7 | 6 | 9 | B |
| A | 9 | C | 6 | 8 | 3 | 0 | 4 | 1 | B | 5 | 2 | D | 7 | E |
| 2 | E | 6 | 1 | C | D | B | 5 | 7 | 9 | A | 0 | 3 | 8 | 4 |
| E | 8 | 4 | 9 | 6 | 0 | C | A | 5 | 3 | B | D | 2 | 1 | 7 |
| 7 | C | 9 | 5 | 2 | B | 3 | D | 6 | 4 | 1 | A | E | 0 | 8 |
| 6 | 3 | 5 | 7 | A | 4 | 1 | E | 2 | C | 0 | 8 | B | D | 9 |
| D | 2 | 1 | 3 | E | 8 | 7 | 0 | B | 6 | 9 | 5 | C | 4 | A |
| 0 | A | B | C | D | 1 | 9 | 8 | 4 | 7 | 2 | E | 5 | 6 | 3 |

ଗତକାଲିର ଉତ୍ତର

# ନିଜକୁ ନିଜ ସହ ତୁଳନା

ପ୍ର. ଶରତ ଚନ୍ଦ୍ର ରଥ

ସେଦିନ ପ୍ରାତଃଭ୍ରମଣ ବେଳେ ରାମବାବୁ ପ୍ରଶ୍ନଟିଏ ପଚାରିଲେ ରମେଶବାବୁଙ୍କୁ। ପ୍ରଶ୍ନଟି ଏହିପରି ଯେ କାହିଁକି ଏ ଲୋଭ, କାହିଁକି ଏ କ୍ରୋଧ, ଏ ହିଂସା, ଏ ଈର୍ଷା, ଏ ମିଥ୍ୟା, ଏ ଅସହିଷ୍ଣୁତା କାହିଁକି? ରମେଶବାବୁ ଏ ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ଉମେଶବାବୁଙ୍କୁ ପଚାରିବା ପାଇଁ ସ୍ଥିର କରାଗଲା। ଉମେଶବାବୁ ପ୍ରଶ୍ନଟି ଶୁଣି ଯାହା ଉତ୍ତର ଦେଲେ ତାହା ଶୁଣି ସମସ୍ତଙ୍କୁ ଅବାକ୍ ଲାଗିଲା। ଉମେଶବାବୁ କହିଲେ ଯେ, ହୀନମନ୍ୟତା ହିଁ ଏ ସବୁ କିଛିର କାରଣ। କଥାଟି ବଡ଼ ଅଦ୍ଭୁଆ ଲାଗିଲା କାରଣ ପ୍ରାୟ ସମସ୍ତଙ୍କର ଧାରଣା ଥିଲା ଯେ ଧନୀ ଲୋକମାନେ ଲୋଭ କରନ୍ତି, ରାଗୁଆ ଲୋକମାନେ କ୍ରୋଧକରନ୍ତି, ପ୍ରତିଷ୍ଠିତ ଲୋକମାନେ ଈର୍ଷା କରନ୍ତି, ବୁଦ୍ଧିଆ ଲୋକମାନେ ମିଥ୍ୟା କହନ୍ତି ବା ଆଚରଣ କରନ୍ତି (କାରଣ ସେମାନେ ନେଇ ଆଣି ଥୋଇପାରନ୍ତି), ଅତି ଶୃଙ୍ଖଳିତ ଲୋକମାନେ ଟିକିଏ ଓଲମ୍ବିଲମ୍ ଦେଖିଲେ ଅସହିଷ୍ଣୁ ହୋଇପଡ଼ନ୍ତି। ଅଥବା ନିଜକୁ ବଡ଼ ଭାବୁଥିବା ଲୋକମାନେ ଅନ୍ୟ ପ୍ରତି ଅସହିଷ୍ଣୁ ହୋଇପଡ଼ନ୍ତି।

ଉମେଶବାବୁଙ୍କ କଥାକୁ ଭଲ ଭାବରେ ତର୍ଜମା କରାଗଲା ଏବଂ କଥାଟିର ସତ୍ୟାସତ୍ୟ ନିର୍ଣ୍ଣୟ କରାଗଲା। ପ୍ରକୃତରେ ନିଜକୁ ଗରିବ ମନେ ନ କଲେ କେହି ଅନ୍ୟର ସମ୍ପଦ ପ୍ରତି ଲୋଭ କରେ ନାହିଁ। ଚିନ୍ତା ଓ ଚେତନାରେ ଦୁର୍ବଳ ନ ହେଲେ କେହି ଅନ୍ୟ ଉପରେ ଟିକିଏ ଟିକିଏ କଥାରେ କ୍ରୋଧ କରେ ନାହିଁ। ମନରେ ଭୟ ନ ଥିଲେ କେହି ଅନ୍ୟ ପ୍ରତି ହିଂସା କରେ ନାହିଁ। ନିଜେ ସେଇ ସେଇ କଥାରେ କମ୍‌ଜୋର ନ ଥିଲେ କେହି ଅନ୍ୟ ପ୍ରତି ଈର୍ଷା କରେ ନାହିଁ। ଦୁର୍ବଳମନା ନ ହେଲେ ଜଣେ ମିଛକୁ ଆଶ୍ରୟ କରେ ନାହିଁ। ମନରେ ଘୃଣା ଭାବ ନ ଥିଲେ କେହି ଅସହିଷ୍ଣୁତା ପ୍ରକାଶ କରେ ନାହିଁ। ଏସବୁ ହଠାତ୍ ପଢିଲେ ବା ଶୁଣିଲେ ଟିକିଏ କେମିତି କେମିତି ମନେହେବ, ମାତ୍ର ତଳେଇ ଦେଖିଲେ ଅଥବା ଟିକିଏ ମନମୁନ ଲଗାଇଲେ କଥାଟିର ମର୍ମ ବୁଝିହେବ। ଅସଲ କାରଣ ଜାଣିହେବ ଏବଂ ଇଚ୍ଛା କଲେ ଓ ଚେଷ୍ଟା କଲେ ନିରାକରଣ ମଧ୍ୟ କରିହେବ। ବାସ୍ତବରେ ଏସବୁ ବିଚାର୍ଯ୍ୟ ବିଷୟ।

ପ୍ରକୃତପକ୍ଷେ ଆମ ଭିତରେ ଚିନ୍ତାଚେତନାର ସୀମିତତା, ସଂକୀର୍ଣ୍ଣତା ଏବଂ କ୍ଷୁଦ୍ରତା ରହିଛି। ଫଳରେ ଆମ ଦୃଷ୍ଟିକୋଣ ଏବଂ ଗ୍ରହଣଶୀଳତା ସଙ୍କୁଚିତ, ସୀମିତ ଓ ସଂକୀର୍ଣ୍ଣ ହୋଇଯାଉଛି। ଏହାର ଫଳଶ୍ରୁତିସ୍ୱରୂପ ଆମକୁ ସବୁକିଛି ସଂକୀର୍ଣ୍ଣ, ହେୟ ଓ ନଗଣ୍ୟ ଲାଗୁଛି। ଏପରି କି ଅନ୍ୟର ଭଲ ଗୁଣ ଆମକୁ ମନ୍ଦ ଲାଗୁଛି। ଅବାଗ ଲାଗୁଛି। ଅନ୍ୟର ଉଦାରତା ଆମକୁ ଚଞ୍ଚକତା ଅଥବା କୃତ୍ରିମତା ପରି ବୋଧ ହେଉଛି। ଆମର ଛାଞ୍ଚଟି କ୍ଷୁଦ୍ର ଓ ସୀମିତ ହୋଇଥିବାରୁ ସେହି ଛାଞ୍ଚ ଦ୍ୱାରା କ୍ଷୁଦ୍ର ସଂକୀର୍ଣ୍ଣ କଥା ସବୁ ଧରାପଡୁଛି। ଆମର ମାପକାଠିଟି ଛୋଟ ହୋଇଥିବାରୁ ଖାଲି ଛୋଟ କଥାଗୁଡିକୁ ମାପି ହେଉଛି। ଅନ୍ୟକୁ ମାପିବାର ସାମର୍ଥ୍ୟ ଆମର ନାହିଁ। ଆମେ କେବଳ ନିଜକୁ ଘୋଡାଇବା ପାଇଁ ଅଥବା ବୃଥା ବଡ କରିବା ପାଇଁ ଆମ ମାପରେ ଅନ୍ୟକୁ ମାପୁ ଓ ମନ୍ତବ୍ୟ ପ୍ରକାଶ କରୁ। ତେଣୁ କଥାଟି ଅନ୍ଧଙ୍କର ହାତୀ ଦେଖାପରି ହୁଏ ଅଥବା ଲବଣି ପିତୁଳାର ସମୁଦ୍ର ମାପ ପରି ହୁଏ। ଫଳରେ ନା ନିଜର କିଛି ଲାଭ ହୁଏ ନା ଅନ୍ୟର।

ଏ ସବୁର ମୂଳରେ ଅଛି ଅନ୍ୟ ସହ ନିଜକୁ ଲକ୍ଷ୍ୟରେ ଅବା ଅଲକ୍ଷ୍ୟରେ ତୁଳନା କରିବା। ଅନ୍ୟ ସହିତ ଆମେ ନିଜକୁ ଯେତେ ତୁଳନା କରିବା ଆମ ଭିତରକୁ ସେତେ ଦୁଃଖ, ଯନ୍ତ୍ରଣା, ବିଷଣ୍ଣତା, ନୈରାଶ୍ୟ, ହତାଶା ପଶିଆସିବ। ସେହି ଦୁଃଖ, ଯନ୍ତ୍ରଣା, ହତାଶା, ନିରାଶାର ରୋଗ ଜୀବାଣୁ ପଶିଲେ ମନର ଫାଙ୍କବାଟେ ଶରୀର ପର୍ଯ୍ୟନ୍ତ ପହଞ୍ଚି ଶରୀର ଓ ପ୍ରାଣକୁ ଅସୁସ୍ଥ କରିବ। ଶରୀର ଓ ପ୍ରାଣ ଗୋଟିଏ ମୁଦ୍ରାର ଦୁଇ ପାଖ ପରି ଅଙ୍ଗାଙ୍ଗିଭାବରେ ଜଡିତ। ପ୍ରାଣଶକ୍ତି ଦୁର୍ବଳ ହୋଇଗଲେ ଶରୀର ମଧ୍ୟ ଦୁର୍ବଳ ହେବ। ପ୍ରାଣ ହିଁ ଶରୀରକୁ ଶକ୍ତିଦିଏ। ପ୍ରାଣ ଶକ୍ତିହୀନ ହୋଇଗଲେ ଶରୀର ଦୁର୍ବଳ ହୋଇ ଭାଙ୍ଗିପଡେ।

ବାସ୍ତବିକ ଅନ୍ୟ ସହ ତୁଳନା ଆମକୁ କ୍ଷତିଗ୍ରସ୍ତ କରେ, ମାତ୍ର ନିଜ ସହ ନିଜକୁ ତୁଳନା ଆମକୁ ଲାଭବାନ କରେ। ନିଜ ସହ ନିଜର ତୁଳନାକୁ ଆତ୍ମତୁଳନା ବୋଲି ଆମେ କହିପାରିବା। ଆମ ସମସ୍ତଙ୍କ ଭିତରେ ନକାରାତ୍ମକତାରୁ କିଛି ଓ ସକାରାତ୍ମକତାରୁ କିଛି କଥା ଅଛି। ଆମେ କେବେ ଏ କଥା ଭାବିନାହୁଁ ଦେଖିନାହୁଁ ବୁଝିବା ତ ଦୂରର କଥା। ପ୍ରଥମେ ଭାବନା ଦ୍ୱାରା ଏହାକୁ ସ୍ଥିର କରାଯିବା କଥା, ଯାହାକୁ ଆମେ ଆତ୍ମବିଶ୍ଳେଷଣ ବୋଲି କହିବା। ଆତ୍ମବିଶ୍ଳେଷଣ ଦ୍ୱାରା ଆମ ଭିତରେ ଥିବା ସତ୍ତ୍ୱଗୁଣ, ରଜୋଗୁଣ ଓ ତମୋଗୁଣକୁ ଆମେ ଜାଣିପାରିବା। ଏହି ତିନିଗୁଣର ସମଷ୍ଟିରେ ଆମର ସ୍ୱଭାବ ଗଠିତ। ଏପରି କେହି ବ୍ୟକ୍ତି ନାହିଁ ଏ ପୃଥିବୀରେ ଯାହା ଭିତରେ କମ୍‌ବେଶି ଭାବରେ ତିନିଗୁଣ ନାହିଁ। ଅତଏବ ସମସ୍ତଙ୍କ ଭିତରେ ସମାନ ଭାବରେ ନୁହେଁ ଅସମାନ ଭାବରେ ତିନିଗୁଣ ରହିଛି। କାହା ଭିତରେ ସତ୍ତ୍ୱଗୁଣ ଅଧିକ ଏବଂ ତମୋଗୁଣ ଓ ରଜୋଗୁଣ କମ୍, ପୁଣି କାହା ଭିତରେ ସତ୍ତ୍ୱଗୁଣ କମ୍ ଏବଂ ରଜୋଗୁଣ ଓ ତମୋଗୁଣ ଅଧିକ। ତମୋଗୁଣ ଅଧିକ ଥିଲେ ଜଣେ ସଂକୀର୍ଣ୍ଣମନା, କ୍ଷୁଦ୍ରମନା ହୁଏ। ଫଳସ୍ୱରୂପ ଲୋଭୀ, କ୍ରୋଧୀ, ଈର୍ଷାଳୁ, ମିଥ୍ୟାବାଦୀ, ହିଂସ୍ର, ଅସହିଷ୍ଣୁ ଇତ୍ୟାଦି ହୁଏ।

ନିଜ ସହ ନିଜକୁ ତୁଳନା କରିବାର ଲାଭ ହେଉଛି ଯେ ନିଜେ ନିଜକୁ ଅତିକ୍ରମ କରିବା। ଆତ୍ମବିଶ୍ଳେଷଣ ଦ୍ୱାରା ଜଣାପଡିବ ଯେ ଆମ ଭିତରେ ଏଇସବୁ ଅଳିଆ, ଆବର୍ଜନା ରହିଛି। ତାକୁ କେଉଁ ଆଡକୁ ଫିଙ୍ଗିଦେଲେ ଚଳିବ ନାହିଁ। ତାହା ପୁଣି ପବନରେ ଆମ ଭିତରକୁ ଉଡି ଆସିବ। ତାକୁ କେବଳ ରୂପାନ୍ତରିତ କରିହେବ। ତାକୁ ରିସାଇକ୍ଲିଙ୍ଗ କରି ଭିନ୍ନ ଭିନ୍ନ ବ୍ୟବହାର୍ଯ୍ୟ ବସ୍ତୁରେ ପରିଣତ କରିହେବ। ମଇଳା ପାଣିକୁ ରିସାଇକ୍ଲିଙ୍ଗ ତଥା ଟ୍ରିଟ୍‌ମେଣ୍ଟ କରି ସଫା ପାଣିରେ ପରିଣତ କରିହେବ।

ତମୋଗୁଣକୁ ରଜୋଗୁଣରେ ଏବଂ ରଜୋଗୁଣକୁ ସତ୍ତ୍ୱଗୁଣରେ ପରିଣତ କରିବାର ସାମର୍ଥ୍ୟ ଆମ ପାଖରେ ରହିଛି। ଆମର ଦୃଷ୍ଟିଭଙ୍ଗୀ ବଦଳିଗଲେ ଆମ ପାଇଁ ଦୃଶ୍ୟ ବଦଳିଯିବ। ଆମେ ସତ୍ତ୍ୱଗୁଣର ଯେତେ ଅଧିକାରୀ ହେବା ଆମକୁ ଅନ୍ୟମାନଙ୍କ ଭିତରେ ଥିବା ସତ୍ତ୍ୱଗୁଣ ସେତେ ଅଧିକ ଦିଶିବ। ଆମେ ଅନ୍ୟର ସତ୍ତ୍ୱଗୁଣକୁ ଦେଖି ତାକୁ ଦେଖାଇଦେଲେ ସେ ଉତ୍ସାହିତ ହେବା ସଙ୍ଗେ ସଙ୍ଗେ ତା' ଭିତରେ ଥିବା ତମୋଗୁଣର ପରିବର୍ତ୍ତନ ପାଇଁ ମଧ୍ୟ ଚେଷ୍ଟା କରିବ। ଫଳସ୍ୱରୂପ ତା' ଭିତରେ ଥିବା ତମୋଗୁଣ ହ୍ରାସ ପାଇବ ଏବଂ ସତ୍ତ୍ୱଗୁଣ ବୃଦ୍ଧିପାଇବ। ଏହା କେବଳ ମନସ୍ତତ୍ତ୍ୱର କଥା ନୁହେଁ ଯୁକ୍ତିଯୁକ୍ତ କଥା ମଧ୍ୟ। ଲାଭ ହେବ ଏତିକି ଯେ ଆମେ ଅଯଥା ଦୁଃଖଯନ୍ତ୍ରଣାରୁ ମୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ମଧ୍ୟ ଦୁଃଖକଷ୍ଟରୁ ମୁକ୍ତି ପାଇବାରେ ସହାୟତା କରିପାରିବା। ମନେପଡେ ଏଇ ପରିପ୍ରେକ୍ଷୀରେ ଶ୍ରୀମାଙ୍କର କଥା ଯେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହଁ, ତେବେ ପ୍ରଥମେ ନିଜ ଭିତରେ ଶାନ୍ତି ପ୍ରତିଷ୍ଠା କର। ନିଷ୍କର୍ଷରେ ଏତିକି କୁହାଯାଇପାରେ ଯେ ଆତ୍ମ ପରିବର୍ତ୍ତନ ହିଁ ବିଶ୍ୱ ପରିବର୍ତ୍ତନର ଚାବିକାଠି। ବ୍ୟକ୍ତି କେତେ ଶାନ୍ତିରେ ରହିବ, କେତେ ଅଶାନ୍ତିରେ ରହିବ, କେତେ ସୁଖରେ ବା ଦୁଃଖରେ ରହିବ ତାହା ଆଜି ଆମର ସମ୍ପୂର୍ଣ୍ଣ ଆୟତ୍ତାଧୀନ ନ ହେଲେ ମଧ୍ୟ ଆମେ ଚେଷ୍ଟା କଲେ କିଛି ଅଂଶରେ ଦୁଃଖ ଓ ଅଶାନ୍ତି କବଳରୁ ମୁକ୍ତ ହୋଇପାରିବା। ନିଜେ ନିଜର ବନ୍ଧୁ ହୋଇପାରିବା।

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର
ମୋ–୯୪୩୭୭୫୬୨୪୦

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା ସକାଳ

ମହାଶୟ,

ଘରଭିତରେ ରହିଲେ ସକାଳ ଦ୍ୱିପ୍ରହର ଓ ସନ୍ଧ୍ୟାରେ କିଛି ଫରକ ଜଣାପଡେ ନାହିଁ, ସବୁ ସମାନ । ସକାଳ ହେଲା କି ରାତି କିଛି ଫରକ ନାହିଁ। ସବୁଦିନ ରବିବାର ଭଳି ଲାଗୁଚି । ଦିନ ଦ୍ୱିପ୍ରହର ହେଲେ ଭାତ ଖାଇବାର ସମୟ ଆସିଯାଏ । ଖବରକାଗଜ ପଢ଼ିବାର ଆଉ ସ୍ପୃହା ନାହିଁ । କେବଳ ଚିତ୍ର ତାରକା କିମ୍ବା ପଲିଟିସିଆନ ମଲେ ପ୍ରଥମପୃଷ୍ଠାର ଖବର, ବାକି ଅଲୋଡା ଲୋକେ ମରିବାର ଖବର ମିଳୁଛି। ଲୋକଙ୍କୁ ମାଗଣାରେ ଡାଲି ଓ ଚାଉଳ ବିନା ପଇସାରେ ଖବର ପ୍ରଥମ ପୃଷ୍ଠାରେ ବାହାରୁଛି । ଜୀବନରେ ଏଭଳି ପରିସ୍ଥିତି ଦେଖା ନ ଥିଲା, ରାସ୍ତା ଘାଟ ଶୁନଶାନ, ଚଢେଇ ରାବଛଡା ଆଉକିଛି ଶବ୍ଦ ଶୁଭାଯାଉନାହିଁ। ଲୋକଙ୍କୁ ଟିକା ପ୍ଲାଜମା ଓ ବଟିକାର ମନଭୁଲାଣିଆ ଖବର ମଧ୍ୟ ପ୍ରକାଶ ପାଉଛି। ବ୍ରହ୍ମାଙ୍କ ସୃଷ୍ଟି କରୋନା, ଯେତିକି ମାରିବା କଥା ମାରିବେ। ୧୯୧୮ ଭଳି ଏହି ମହାମାରୀ କିଛି କୋଟିଙ୍କୁ ନ ମାରି ଯିବ ନାହିଁ । ଆଗରୁ ଇମିତି ମାହାମାରୀ ଆସିଥିଲା କିନ୍ତୁ ଟିଭି ଇଣ୍ଟରନେଟ୍ ନ ଥିବାରୁ ଲୋକେ ଏତେଟା ଭୟଭୀତ ହୋଇ ନ ଥିଲେ। ଏମିତି କେତେ ସକାଳ ଆସିବ ଆଉ ଯିବ କହିହବ ନାହିଁ। ଚାରିଆଡେ ଦୁର୍ନୀତି, କେତେ ଗାତ ବନ୍ଦ କରିବା। ନିଜ ଭାଗ୍ୟକୁ ଆଦରି ଘରଭିତରେ ରହିବା କଥା, ରହିଛୁ କରୋନାର ଅପେକ୍ଷାରେ ।

ଡା. ସଂଜୟ କୁମାର ଶତପଥୀ, ଭୁବନେଶ୍ୱର

### ଚିରନ୍ତନୀ

ଚମକି ମରମତଳେ
ଚାହେଁ ମୁଁ ନିରେଖି
ଜୀର୍ଣ୍ଣ ବିକଳ ପ୍ରାଣେ
ଛୁଇଁଗଲା ସେ କି ?

(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନୋକିଆ ୫.୩ ର ବିକ୍ରୟ ଆରମ୍ଭ

**ନୂଆଦିଲ୍ଲୀ:** ଏଚ୍‌ଏମ୍‌ଡି ଗ୍ଲୋବାଲ ପକ୍ଷରୁ ଭାରତ ବଜାରରେ ନୋକିଆର ୫.୩ ମଡେଲ ବିକ୍ରି ଆରମ୍ଭ ହୋଇଛି। ନୋକିଆ ୫.୩ ରେ ଏକ ଏଆଇ-ପରିଚାଳିତ କ୍ୱାଡ୍ କ୍ୟାମେରା, କ୍ୱାଲ୍‌କମ୍ ସ୍ନାପଡ୍ରାଗନ୍ ୬୬୫ ମୋବାଇଲ ପ୍ଲାଟ୍‌ଫର୍ମ ସହ ସିଗ୍ନେଚର ଟୁ-ଓ୍ୱେ ବ୍ୟାଟେରି ଲାଇଫ ଭଳି ଅନେକ ଫିଚର ରହିଛି। ଏହା ଏଆଇ-ପରିଚାଳିତ କ୍ୱାଡ୍ କ୍ୟାମେରା ନାଇଟ ମୋଡ୍ ଜରିଆରେ ମଧ୍ୟ କମ୍ ଆଲୋକରେ ଆବଶ୍ୟକ ସଟ୍ ଓ ପିକ୍‌କୁ ଭଲ ଭାବରେ କ୍ୟାପ୍‌ଚର କରିପାରିଥାଏ।

# ଆଇଆର୍‌ସିଟିସିରୁ ଅଂଶଧନ ବିକ୍ରି ହେବ

**ନୂଆଦିଲ୍ଲୀ, ୮।୯**

**୧୫ରୁ ୨୦% ଅଂଶଧନ ବିକ୍ରି ଯୋଜନା**



ଇଣ୍ଡିଆନ ରେଲୱେ କ୍ୟାଟେରିଂ ଆଣ୍ଡ ଟୁରିଜିମ କର୍ପୋରେଶନ (ଆଇଆର୍‌ସିଟିସି)ରୁ ସରକାର ପ୍ରାୟ ୧୫ରୁ ୨୦% ଅଂଶଧନ କ୍ରୟ କରିବା ଲାଗି ଯୋଜନା ରଖିଛନ୍ତି। ଅଫର ଅଫ୍ ସେଲ୍ (ଓଏଫ୍‌ଏସ୍) ଦ୍ୱାରା ଏହି ପ୍ରକ୍ରିୟା ସମ୍ପାଦିତ କରିବା ନେଇ ଯୋଜନା ରଖାଯାଇଛି। ଏହାକୁ ସମ୍ପାଦନ କରିବା ଲାଗି ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ(ଦୀପମ) ଗତ ମାସରେ ମର୍ଚ୍ଚାଣ୍ଟ ବ୍ୟାଙ୍କର ନିଯୁକ୍ତି ଲାଗି ବିଡ୍ ଆହ୍ୱାନ କରିଥିଲା। ପ୍ରକୃତ ପକ୍ଷେ କେତେ ପରିମାଣର ଅଂଶଧନ ବିକ୍ରି ହେବ ସେ ନେଇ ସ୍ପଷ୍ଟ ହୋଇପାରିନାହିଁ। ସେପ୍ଟେମ୍ବର ୪ରେ ଏଥିଲାଗି ଏକ ପ୍ରିବିଡ୍ ବୈଠକ ଡକାଯାଇଥିଲା। ଏଥିରେ ସମ୍ଭାବ୍ୟ ବିଡର ଭାଗ ନେଇଥିବା ଜଣାପଡିଛି। ବିଡରଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦୀପମ ବର୍ତ୍ତମାନ ପ୍ରଦାନ କରୁଥିବା ସୂଚନା ମିଳିଛି।

୧୫ରୁ ୨୦% ଅଂଶଧନ ସରକାର ବିକ୍ରି କରିପାରନ୍ତି ବୋଲି ପ୍ରାରମ୍ଭିକ ସୂଚନା ମିଳିଛି। ଏ ନେଇ ସ୍ପଷ୍ଟ ସୂଚନା ମର୍ଚ୍ଚାଣ୍ଟ ବ୍ୟାଙ୍କରଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଆଇଆର୍‌ସିଟିସିରେ ବର୍ତ୍ତମାନ ସରକାରଙ୍କ ୮୭.୪୦% ଅଂଶଧନ ରହିଛି। ସେବିର ପବ୍ଲିକ ହୋଲ୍ଡିଂ ନିୟମ ଅନୁସାରେ ଏହାକୁ ୭୫%କୁ ଖସାଇବାର ନିୟମ ରହିଛି। ଭାରତୀୟ ରେଲୱେର ଏକ ଅଂଶବିଶେଷ ଭାବେ ଆଇଆର୍‌ସିଟିସି କାର୍ଯ୍ୟ କରୁଛି। ସରକାର ଚଳିତ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକରୁ ଅଂଶଧନ ବିକ୍ରି ଦ୍ୱାରା ପ୍ରାୟ ୨.୧୦ ଲକ୍ଷ କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି। ଏହା ଅନ୍ତର୍ଗତ ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। କରୋନା ଯୋଗୁ ବଜାରର ସ୍ଥିତି ଭଲ ନ ଥିବାରୁ ଏହା ସରକାରଙ୍କ ଅଂଶଧନ ବିକ୍ରି କ୍ଷେତ୍ରରେ ବାଧା ଉପୁଜାଉଛି। ଏପ୍ରିଲ ୨୦୧୭ରେ କେନ୍ଦ୍ର କ୍ୟାବିନେଟ ରେଲୱେର ୫ କମ୍ପାନୀଙ୍କୁ ସୂଚୀଭୁକ୍ତ କରାଇବା ଲାଗି ମଞ୍ଜୁରୀ ପ୍ରଦାନ କରିଥିଲେ।

## ବେଜୋସ ୟୁଏସ୍‌ର ଶ୍ରେଷ୍ଠ ଧନୀ

**ନୂଆଦିଲ୍ଲୀ, ୮।୯ :** ପ୍ରମୁଖ ଇ-କର୍ମସ କମ୍ପାନୀ ଆମାଜନର ସିଇଓ ଜେଫ୍ ବେଜୋସ ଆମେରିକାର ଶ୍ରେଷ୍ଠ ଧନୀବ୍ୟକ୍ତି ବିବେଚିତ ହୋଇଛନ୍ତି। ଫୋର୍ବସ ପତ୍ରିକା ପକ୍ଷରୁ ପ୍ରକାଶିତ ସୂଚୀରେ ସେ ଗତ ୩ବର୍ଷ ହେବ ଲଗାତର ଏହି ସ୍ଥାନରେ ରହି ଆସୁଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମଧ୍ୟ ସେ ପଛରେ ପକାଇ ଦେଇଥିବା ଜଣାପଡିଛି। ସେହିପରି କୋଭିଡ-୧୯ ସଂକ୍ରମଣ କାରଣରୁ ଟ୍ରମ୍ପଙ୍କର ବାଣିଜ୍ୟିକ କାରବାର କ୍ଷତି ହୋଇଛି। ବର୍ତ୍ତମାନ ଜେଫଙ୍କର ସମ୍ପତ୍ତିର ପରିମାଣ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସୂଚନା ମିଳିଛି। ଏହି ସମୟ ମଧ୍ୟରେ ଆମେରିକାର କରୋନା ସଂକ୍ରମଣ ଅର୍ଥ ବ୍ୟବସ୍ଥାକୁ ଖରାପ କରି ଦେଇଛି। ଫଳରେ ପ୍ରାୟ ୧.୮ ନିୟୁତ ଲୋକ ଛଟେଇ ହୋଇଥିବା ମଧ୍ୟ ସୂଚନା ରହିଛି। ଫୋର୍ବସ୍ ଏହି ୪୦୦ ଧନୀ ତାଲିକାରେ ଥିବା ବ୍ୟକ୍ତି ବିଶେଷଙ୍କ ସମ୍ପତ୍ତି ମୋଟ ୩.୨ ଟ୍ରିଲିୟନ ଡଲାରକୁ ବୃଦ୍ଧି ଘଟିଛି। ଏହି ସୂଚୀ ଅନୁସାରେ ଟ୍ରମ୍ପ ତାଲିକାର ୩୫୨ ତମ ସ୍ଥାନକୁ ଖସିଥିବା ସୂଚନା ମିଳିଛି।

# ଗରିବ କଲ୍ୟାଣ ଯୋଜନାରେ ୪୨ କୋଟିଙ୍କୁ ସହାୟତା

**ନୂଆଦିଲ୍ଲୀ, ୮।୯**

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା (ପିଏମ୍‌ଜିକେପି)ରେ କେନ୍ଦ୍ର ସରକାର ୪୨ କୋଟି ଲୋକଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଏହି ବାବଦକୁ ୬୮,୮୨୦ କୋଟି ଟଙ୍କା ଦିଆଯାଇଥିବା ଅର୍ଥମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। କୋଭିଡ୍-୧୯ ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଥିଲେ। ଗରିବ ଲୋକଙ୍କୁ ସହାୟତା ଯୋଗାଇ ଦେବା ଲାଗି କେନ୍ଦ୍ର ସରକାର ଏଭଳି ଏକ ଯୋଜନା ହାତକୁ ନେଇଥିଲେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜର ୧.୭୦ ଲକ୍ଷ କୋଟି ଟଙ୍କା ଅଧିନରେ ଏହି ଅର୍ଥ ରାଶି ପ୍ରଦାନ କରାଯାଇଛି। ମାର୍ଚ୍ଚ ୨୬ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହି ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଏହା ଅଧିନରେ ମାଗଣା ଖାଦ୍ୟଶସ୍ୟ, ମହିଳାଙ୍କୁ କ୍ୟାଶ ପ୍ରଦାନ, ଗରିବ ଲୋକ ଏବଂ କୃଷକଙ୍କୁ ଅର୍ଥ ସହାୟତା ସାମିଲ ରହିଥିଲା। ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ନିରନ୍ତର ଭିତ୍ତିରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତ ଭାବେ ସମୀକ୍ଷା କରୁଥିବା ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ପିଏମ୍ କିଶାନର ପ୍ରଥମ କିସ୍ତି ବାବଦକୁ ୧୭,୮୯୧ କୋଟି ଟଙ୍କା ୮.୯୪ କୋଟି କୃଷକଙ୍କୁ ପ୍ରଦାନ କରାଯାଇଛି। ୨୦.୬ କୋଟି ମହିଳାଙ୍କ ଜନଧନ ଖାତାରେ ୩୦,୯୨୫ କୋଟି ଟଙ୍କା ଜମା କରାଯାଇଛି। ଜନଧନ ଖାତାରେ କିସ୍ତିରେ ୫୦୦ ଲେଖାଏ ମୋଟ ୩ଟି କିସ୍ତି ପ୍ରଦାନ କରାଯାଇଛି। ସେହିଭଳି ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୨୮୧୪ କୋଟି, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୧୧୧ କୋଟି ଭଳି ବିଭିନ୍ନ ଖର୍ଚ୍ଚ ସରକାର କରିଥିବା ଜଣାପଡିଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଟେଣ୍ଡର ବିଜ୍ଞପ୍ତି**
(୧) ଟେଣ୍ଡର ବିଜ୍ଞପ୍ତି ନଂ.:- ଇ-ଆର୍-ଟି-୫୫-୨୦-୨୧, ତାରିଖ: ୦୨।୦୯।୨୦୨୦
କାର୍ଯ୍ୟ:- ୧) ଦୁର୍ଗ-ଡିଆର୍‌ଜେଡ୍ ସେକ୍ସନରେ ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ସେତୁଗୁଡ଼ିକରେ କଳଙ୍କିଯୁକ୍ତ/କ୍ଷତିଗ୍ରସ୍ତ ଚେକର୍ଡ ପ୍ଲେଟ୍‌ର କାଜୁଆଲ ନବୀକରଣ। ୨) ମାରାଉଡାଠାରେ ଅଫିସ୍ ସହିତ ପି.ୱେ ଷ୍ଟୋର୍ ଡିପୋର ବ୍ୟବସ୍ଥା କରିବା, ୩) ଏସ୍‌ଏସ୍‌ଇ/ୱାର୍କସ୍/ବିଏମ୍‌ୱାଇଙ୍କ କ୍ଷେତ୍ରାଧିକାର ଅଧୀନରେ ଏ କ୍ୟାବିନରୁ ମାରୋଡା ମଧ୍ୟରେ ପାରାପେଟ କାନ୍ଥ, ସବ୍ ଷ୍ଟ୍ରକ୍ଚର, ବେଡ୍ ବ୍ଲକରେ ଇପକ୍ସି ଗ୍ରାଉଟିଂ, ବାଲାଷ୍ଟ ରିଟେନର ଇତ୍ୟାଦିର ଉନ୍ନତୀକରଣ ଏବଂ ୪) ଆଦର୍ଶ କଲୋନୀ, ଡବ୍ଲ୍ୟୁଆର୍‌ଏସ୍, ରାୟପୁରଠାରେ ଶିଶୁ ଉଦ୍ୟାନ ତଥା ଖୋଲା ଜିମ୍‌ର ବ୍ୟବସ୍ଥା। **ଟେଣ୍ଡର ମୂଲ୍ୟ:** ଟ.୬୧,୯୧,୭୮୯/-। ଇଏମ୍‌ଡି: ଟ.୧,୨୩,୮୦୦/-। **ଟେଣ୍ଡର ଦାଖଲ:** ତା୦୧।୧୦।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। **ଟେଣ୍ଡର ଖୋଲାଯିବ:** ତା୦୧।୧୦।୨୦୨୦ରିଖ ୧୧.୦୦ ଘଟିକା। ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଇଏନ୍(କୋ.)/ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ।
**ଡିଭିଜନାଲ ଇଞ୍ଜିନିୟର (II)**
PR/R/Engg/AP/74 **ରାୟପୁର**
South East Central Railway @secrail

# ରେନୋ ଇଣ୍ଡିଆର ୪୧% ବିକ୍ରି ଅଭିବୃଦ୍ଧି

**ଭୁବନେଶ୍ୱର, ୮।୯**



ରେନୋ ଇଣ୍ଡିଆ ଚଳିତ ଅଗଷ୍ଟରେ ପ୍ରାୟ ୮,୦୬୦ ୟୁନିଟ ଯାନ ବିକ୍ରି କରିଛି। ଗତ ବର୍ଷ ଏହି ସମୟ ବିକ୍ରି ତୁଳନା ଅନୁସାରେ କମ୍ପାନୀ ପ୍ରାୟ ୪୧% ବୃଦ୍ଧି କରିପାରିଛି। ଏ ସମ୍ପର୍କରେ ରେନୋ ଇଣ୍ଡିଆର ସେଲ୍‌ସ ଓ ମାର୍କେଟିଂ ଭାଇସ ପ୍ରେସିଡେଣ୍ଟ ଥୋମାସ ଡୁବ୍ରୁଏଲ୍ କହିଛନ୍ତି, ବର୍ତ୍ତମାନ ଟ୍ରାଇବରର ଚାହିଦା ବୃଦ୍ଧି ପାଉଥିବା ଲକ୍ଷ୍ୟ କରୁଛୁ। ଏହା ସହିତ ମଧ୍ୟ କମ୍ପାନୀର କ୍ୱିଡ୍ ରେଞ୍ଜର ନୂତନ ସଂସ୍କରଣକୁ ମଧ୍ୟ ଗ୍ରାହକଙ୍କ ପକ୍ଷରୁ ଭଲ ରେସ୍‌ପନ୍ସ ମିଳିଛି। ସେହିଭଳି ନିକଟରେ କମ୍ପାନୀ ପକ୍ଷରୁ ଶୁଭାରମ୍ଭ କରାଯାଇଥିବା ଡଷ୍ଟର ପେଟ୍ରୋଲ ଟର୍ବୋ ୧.୩ ଏମ୍‌ଟି ଓ ସିଭିଟି ଭର୍ସନଙ୍କୁ ମଧ୍ୟ ଗ୍ରାହକମାନେ ବେଶ୍ ପସନ୍ଦ କରିଛନ୍ତି। କମ୍ପାନୀ ମଧ୍ୟ ଏହି ଅଭିବୃଦ୍ଧିକୁ ନଜରରେ ରଖି ଡିଲରଶିପକୁ ୧୭ଟି ନୂଆ ସେଲ୍‌ସ ଓ ସର୍ଭିସ ଟଚ୍ ପଏଣ୍ଟ ଯୋଗାଇଛି। ଫଳରେ ବଜାରର ବ୍ରାଣ୍ଡର ଚାହିଦା ବୃଦ୍ଧି ସହ ଗ୍ରାହକଙ୍କୁ ଉପଯୁକ୍ତ ସେବା ମିଳିପାରିବ। ଏହି ନୂତନ ଡିଲରଶିପର ଶୁଭାରମ୍ଭ ସହ ଭାରତ ବଜାରରେ ରେନୋର ନେଟ୍‌ୱାର୍କ ସଂଖ୍ୟା ମଧ୍ୟ ୩୯୦ରୁ ଉର୍ଦ୍ଧ୍ୱ ସେଲ୍‌ସ ଓ ୪୭୦ରୁ ଅଧିକ ସର୍ଭିସ ଟଚ୍ ପଏଣ୍ଟକୁ ମଧ୍ୟ ସମ୍ପ୍ରସାରିତ ହୋଇପାରିଛି ବୋଲି ସେ ମତ ଦେଇଛନ୍ତି।

**P.G CENTRAL OFFICE**
**UTKAL UNIVERSITY**
(ACCREDITED A+ by NAAC)
VANI VIHAR, BHUBANESWAR - 751004, ODISHA, INDIA
**CORRIGENDUM**
The notice published on 05.09.2020 regarding admission into **B.Sc. Nursing** Course to be excluded as this to be taken from the Common Pool of Odisha State Nursing Selection Committee. Applicants are advised not to apply to Utkal University and they may apply to Common Pool of State Nursing Selection Committee.
**CHAIRMAN, P.G. COUNCIL**

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED (A Government of Odisha Undertaking)**
**e-PROCUREMENT NOTICE BID IDENTIFICATION NO.15/TOLL/OBCC/2020-21**
No.CAD-453:- 1. General Manager(Civil), Odisha Bridge & Construction Corporation Limited, Setu Bhavan, Bhubaneswar on behalf of the Governor of Odisha, invites 'online' tender in double cover system for the toll gates as detailed in the table below from the intending bidders for collection of toll for the period as mentioned against each toll gate.

| Sl. No. | Name of the R&B toll gates | Upset price (In Rs.) | E.M.D. (In Rs.) | Cost of bid document (In Rs.) | Operation Period |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Chorda-Duburi road toll gate at 15/00 K.M. of the road near Duburi. | 2,91,34567/- | 29,13,457/- | 10,000/- +1200 (GST) | One year from the effective date of Agmt. |
| 2 | Biraharekrushnapur-Baliguali road toll gate 0.500 K.M. near Biraharekrushnapur road, Puri | 5,10,340/- | 51,034/- | 2,000/- + 240 (GST) | One year from the effective date of Agmt. |
| | R.D. TOLL GATES | | | | |
| 3 | Toll gate over river Budhabalanga Bridge on Bangiriposhi-Shyamsundarpur road. | 2,08,514/- | 20,851/- | 2000/- + 240 (GST) | One year from the effective date of Agmt. |

2. Bid documents consisting of terms and conditions of contract and other necessary documents can be seen in the website **https://tendersodisha.gov.in**. 3. The bidder shall transfer the cost of Earnest Money Deposits (EMD) and cost of the bid document as specified against each toll gate in the above table Column 4 & 5 respectively on online through a process as mentioned under DTCN. 4. The Bid Documents will be available in the website **https://tendersodisha.gov.in** from 10.00 A.M. of dt.09.09.2020 to 11.00 A.M. of dt. 15.09.2020 for online bidding. 5. The bidder must possess compatible Digital Signature Certificate (DSC) of Class-II or Class-III. 6. Bid shall be received only in "online" on or before 11.00 A.M. of dt. 15.09.2020 and shall be opened at 11.30 A.M. on dt. 15.09.2020.
OIPR-34106/11/0010/2021 **Sd./- GENERAL MANAGER(CIVIL)**

# ଏମ୍‌ଏଫ୍‌ଆଇଏନ୍‌ର ଗ୍ରାହକ କୈନ୍ଦ୍ରିକ ଆଭିମୁଖ୍ୟ

**ଭୁବନେଶ୍ୱର, ୮।୯**

ମାଇକ୍ରୋଫାଇନାନ୍ସ ଇନ୍‌ଷ୍ଟିଚ୍ୟୁଶନ୍ସ ନେଟ୍‌ୱର୍କ (ଏମ୍‌ଏଫ୍‌ଆଇଏନ୍) ଗ୍ରାହକ କୈନ୍ଦ୍ରିତ ଆଭିମୁଖ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରୁଛି। ଚଳିତ ବର୍ଷ ଅଗଷ୍ଟ ୩୧ରେ ମୋରାଟୋରିୟମ ଅବଧି ଶେଷ ହେବା ପରେ ମଧ୍ୟ ଋଣଗ୍ରହୀତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଧ୍ୟାନରେ ରଖି ବିଭିନ୍ନ ମାର୍ଗଦର୍ଶିକା ଜାରି କରିଛି। ଏଥିରେ ମାଇକ୍ରୋଫାଇନାନ୍ସ ଶିଳ୍ପର ଆଚରଣବିଧି ଏବଂ ଋଣଗ୍ରହୀତାଙ୍କ ସହିତ ନ୍ୟାୟୋଚିତ ସମ୍ପର୍କ ରକ୍ଷା, ସ୍ୱଚ୍ଛତା ବଜାୟ ରଖିବା, ଋଣ ଗ୍ରହୀତାଙ୍କ ସହିତ କାରବାର କରୁଥିବା କର୍ମଚାରୀଙ୍କୁ ଉପଯୁକ୍ତ ତାଲିମ ସହ ଦାୟିତ୍ୱସମ୍ପନ୍ନ ଋଣ ପ୍ରଦାନ ବିଧି ଆଦି ବିଷୟକୁ ପୁନଃ ଉଲ୍ଲେଖ କରାଯାଇଛି। ସେହିଭଳି କୋଭିଡ୍ ପାଇଁ ମଧ୍ୟ ଆବଶ୍ୟକ ନିରାପତ୍ତା ବିଷୟ ମଧ୍ୟ ସେଥିରେ ଦର୍ଶାଯାଇଛି। ଏ ସମ୍ପର୍କରେ ଏମ୍‌ଏଫ୍‌ଆଇଏନ୍‌ର ସିଇଓ ଏବଂ ଡାଇରେକ୍ଟର ଡ. ଆଲୋକ ମିଶ୍ର କହିଛନ୍ତି, ଋଣଗ୍ରହୀତାଙ୍କ ସୁବିଧାକୁ ଧ୍ୟାନରେ ରଖି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି।

**ପୂର୍ବ ତଟ ରେଳପଥ**
**ଅକ୍ଟୋବର-2020 ପାଇଁ ମୁଖ୍ୟାଳୟ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**
**ଇ-ନିଲାମର ଅନୁସୂଚୀ**

| ମାସ | ମୁଖ୍ୟାଳୟ/ମଣ୍ଡଳ | ତାରିଖ |
|---|---|---|
| ଅକ୍ଟୋବର 2020 | ଡିପୋ ମଞ୍ଚେଶ୍ୱର | 05.10.2020 (ସୋମବାର), 12.10.2020 (ସୋମବାର) 19.10.2020 (ସୋମବାର) ଏବଂ 29.10.2020 (ଗୁରୁବାର) |
| | WSD/ ୱାଲ୍ଟିୟର | 06.10.2020 (ମଙ୍ଗଳବାର), 13.10.2020 (ମଙ୍ଗଳବାର) 20.10.2020 (ମଙ୍ଗଳବାର), ଏବଂ 30.10.2020 (ଶୁକ୍ରବାର) |
| | ଖୋର୍ଦ୍ଧା ରୋଡ୍ ମଣ୍ଡଳ | 07.10.2020 (ବୁଧବାର), 15.10.2020 (ଗୁରୁବାର) 21.10.2020 (ବୁଧବାର) ଏବଂ 28.10.2020 (ବୁଧବାର) |
| | ୱାଲ୍ଟିୟର ମଣ୍ଡଳ | 08.10.2020 (ଗୁରୁବାର), 16.10.2020 (ଶୁକ୍ରବାର) 22.10.2020 (ଗୁରୁବାର) ଏବଂ 30.10.2020 (ଶୁକ୍ରବାର) |
| | ସମ୍ବଲପୁର ମଣ୍ଡଳ | 05.10.2020 (ସୋମବାର), 13.10.2020 (ମଙ୍ଗଳବାର) 21.10.2020 (ବୁଧବାର) ଏବଂ 29.10.2020 (ଗୁରୁବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମି ସଂଚାଳନ ସମ୍ବନ୍ଧିତ ଅଧିକାରୀ କିମ୍ବା ନିଲାମ ତାରିଖର 07 (ସାତ) ଦିନ ପୂର୍ବରୁ ଆମର ୱେବସାଇଟ୍ : **www.ireps.gov.in** ରେ ଉପଲବ୍ଧ ହେବ।
PR-245/L/20-21 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

**GOVERNMENT OF ORISSA**
**(P.R. DEPARTMENT)**
**OFFICE OF THE PANCHAYAT SAMITI, GUMMA (GAJAPATI)**
**SHORT TENDER CALL NOTICE**
**Identification No.01/2020-21**
No. 1806/Dev. Date: 07.09.2020
The Block Development Officer, Gumma, District-Gajapati on behalf of Governor of Odisha invites Sealed Tenders percentage rate bids for the following works detailed in the table from the Contractors registered with the State Government and Contractors of equivalent Grade/Class registered with Central Govt. /MES/ Railway for execution of Civil works on production of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of the works | Approx. estd. cost in lakhs | EMD to be deposited 1% of E.C. | Cost of tender paper including 12% GST | Date of sale of tender papers | Last date of receipt of tender papers | Date of opening of tender paper | Class of contractors | Time of completion |
|---|---|---|---|---|---|---|---|---|---|
| 1. | Improvement of Road from Ajayagada to Adhei under Ajayagada G.P. | 2642611 | 26426/- | 6000/- + 720/- | 10.09.2020 to 19.09.2020 in all working days from the Cashier of this Block | 21.09.2020 upto 4.00 P.M. | 22.09.2020 at 11.00 A.M. | 'C' | (4) Four calendar months |
| 2. | Const. of B.T. Road Buruda to R.D. Road at Pedamadi of Gaiba G.P. | 3208584 | 32086/- | 6000/- + 720/- | 10.09.2020 to 19.09.2020 in all working days from the Cashier of this Block | 21.09.2020 upto 4.00 P.M. | 22.09.2020 at 11.00 A.M. | 'C' | (4) Four calendar months |
| 3. | Const. of Box culvert on the Road from Buruda to Padasahi (Recasted) of Gaiba GP | 2176045 | 21760/- | 6000/- + 720/- | 10.09.2020 to 19.09.2020 in all working days from the Cashier of this Block | 21.09.2020 upto 4.00 P.M. | 22.09.2020 at 11.00 A.M. | 'C' | (4) Four calendar months |

The tender paper will be available during the office hours on each working day at office of the undersigned on the dates mentioned above on payment in shape of B.D. of tender cost (Non-refundable). The tender paper will be received as per the specified date and time and no tender paper either in person or in postal/courier will be received after expiry of due date and time. The tender paper will be opened as per the date and time fixed in the Office Chamber of undersigned in presence of the tenderers or their authorized agents present if any. The EMD shall be made in shape of DCR/FD/Demand Draft from any Nationalized Bank in favour of B.D.O., Gumma. The tender papers should be accompanied along with Xerox copies of sales tax and GST clearance certificate/valid contractors licence/Labour Licence/ITCC & Pan card. During opening of the tender papers the tenderers should produce the original certificate of valid contractor licence/GST Clearance/ ITCC labour licence etc. for verification of the documents, failing which the tender is liable to rejection. The authority competent reserve the right to cancel/reject any or all tenders without assigning any reason thereof.
**Sd./- Block Development Officer, Gumma**

# ସାହାରା ବିରୋଧରେ ନେଟ୍‌ଫ୍ଲିକ୍ସ ଆବେଦନ ଖାରଜ

**ନୂଆଦିଲ୍ଲୀ, ୮।୯**

ନେଟ୍‌ଫ୍ଲିକ୍ସ ପକ୍ଷରୁ ସାହାରା ବିରୋଧରେ ଦାଏର କରାଯାଇଥିବା ଏକ ଏସ୍‌ଏଲ୍‌ପିକୁ ସୁପ୍ରିମକୋର୍ଟ ଗତ ବୁଧବାର ଖାରଜ କରିଦେଇଛନ୍ତି। ବିହାରର ଆରରିଆସ୍ଥିତ ଏକ ଦେୱାନି ଅଦାଲତଙ୍କ ଦ୍ୱାରା ଚଳିତ ବର୍ଷ ଅଗଷ୍ଟ ୨୮ରେ ହୋଇଥିବା ଶୁଣାଣିକୁ ଚ୍ୟାଲେଞ୍ଜ ନେଟ୍‌ଫ୍ଲିକ୍ସ ଏଭଳି ଆବେଦନ କରିଥିଲା। ଏହା ସହ ଡକ୍ୟୁମେଣ୍ଟାରି ସିରିଜ 'ବ୍ୟାଡ୍ ବଏ ବିଲେନିୟାର' ଏବଂ ଏହାର ପ୍ରୋମୋକୁ ପ୍ରସାରଣ ଉପରେ କଟକଣା ଲଗାଯାଇଛି। ସୂଚନାଯୋଗ୍ୟ, ନେଟ୍‌ଫ୍ଲିକ୍ସର ଉକ୍ତ ସିରିଜକୁ ରିଲିଜ କରା ନ ଯିବା ପାଇଁ ଏହାର ଅଧ୍ୟକ୍ଷ ଓ ବ୍ୟବସାୟିକ ସଂସ୍ଥା ବିରୋଧରେ ବିହାରର ସାହାରା ଗ୍ରୁପ୍ ୟୁନିଟ ଏବଂ ସାହାରାର ଜଣେ ସେକ୍ଟର ମ୍ୟାନେଜର ସ୍ଥାନୀୟ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିଭଳି ସାହାରା ପକ୍ଷରୁ ନେଟ୍‌ଫ୍ଲିକ୍ସର ନିର୍ମାତା ଏବଂ ନିର୍ଦ୍ଦେଶକଙ୍କ ବିରୋଧରେ ସୂଚନା ପ୍ରଯୁକ୍ତ ବିଦ୍ୟା ଅଧିନିୟମ ୨୦୦୦ ଭାରତୀୟ ପେନାଲ କୋଡ୍ ଏବଂ ଟ୍ରେଡ୍‌ମାର୍କ ଅଧିନିୟମ ଅଧୀନରେ ଏକ ଅପରାଧିକ ଅଭିଯୋଗ ଦାଏର କରାଯାଇଛି।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଆକାଶ ଶୋଭା ବିଲ୍ଡିଂ**
**ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**
ପତ୍ର ସଂଖ୍ୟା 14035/ ଭୁ.ଉ.କ., ଭୁବନେଶ୍ୱର ତା19.08.2020ରିଖ
KNL-1259/2000
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ପ୍ଲଟେଡ୍ ଡେଭ୍‌ଲପମେଣ୍ଟ ସ୍କିମ୍ ଅନ୍ତର୍ଗତ LIG Plot No. K4-198କୁ ଶ୍ରୀ ଦେବରାଜ ଜେନା, ପିତା- ସ୍ୱର୍ଗତ ମୋହନ ଜେନା, ଗ୍ରାମ/ପୋଅ/ଥାନା- ନିରାକାରପୁର, ଜିଲ୍ଲା- ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଦେବରାଜ ଜେନା ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଉମାକାନ୍ତ ସାହୁ, ପିତା- ସ୍ୱର୍ଗତ ଉଦ୍ଧବ ସାହୁ, ଗ୍ରାମ/ପୋ- ପଦ୍ମବଟି, ଥାନା- ଫତେଗଡ଼, ଜିଲ୍ଲା- ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଏଣୁ ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।
ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BANSAL TOWER**
ପ୍ରଥମ ଥର ଓଡିଶାରେ ଏମିତି ଅଫର୍ ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
20yrs Court Agreement
Bansal Tower B Wing, Bangalore, Karnataka-400021.
7055041635
7599929291

**VINAYAK Finance**
ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତ୍ତି ଋଣ ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
8595662905

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
ଫ୍ରୀ ସେବା ୩ ଘଣ୍ଟାରେ ଘରେବସି ୧୦୦% ସମାଧାନ
ଯେପରୀ- ମନଚାହାଁ ପ୍ରେମ, ଲଭ୍ ମ୍ୟାରେଜ୍, ବ୍ୟବସାୟ, ବିଦେଶ ଯାତ୍ରା, ଗୃହକ୍ଲେଶ, ବିବାହରେ ବାଧା, ସଉତୁଣୀ, ଶତ୍ରୁମୁକ୍ତି, କର୍ଜମୁକ୍ତି, ଚାକିରୀ, କ୍ୟାରିୟରରେ ଅସଫଳତା, ବଶୀକରଣ, ମୂଠକରନୀ, ଯାଦୁଟୋଣା, ଭୁତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ଘରେବସି ତୁରନ୍ତ ସମାଧାନ ।
**ବାବା ମୁସ୍ତାନ ଆଲମ**
ସ୍ପେ- ବଶୀକରଣ, ମହାମୂଠକରଣୀ ଏବଂ ବ୍ୟବସାୟ
9654196674
9667700474

**Indus Infra Network Company**
ଦ୍ୱାରା ଓଡିଶାରେ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି ।
ତିନି ଦିନରେ ଫଳାଫଳ ପାଆନ୍ତୁ ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ ।
8765265284
9473603205

**BDFC Finance**
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# ଏକ୍ସପେରିଏନ୍ସ ସାମ୍‌ସଙ୍ଗ ଆଟ୍ ହୋମ୍ ସେବା

**ନୂଆଦିଲ୍ଲୀ,୮।୯**

ସ୍ମାର୍ଟଫୋନ ବ୍ରାଣ୍ଡ ସାମ୍‌ସଙ୍ଗ ପକ୍ଷରୁ ନୂତନ 'ଏକ୍ସପେରିଏନ୍ସ ଆଟ୍ ହୋମ୍' ସେବାର ଶୁଭାରମ୍ଭ କରାଯାଇଛି। ଏହି ସେବା ଦ୍ୱାରା ଉପଭୋକ୍ତାମାନେ ସେମାନଙ୍କ ଘରର ସୁରକ୍ଷା ମଧ୍ୟରେ ରହି ଗ୍ୟାଲାକ୍ସି ଡିଭାଇସ୍ ଯଥା ସ୍ମାର୍ଟଫୋନ, ଟାବ୍‌ଲେଟ ଏବଂ ଓ୍ୟାରବୁଲସଗୁଡିକୁ ପରଖିବା ସହ କ୍ରୟ ମଧ୍ୟ କରିପାରିବେ। ଏହି ନୂତନ ସେବାରେ ଗ୍ରାହକମାନେ କେବଳ ଅନ୍‌ଲାଇନରେ ସେମାନଙ୍କର ମନପସନ୍ଦର ଗ୍ୟାଲାକ୍ସି ଡିଭାଇସ୍ ପାଇଁ ହୋମ ଡେମୋ ପଞ୍ଜୀକରଣ କରିପାରିବେ। ଫଳରେ ସେମାନେ ଅନ୍‌ଲାଇନରେ ମଧ୍ୟ ଏହି ସବୁ ଉତ୍ପାଦକୁ ମଧ୍ୟ କିଣିପାରିବେ। ଗ୍ରାହକମାନେ ଏହି ଉପକରଣକୁ ସେମାନଙ୍କ ନିକଟସ୍ଥ ସାମ୍‌ସଙ୍ଗ ସ୍ୱତନ୍ତ୍ର ଆଉଟଲେଟରୁ ହୋମ ଡେଲିଭରି ମଧ୍ୟ ପାଇପାରିବେ ବୋଲି ସାମ୍‌ସଙ୍ଗ ଇଣ୍ଡିଆର ବରିଷ୍ଠ ଉପସଭାପତି ମୋହନଦୀପ ସିଂ କହିଛନ୍ତି।

**ODISHA STATE CIVIL SUPPLIES CORPORATION LTD.**
**KENDRAPARA**
**Tender Call Notice No.2569 Dt.08.09.2020**
In pursuance of instructions communicated vide letter No.15393 dtd. 19.10.19 of OSCSC Ltd., Bhubaneswar the undersigned invites sealed tender / quotation from interested reputed Travel Agencies/Tour Operators or Private individuals for providing 1 (One) No. of Non AC/AC Petrol driven vehicles (Bolt, Celerio, Tiago). The tender selection programme will be as follows.
The tender documents with terms and conditions and other details are also available in the District website at www.kendrapara.nic.in.

| Particulars of tender process | Programme date |
|---|---|
| 1. Publication of tender notice in one local edition of a leading Oriya daily of the sate. | By 09.09.2020 |
| 2. Sale of tender paper (All working days) | From 09.09.20 to 15.09.20 (1 P.M.) |
| 3. Receipt of tender paper | From 09.09.20 to 15.09.20 ( 2 P.M.) |
| 4. Opening of tender paper & selection of tenders | 15.09.20 at 4 P.M. in the Office Chamber of the Collector, Kendrapara |

By order of Collector, Kendrapara
**Sd./-District Manager**
**OSCSC Ltd., Kendrapara**

# ହୋଣ୍ଡା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ଭୁବନେଶ୍ୱର, ୮।୯**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ଅଧୀନରେ ମହିଳାମାନଙ୍କ ପାଇଁ ଉଭୟ ପୂର୍ବ ଓ ଉତ୍ତର ଭାରତରେ ଅଧିକ ୭ଟି ସହରକୁ ଡିଜିଟାଲ ସଡକ ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏଥିରେ ବିଭିନ୍ନ ସଚେତନତା ଓ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ହୋଣ୍ଡା ସଡକ ସୁରକ୍ଷାର ଇ-ଗୁରୁକୁଳକୁ ସମ୍ପ୍ରସାରିତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀର ଡ୍ରିମ୍ ରାଇଡିଂ ଅଭିଯାନରେ ଦିଲ୍ଲୀ, ଜୟପୁର, ଚଣ୍ଡିଗଡ, ଲୁଧିଆନା, କର୍ନାଲ, ଭୁବନେଶ୍ୱର ଓ କଟକରୁ ମହିଳା ଏଥିରେ ସାମିଲ ହୋଇଥିଲେ। ସେହିଭଳି ରାଞ୍ଚି, ଭୁବନେଶ୍ୱର, କଟକ, ମୁଜାଫରାପୁର, ଗୁଜରାଟ, ନାସିକ, ଠାଣେ, ପୁଣେ, କୋଟା, ଜୟପୁର, ଉନା, ଚଣ୍ଡିଗଡ, ମହୀଶୂର, ବିଜୟୱାଡା, ତ୍ରିଚି ଓ କୋଏମ୍ବାଟରୁ ଭଳି ସହରକୁ ଏଥିରେ ସାମିଲ କରାଯାଇଛି। ଦେଶର ୩୦ରୁ ଉର୍ଦ୍ଧ୍ୱ ସହରରେ ବିଗତ ୪ମାସ ମଧ୍ୟରେ ୮୦୦୦ରୁ ଅଧିକ ମହିଳାଙ୍କୁ କମ୍ପାନୀ ଏହା ମାଧ୍ୟମରେ ତାଲିମ ପ୍ରଦାନ କରିଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ବରିଷ୍ଠ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି, ଅଧିକରୁ ଅଧିକ ମହିଳାଙ୍କୁ ୨ଚକିଆ ଯାନ ଚଳାଇବାରେ ସକ୍ଷମ କରାଇବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ବେଆଇନ ବାଲି ଚାଲାଣ, ୧୫ ଗାଡ଼ି ଜବତ

ବାରଙ୍ଗ/ନରାଜ,(ଡି.ଏନ୍.ଏ.): ବିଭିନ୍ନ ଜିଲାରୁ ଚୋରା ବାଲି, ପଥର ଓ ମୋରମ ନେଇ ଯାଉଥିବା ୧୫ଟି ଗାଡିକୁ ସୋମବାର ରାତିରେ ବାରଙ୍ଗ ତହସିଲ ପକ୍ଷରୁ ଜବତ କରାଯାଇଛି। ଏଥିମଧ୍ୟରେ ୮ବାଲି ବୋଝେଇ ହାଇୱା, ଗୋଟିଏ ଟ୍ରାକ୍ଟର, ୪ ପଥର ଗାଡି ଓ ୨ ମୋରମ ଗାଡି ରହିଛି। ତେବେ ପଥର ଗାଡି ଖୋର୍ଦ୍ଧା ଆଡୁ ଆସୁଥିବାବେଳେ ବାଲିବୋଝେଇ ଗାଡି ସବୁ ବିନା ଓାଇଫର୍ମରେ ନିକଟ ବାଲିଘାଟରୁ ଆସୁଥିଲା। ୧୨ଟି ଗାଡିରୁ ୨ଲକ୍ଷ ୭୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ ଅନ୍ୟ ୩ ପଥରଗାଡିରୁ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସକହିଛନ୍ତି।



**ସଂକ୍ଷେପରେ**

### ସିସିଟିଭିରେ ସ୍ମାର୍ଟ ମହିଳା ଚୋର

ଭୁବନେଶ୍ୱର,୮।୯(ବ୍ୟୁରୋ): ମାର୍କେଟ ବିଲ୍ଡିଂରେ ଜଣେ ସ୍ମାର୍ଟ ମହିଳା ଚୋରଙ୍କ କାରନାମା ଦେଖିବାକୁ ମିଳିଛି। ଭିନ୍ନ ଶୈଳୀରେ ଲୋକଙ୍କ ପର୍ସ ଚୋରି କରି ଚମ୍ପଟ ମାରୁଛନ୍ତି। ଚୋରିର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଥିବାବେଳେ କ୍ୟାପିଟାଲ ଥାନା ପୋଲିସ ତଦନ୍ତ କରୁଛି। ମାର୍କେଟ ବିଲ୍ଡିଂରେ ଲାଗିଥିବା ସିସିଟିଭିକୁ ଜବତ କରି ଉକ୍ତ ମହିଳା ଚୋରଙ୍କୁ ଧରିବାକୁ ଉଦ୍ୟମ କରିଛି। ସୂଚନାଯୋଗ୍ୟ, ରବିବାର ମାର୍କେଟ ବିଲ୍ଡିଂରେ ଭିଡ଼ ଥିବାବେଳେ ମହିଳା ଜଣକ ପୁରୁଷଙ୍କ ପଛରେ ରହି ପର୍ସ ଲୁଟୁଥିଲେ। ଏଭଳି ୧୦ରୁ ଊର୍ଦ୍ଧ୍ୱ ଗ୍ରହକଙ୍କ ପର୍ସ ଲୁଟି ନେଇଛନ୍ତି ଉକ୍ତ ମହିଳା। ସେ ମୁହଁରେ କପଡା ବାନ୍ଧିଥିବାରୁ ତାଙ୍କୁ ଚିହ୍ନିବା ପୋଲିସ ପାଇଁ କଷ୍ଟକର ହୋଇ ପଡିଛି। ମହିଳା ଜଣଙ୍କ ସ୍ଥାନୀୟ କୌଣସି ବସ୍ତିର ହୋଇଥିବା ପୋଲିସ ସନ୍ଦେହ କରୁଛି।

### ନିଶ୍ଚିନ୍ତକୋଇଲିରେ ୨୭ ପଜିଟିଭ୍, ଓଥକା କଣ୍ଟେନମେଣ୍ଟ ଜୋନ

ନିଶ୍ଚିନ୍ତକୋଇଲି,୮।୯(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନିଶ୍ଚିନ୍ତକୋଇଲି ପଞ୍ଚାୟତର ଓଥକା ଗ୍ରାମରୁ ୧୪ ଓ ଅନ୍ୟ ଅଞ୍ଚଳରୁ ୧୩ ଏପରି ମୋଟ୍ ୨୭ ଜଣ କରୋନା ସଂକ୍ରମିତ ମଙ୍ଗଳବାର ଚିହ୍ନଟ ହୋଇଛନ୍ତି। ଏହାପରେ ବିଡିଓ କର୍ଣ୍ଣଦେବ ସମାଧାର ଓଥକା ଗ୍ରାମର ୧ ନମ୍ବର୍ ୱାର୍ଡକୁ ୧୦ ଦିନ ପାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କଂଟ୍ରାକ୍ଟ ଟ୍ରେସିଂ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ୱାର୍ଡର ଲୋକଙ୍କୁ ପ୍ରବେଶ ଓ ପ୍ରସ୍ଥାନ ଉପରେ ରୋକ ଲଗାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ନାରାୟଣ ସିଂହଙ୍କୁ ନୋଡାଲ ଅଫିସର୍ ଭାବେ ନିଯୁକ୍ତି ଦିଆଯାଇଛି। ନିତ୍ୟ ବ୍ୟବହାର୍ଯ୍ୟ ଏବଂ ଔଷଧ ଯୋଗେଇଦବାକୁ ମଧ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ମିଶାଇ ବ୍ଲକ ଅଞ୍ଚଳରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୨୦୯ରେ ପହଞ୍ଚିଛି।

### ଫିଜିଓଥେରାପି ଚିକିତ୍ସା ସେବା ଶିବିର

ପୁରୀ ଅଫିସ,୮।୯: ବିଶ୍ୱ ଫିଜିଓଥେରାପି ଦିବସ ଅବସରରେ ମଙ୍ଗଳବାର ପୁରୀ ସଦର ଅନ୍ତର୍ଗତ ବୀରହରେକୃଷ୍ଣପୁର ପଞ୍ଚାୟତ ଅଫିସ ପରିସରରେ ଫିଜିଓଥେରାପି ଚିକିତ୍ସା ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସାଇସିଦ୍ଧ ଚାରିଟେବୁଲ ଟ୍ରଷ୍ଟ ଏବଂ ସ୍ୱଚ୍ଛ ସବୁଜ ମିଶନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ଆଖପାଖ ଅଞ୍ଚଳର ବହୁ ଲୋକ ଆସିଥିଲେ। ବିଶେଷକରି ଆଣ୍ଠୁଗଣ୍ଠି ଜନିତ ସମସ୍ୟାରେ ପୀଡ଼ିତ ରୋଗୀମାନେ ଚିକିତ୍ସିତ ହୋଇଥିଲେ। ଏଥିରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଫିଜିଓଥେରାପିଷ୍ଟ ଡା. ସିଦ୍ଧାର୍ଥ ଶେଖର ପାତ୍ର, ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ବରିଷ୍ଠ ଫିଜିଓଥେରାପିଷ୍ଟ ଡା. ଶୁଭ୍ରଜିତ ବେହେରା ପ୍ରମୁଖ ରୋଗୀଙ୍କୁ ଚିକିତ୍ସା କରିଥିଲେ। ସରପଞ୍ଚ ରମାକାନ୍ତ ପଣ୍ଡା, ଅଜୟ ପ୍ରଧାନ, ପ୍ରଶାନ୍ତ ପଣ୍ଡା, ଜିତେନ୍ଦ୍ର ପାତ୍ର, ସୀତାକାନ୍ତ ବେହେରା, ଅରୁଣ ସାହୁ, ସୂର୍ଯ୍ୟ ମହାପାତ୍ର, ପିଙ୍କି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ସଭା

ଖୋର୍ଦ୍ଧା ଅଫିସ,୮।୯: ଖୋର୍ଦ୍ଧା ତହସିଲ ଅଞ୍ଚଳରେ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ପାହାଡ଼ ନିଲାମ ନେଇ ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପରିବେଶ ସମ୍ବନ୍ଧୀୟ ଜନଶୁଣାଣି କାଇପଦର ପଞ୍ଚାୟତ ଅଫିସ ନିକଟରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ସଭାରେ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ଡ.ବିନୋଦ ବିହାରୀ ଦାସ, ଶ୍ରୀମନ୍ଦିର ପ୍ରଶାସନ ଡେପୁଟି ଆଡ୍‌ମିନିଷ୍ଟ୍ରେଟର ସୁବ୍ରତ ବେହେରା, ଉପଜିଲାପାଳ ଅଶୋକ ବେହୁରିଆ, ତହସିଲଦାର ପଦ୍ମଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାଇପଦରର ୯୬.୫୯୭ ହେକ୍ଟର ପରିମିତ ଅଞ୍ଚଳରେ ଧନିଆ, ଶଙ୍ଖାରି ଏବଂ ଟାଙ୍ଗେଣି ପାହାଡରେ ପଥର ଖଣି ରହିଛି। ପଥର ଖଣି ଉତ୍ତୋଳନ ନିମନ୍ତେ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଶୁଣାଣି ଉଦ୍ଦେଶ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା।

# ବିଳାସିନୀ ନାଟ୍ୟମକୁ ସନ୍ତୁର ବାଦନର ନିଆରା ପରିବେଶ

ଭୁବନେଶ୍ୱର,୮।୯(ବ୍ୟୁରୋ)



## ଓଏମ୍‌ସି ଗୁରୁ କେଳୁ ଚରଣ ମହାପାତ୍ର ପୁରସ୍କାର ଉତ୍ସବ



ପୂର୍ବା ଧନୁଶ୍ରୀଙ୍କ ନୃତ୍ୟ ପରିବେଷଣ ଓ ପଣ୍ଡିତ ତରୁଣ ଭଟ୍ଟାଚାର୍ଯ୍ୟଙ୍କ ସନ୍ତୁର ବାଦନ।

ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଚାଲିଥିବା ଭାରତୀୟ ଶାସ୍ତ୍ରୀୟ ନୃତ୍ୟସଙ୍ଗୀତର ମହାକୁମ୍ଭ ଓଏମ୍‌ସି ଗୁରୁ କେଳୁ ଚରଣ ମହାପାତ୍ର ପୁରସ୍କାର ଉତ୍ସବର ମଙ୍ଗଳବାର ଥିଲା ୪ର୍ଥ ସନ୍ଧ୍ୟା। ପ୍ରତି ସନ୍ଧ୍ୟା ଭଳି ଏଥର ମଧ ନୃତ୍ୟ ଓ ଶାସ୍ତ୍ରୀୟ ସଙ୍ଗୀତର ଯୁଗଳବନ୍ଦୀ ଆକର୍ଷଣ ରହିଥିଲା। ନୃତ୍ୟଶିଳ୍ପୀ ପୂର୍ବ ଧନୁଶ୍ରୀଙ୍କ ବିଳାସିନୀ ନାଟ୍ୟମ୍ ସାଙ୍ଗକୁ ପଣ୍ଡିତ ତରୁଣ ଭଟ୍ଟାଚାର୍ଯ୍ୟଙ୍କ ସନ୍ତୁର ବାଦନ ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ପ୍ରଥମେ ରାଗ ଆରଭିରେ ନିବଦ୍ଧ 'ଚୂର୍ଣ୍ଣିକା' ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବା ପୂର୍ବା ଦ୍ୱିତୀୟ ପ୍ରସ୍ତୁତିରେ 'ଯତିସ୍ୱରମ୍' ମଞ୍ଚସ୍ଥ କରିଥିଲେ। ଏହାପରେ ସେ ଅଷ୍ଟାଦଶ ଶତାବ୍ଦୀର କବି ସଦାଶିବ ବ୍ରହ୍ମେନ୍ଦ୍ରଙ୍କ କବିତା କ୍ରିତି, କ୍ରିଦତିବନମାଳୀରେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଶ୍ରୀଜୟଦେବଙ୍କ ରଚିତ ଗୀତଗୋବିନ୍ଦର ଦୁଇଟି ଅଷ୍ଟପଦୀ ପରିବେଷଣ କରିଥିଲେ। ଶିଳ୍ପୀଙ୍କୁ କଣ୍ଠରେ କେ. ଭେଙ୍କଟେଶ୍ୱରନ୍, ଚନ୍ଦେର ରାଓ ଏବଂ ସୁଧା ରଘୁରାମନ୍ ସହଯୋଗ କରିଥିବାବେଳେ ମୃଦଙ୍ଗରେ ଆର୍, ଶ୍ରୀଗଣେଶ୍, ଭି. ଶ୍ରୀଧରଚାର୍ଯ୍ୟ, ବଂଶୀରେ ଜି. ରଘୁରାମନ୍, ଭେଙ୍କଟେଶ, ଭାଓଲିନ୍‌ରେ ଶିବ, ପଖୱାଜରେ ପ୍ରଫୁଲ୍ଲ ମଙ୍ଗରାଜ ପ୍ରମୁଖ ସହଯୋଗ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ପଣ୍ଡିତ ତରୁଣ ଭଟ୍ଟାଚାର୍ଯ୍ୟଙ୍କ ସନ୍ତୁର ବାଦନ ବିଶେଷ ଆକର୍ଷଣ ରହିଥିଲା। ଦେଶରେ ସନ୍ତୁରବାଦନ କ୍ଷେତ୍ରରେ ନୂଆ ଧାରା ସୃଷ୍ଟି କରିଥିବା ପଣ୍ଡିତ ଭଟ୍ଟାଚାର୍ଯ୍ୟ ରାଗବାଗେଶ୍ରୀରେଏହି ଯନ୍ତ୍ରସଙ୍ଗୀତ ପରିବେଷଣ କରିଥିଲେ। ତବଲାରେ ହିନ୍ଦୋଳ ମଜୁମଦାର ସହଯୋଗ କରିଥିଲେ।

'ସୃଜନ'ର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିକଳ୍ପନା କରିଥିବାବେଳେ ଦେବୀପ୍ରସାଦ ମିଶ୍ର ପରିଚାଳନା କରୁଛନ୍ତି। ଟାଇଟଲ ସ୍ପନ୍‌ସର ଓଡ଼ିଶା ଖଣି ନିଗମ ଲିମିଟେଡ୍ ସହ ଓଡ଼ିଶା ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରଣାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଏମ୍‌ଜିଏମ୍ ଗ୍ରୁପ୍ ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହାର ମିଡ଼ିଆ ପାର୍ଟନର ରହିଛି। ପ୍ରଥମଥର ପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମରେ ଅନୁଷ୍ଠିତ ହେଉଥିବା ଏହି ୫ ଦିନିଆ ଉତ୍ସବକୁ ଫେସ୍‌ବୁକ୍ ଲାଇଭ୍ ଏବଂ ୟୁଟ୍ୟୁବ୍‌ରେ ଦେଖିହେବ।

### ଆଜି ମିଳିବ ପୁରସ୍କାର, ଆକର୍ଷଣ ସାଜିବ 'ଅନ୍ୱେଷଣ'

ସବୁ ବର୍ଷ ଭଳି ଏବର୍ଷ ମଧ ଶେଷ ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତକ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷ ବିଶିଷ୍ଟ ସିନେମାଟୋଗ୍ରାଫର ରାଜ୍ ଗୋପାଳ ମିଶ୍ରଙ୍କୁ ସମ୍ମାନଜନକ 'ଗୁରୁ କେଳୁ ଚରଣ ମହାପାତ୍ର ପୁରସ୍କାର' ଓ ୨ଜଣ ଯୁବକଳାକାରଙ୍କୁ 'ଗୁରୁ କେଳୁ ଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହି ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ପୁରସ୍କାର ପ୍ରଦାନ ପରେ ସୃଜନ ପକ୍ଷରୁ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟରେ ନବ ଶାସ୍ତ୍ରୀୟ ନୃତ୍ୟ ସଂରଚନା 'ଅନ୍ୱେଷଣ' ଅନନ୍ୟ ଆକର୍ଷଣ ରହିବ।

### ନଦୀବନ୍ଧ ନିର୍ମାଣ ପ୍ରତିଶ୍ରୁତି ଦେଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

ପୁରୀ ଅଫିସ,୮।୯

ବନ୍ୟାରେ ପୁରୀ ଜିଲାର ୯ଟି ବ୍ଲକ କ୍ଷତିଗ୍ରସ୍ତ ହୋଇଛି। ଏବେ ବି ବହୁ ଲୋକ ନିଜ ଘରକୁ ଫେରିନାହାନ୍ତି। ମଙ୍ଗଳବାର ପୁରୀ ସଦର ବ୍ଲକର କେତେକ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା। କେରାଣ୍ଡିପୁର ପଞ୍ଚାୟତର ପୋଡ଼କେରାଠାରୁ ଉତ୍ତରଣା ମଠସାହି ମୌଜା ବନ୍ଧ ପରିଦର୍ଶନ କରିଥିଲେ। ଏଥର ବନ୍ୟାରେ ପୋଡ଼ାକେରା, ଶବରସାହି, ମଠସାହି, ଗଉଡ଼ସାହି, ପ୍ରଧାନସାହି, ଉତ୍ତରଣା, ବାଲିପାଟଣା, ବଇରାଗିଗୋରୋଡା ଗାଁ ଜଳମଗ୍ନ ହୋଇ ଅଶେଷ କ୍ଷତି ଘଟିଛି। ସମ୍ପୃକ୍ତ ଅଞ୍ଚଳବାସୀ ଦାସବର୍ମାଙ୍କୁ ଜଳ ନିଷ୍କାସନ ଏବଂ ଏକ ସ୍ଥାୟୀ ନଦୀବନ୍ଧ ନିର୍ମାଣ ଲାଗି ଦାବି କରିବାରୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଦାସବର୍ମା ପୁରୀ ସର୍କିଟ ହାଉସ୍‌ଠାରେ ବନ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିଥିଲେ। ଏଥିରେ ଜିଲା ଜଳ ସମ୍ପଦ ବିଭାଗର ଅଧିକାରୀଙ୍କ ସହିତ କେରାଣ୍ଡିପୁର ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ବନ୍ୟା ସମ୍ପର୍କିତ ବିଷୟରେ ଆଲୋଚନା କରିଥିଲେ।

# ଜମିରେ ପଚୁଛି ଧାନ, ଚିନ୍ତାରେ ଚାଷୀ

ଖୋର୍ଦ୍ଧା ଅଫିସ,୮।୯



ବନ୍ୟା ଜଳରେ ଧାନ ଫସଲ ପଚି ଯାଇଛି।

■୭୬୯୪ ହେକ୍ଟର ଚାଷଜମି କ୍ଷତି
■ଜୀବନ ଜୀବିକାକୁ ନେଇ ଆଶଙ୍କା

ରାଜୁଆ ଓ ଦୟା ନଦୀରେ ବନ୍ୟା ଯୋଗୁ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ବାଲିଅନ୍ତା, ବାଲିପାଟଣା, ଜଟଣୀ, ଖୋର୍ଦ୍ଧା ଏବଂ ବେଗୁନିଆ ବ୍ଲକ ଅଞ୍ଚଳରେ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହେବା ସହ ୪୦ଗ୍ରାମ ପାଣିଘେରରେ ରହିଥିଲା। ଏହି ଅଞ୍ଚଳଗୁଡ଼ିକ ଧୀରେ ଧୀରେ ସ୍ୱାଭାବିକ ସ୍ଥିତିକୁ ଫେରିବାରେ ଲାଗିଛି। ପାଣି ଖସିଯିବା ପରେ ଜମିରେ ଧାନ ପଚି ଶଢୁଥିବା ଦେଖିବାକୁ ମିଳିଛି। ପ୍ରଥମ ପର୍ଯ୍ୟାୟରେ ଏହି ୬ବ୍ଲକରେ ୭୬୯୪ହେକ୍ଟର ଚାଷଜମି କ୍ଷତି ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବନ୍ୟାଜଳ ଛାଡିବା ପରେ ଚାଷୀମାନେ ଧାନ ବିଲକୁ ଦେଖି ମୁଣ୍ଡରେ ହାତଦେଇ ବସିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ତୁରନ୍ତ କ୍ଷତିପୂରଣ ଦେବା ଲାଗି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଜିଲା କୃଷି ଅଧିକାରୀ ଭାସ୍କର ବାରିକଙ୍କ କହିବା ଅନୁଯାୟୀ, ପ୍ରଥମେ ଅଦିନିଆ ବର୍ଷା, ଅଗଷ୍ଟ ମାସରେ ଲଘୁଚାପ ଜନିତ ବର୍ଷା ପରେ ବନ୍ୟା ପରିସ୍ଥିତି ଯୋଗୁ ଜିଲାର ୬ଟି ବ୍ଲକର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଚଳିତ ଖରିଫ ଚାଷରେ ୧ଲକ୍ଷ ୨୦ହଜାର ୧୫୦ହେକ୍ଟର ଚାଷଜମିରେ ଧାନ ଓ ଅଣଧାନ ଚାଷ ଲକ୍ଷ୍ୟ ରଖାଯାଇଛି। ସେଥିରୁ ୧ଲକ୍ଷ ୬୦ହଜାର ୫୦ହେକ୍ଟର ଚାଷଜମିର ଧାନ ଏବଂ ୧୪ହଜାର ଶହେ ହେକ୍ଟର ଚାଷଜମିରେ ପନିପରିବା ଚାଷ ରହିଛି। ଅଗଷ୍ଟ ୨୦ସୁଦ୍ଧା ୧ଲକ୍ଷ ୨ହଜାର ୩୭୯ ହେକ୍ଟର ଚାଷଜମିରେ ଧାନ ଏବଂ ୧୦ହଜାର ୮୪୬ହେକ୍ଟର ଜମିରେ ପନିପରିବା ମୋଟ ୧ଲକ୍ଷ ୧୩ହଜାର୨୨୫ ହେକ୍ଟର ଜମିରେ ଧାନ ଏବଂ ଅଣଧାନ ଚାଷ କାର୍ଯ୍ୟ ସରିଛି। ୯୫ପ୍ରତିଶତ କାର୍ଯ୍ୟ ସରିଛି। ବନ୍ୟାପାଣି ଦ୍ୱାରା ଧାନ ଫସଲ ପ୍ରଭାବିତ ହୋଇଥିବା ନଜରକୁ ଆସିଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି, ବନ୍ୟା ଯୋଗୁ ଜିଲାର ୬ବ୍ଲକର ୩୯ଗ୍ରାମ ପ୍ରଭାବିତ ହୋଇଛି। ୭୬୯୪ହେକ୍ଟର ଚାଷଜମିରେ କ୍ଷତି ଘଟିଛି। ସେଥିରୁ ବାଲିପାଟଣା ବ୍ଲକ ୨୬୮୦, ଖୋର୍ଦ୍ଧା ବ୍ଲକ ୨୨୮୦, ବେଗୁନିଆ ୧୩୪୯, ଜଟଣୀ ୮୭୫, ଭୁବନେଶ୍ୱର ବ୍ଲକ ୩୧୦ ଏବଂ ବାଲିଅନ୍ତା ବ୍ଲକର ୨ଶହ ହେକ୍ଟର ଚାଷଜମି ରହିଛି ବୋଲି ସେ କହିଛନ୍ତି।

## ଜନଜାତି ପିଲାଙ୍କୁ ଏଏଲ୍‌ଏମ୍‌ପି ଭରସା

ଭୁବନେଶ୍ୱର,୮।୯(ବ୍ୟୁରୋ)

ଆବାସିକ ବିଦ୍ୟାଳୟଗୁଡିକରେ ନାମ ଲେଖାଇଥିବା ଆଦିବାସୀ ପିଲାଙ୍କ ପାଇଁ ପ୍ରସ୍ତୁତ ଅଲଟରନେଟିଭ୍ ଲର୍ନିଂ ଆଣ୍ଡ ମେଣ୍ଟରସିପ୍ ପୋଗ୍ରାମ (ଏଏଲଏମପି) ବର୍ତ୍ତମାନ ସୁଦ୍ଧା ୩୦ଟି ଜିଲାରେ ପହଞ୍ଚିଛି। ୧୭୩୨ ସ୍କୁଲରେ ପଢୁଥିବା ୩ଲକ୍ଷ ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହୋଇଛନ୍ତି। ଗତ ମେ' ମାସରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ କୋଭିଡ୍ ମହାମାରୀ ସମୟରେ ଆଦିବାସୀ ପିଲାଙ୍କ ନିକଟରେ ଶିକ୍ଷା ଗ୍ରହଣର ସୁଯୋଗ ପାଲଟିଛି। ରାଜ୍ୟର ପଛୁଆବର୍ଗ ପିଲାଙ୍କ ଶିକ୍ଷା କ୍ଷେତ୍ରରେ ଏହା ସକରାତ୍ମକ ଫଳାଫଳ ଦର୍ଶାଇଥିବା ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ୟୁନିସେଫ୍ ଦ୍ୱାରା ମିଳିତଭାବେ ଆରମ୍ଭ ହୋଇଥିବା ଏଏଲ୍‌ଏମ୍‌ପି ଦ୍ୱାରା ଶିକ୍ଷକମାନେ ସମସ୍ତ ନିୟମ ପାଳନ କରି ନିଜ ଗ୍ରାମରେ ଶିକ୍ଷାପ୍ରଦାନ କରିପାରୁଛନ୍ତି। ତେବେ ଏହାପରେ ମଧ କେଉଁଠାରେ ସମସ୍ୟା ରହୁଛି ତାହା ଜାଣିବାକୁ ମୟୂରଭଞ୍ଜ, ରାୟଗଡା, ଅନୁଗୋଳ ଏବଂ ଖୋର୍ଦ୍ଧା ଜିଲାରେ ଏକ ରାପିଡ ଆସେସ୍‌ମେଣ୍ଟ କରାଯାଇଥିଲା। ପିଲାଙ୍କ ପାଇଁ ଏକ ସକରାତ୍ମକ ଶିକ୍ଷା ସୁଯୋଗ ସୃଷ୍ଟି କରିବା ସହିତ ସେମାନଙ୍କୁ ବିଦ୍ୟାଳୟ ଅଧ୍ୟୟନ ସହିତ ଯୋଡି ରଖିବାରେ ଏହା ସହାୟକ ହୋଇଥିବା ଜଣାପଡ଼ିଛି। ଏନେଇ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରିକା କହିଛନ୍ତି, କରୋନା ପିଲାଙ୍କ ପାଠପଢ଼ାରେ ଗୁରୁତର ବାଧା ସୃଷ୍ଟି କରିଥିବାବେଳେ ଏଏଲ୍‌ଏମ୍‌ପି ଭରସା ଦେଇଛି। ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା କହିଛନ୍ତି, ଏହି କାର୍ଯ୍ୟକ୍ରମ କେବଳ ପାଠ୍ୟକ୍ରମ ଭିତ୍ତିକ ଶିକ୍ଷାଦାନ ନୁହେଁ, ବରଂ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ଅନଲାଇନ୍ ସୁରକ୍ଷା ଓ ଶିଶୁ ସୁରକ୍ଷା ପ୍ରସଙ୍ଗରେ ମଧ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କରିଛି। ଏହା ପିଲାଙ୍କୁ ବିଦ୍ୟାଳୟକୁ ଫେରିବା ପାଇଁ ଉତ୍ସାହିତ କରିବ ବୋଲି ସେ କହିଛନ୍ତି।

## ନିମାପଡ଼ାର ୧୨ହଜାର ହେକ୍ଟର ଫସଲ ନଷ୍ଟ

ନିମାପଡ଼ା,୮।୯(ଡି.ଏନ୍.ଏ.)

ଚଳିତ ବନ୍ୟାରେ ନିମାପଡ଼ା ବ୍ଲକର ଧନୁଆଁ, ଶଗଡ଼ା, ଅଲଣ୍ଡା, ବଡ଼ମାଛପୁର, ରେଞ୍ଚଶାସନ ଧଳେଶ୍ୱର ଏଭଳି ୧୯ ପଞ୍ଚାୟତର ପ୍ରାୟ ୧୨ହଜାର ହେକ୍ଟର ଚାଷ ଜମିରେ ବନ୍ୟାପାଣି ବୁଡ଼ି ରହିବାରୁ ଫସଲ ସବୁ ନଷ୍ଟ ହୋଇଯାଇଛି। ଚଳିତ ଖରିଫ ଋତୁରେ ସ୍ଥାନୀୟ ବ୍ଲକରେ ୧୯ହଜାର ୬ଶହ ହେକ୍ଟର ଚାଷଜମିରେ ଖରିଫ ଧାନଫସଲ ହୋଇଥିବାବେଳେ ୭ହଜାର ୬ଶହ ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ି ରହିଛି। ଫଳରେ ପ୍ରାୟ ୧୨ହଜାର ଚାଷୀ କ୍ଷତିଗ୍ରସ୍ତ ହୋଇଥିବା କୃଷି ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ହେଲେ ବେସରକାରୀ ଭାବେ ପ୍ରାୟ ୧୨ହଜାର ହେକ୍ଟର ଚାଷ ବନ୍ୟାଜଳରେ ବୁଡ଼ିଯାଇଥିବାରୁ ୧୭ହଜାର ଚାଷୀ ପ୍ରଭାବିତ ହୋଇଛନ୍ତି। ବନ୍ୟାଜଳ ଆମ ପାଇଁ ଦାଉ ସାଧିଲା, ଏବେ କରଜ କିଭଳି ଶୁଝିବୁ ବୋଲି କ୍ଷତିଗ୍ରସ୍ତ ଚାଷୀ ଫକୀର ପରିଡ଼ା, ରମେଶ ପ୍ରଧାନ, ରାମଚନ୍ଦ୍ର ସ୍ୱାଇଁ, ଗୋକୁଳାନନ୍ଦ ପରିଡ଼ା, ଭାଗୀରଥି ପ୍ରଧାନ ପ୍ରମୁଖ କହିଛନ୍ତି। ୭ହଜାର ୬ହେକ୍ଟର ଜମି ଜଳମଗ୍ନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା କୃଷିବିଭାଗ ପକ୍ଷରୁ କୁହାଯାଇଛି। ଏବେ ରାଜସ୍ୱ ବିଭାଗ ଓ କୃଷି ବିଭାଗ ପକ୍ଷରୁ ମିଳିତ ଭାବେ ସର୍ଭେ କାର୍ଯ୍ୟ ଓ କ୍ଷୟକ୍ଷତି ଆକଳନ କରାଯାଇଛି ବୋଲି କୃଷି ଅଧିକାରୀମାନେ କହିଛନ୍ତି। ଅନ୍ୟପକ୍ଷେ ଏବେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ୧ଶହ ଦିନ ମଧ୍ୟରେ ଧାନ, ବିହନ, ସାର ଯୋଗାଇ ଦେବା ନିମନ୍ତେ କୃଷି ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ନିମାପଡ଼ା କୃଷି ଜିଲା ଅଧିକାରୀ ଅଜୟ ବେହେରା, ସହକାରୀ କୃଷୀ ଅଧିକାରୀ ସୁବାସ ଚନ୍ଦ୍ର ବାରିକ କହିଛନ୍ତି।

## ରିଲିଫ ଦାବିରେ ବିପନ୍ନ ମହିଳାଙ୍କ ରାସ୍ତାରୋକୋ

ପିପିଲି,୮।୯(ସ୍ୱ.ପ୍ର.)

ବନ୍ୟାଜଳରେ ଏବେ ବି ପିପିଲି ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁଗୁଡ଼ିକ ବୁଡ଼ିରହିଛି। ତେବେ ରିଲିଫ ଦାବି କରି ମଙ୍ଗଳବାର ହାଟସାହି ପଞ୍ଚାୟତର ଶତାଧିକ ମହିଳା ବାଜପୋଇ ଛକସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପିପିଲି-ଡେଲାଙ୍ଗ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଅପରାହ୍ନ ୫ଟାରେ ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଖୁବଶୀଘ୍ର ବନ୍ୟା କ୍ଷୟକ୍ଷତିର ଆକଳନ କରାଯାଇ ରିପୋର୍ଟ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ହଟିଥିଲେ। ସୂଚନା ଥାଉ କି, ବନ୍ୟାରେ ଦୟା ନଦୀର ମାଧିପୁର କାଜରେ ବନ୍ୟାପାଣି ଯାଇ ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମଗୁଡ଼ିକରେ ସୁଅ ଛୁଟିଛି। ୮ଦିନରୁ ଊର୍ଦ୍ଧ୍ୱ ହେବ ଗ୍ରାମରେ ପାଣି ରହିଥିବଲେ ସୁଦ୍ଧା ଲୋକଙ୍କୁ ଠିକ୍ ଭାବେ ରିଲିଫ ଦିଆଯାଇ ନାହିଁ। କେବେ କେବେ ଗୋଟିଏ ଦିନ ରିଲିଫ ମିଳିଥିବାବେଳେ ତାହା ଗ୍ରାମବାସୀଙ୍କୁ ମିଳିବାରେ ଅସୁବିଧା ହେଉଛି। ଏ ନେଇ ଅଧିକାଂଶ ଗ୍ରାମବାସୀ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ହାଟସାହି ପଞ୍ଚାୟତର ଭୋଇଗୁଣ, ପୋଡାଗୁଣ୍ଡୁ ,ବ୍ରହ୍ମାଳଙ୍ଗ ଗ୍ରାମର ଶତାଧିକ ମହିଳା ସକାଳ ସାଢ଼େ ୯ଟାରୁ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାତାୟାତାରେ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲା। ଶେଷରେ ପ୍ରାୟ ୭ଘଣ୍ଟା ପରେ ଅତିରିକ୍ତ ତହସିଲଦାର ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବାରେ ଯାତାୟାତରେ ସ୍ୱାଭାବିକ ହୋଇଥିଲା।

### ବାଘମାରୀ ଥାନାରେ ବାବା ଅଟକ

ଖୋର୍ଦ୍ଧା ଅଫିସ,୮।୯: ବାଘମାରୀ ଥାନା ଅଞ୍ଚଳରେ ଥିବା ଏକ ମଠର ବାବାଙ୍କୁ ପୋଲିସ ମଙ୍ଗଳବାର ଅଟକ ରଖି ପଚରାଉଚରା ଚଳାଇଛି। ଏହି ଖବର ପ୍ରଚାରିତ ହେବା ପରେ ବାବାଙ୍କ ସମର୍ଥକ ତଥା ଶତାଧିକ ଲୋକ ଥାନାରେ ପହଞ୍ଚିଥିଲେ। କେବେଠାରୁ ମଠ କାର୍ଯ୍ୟ କରୁଛି, କେଉଁମାନେ ରହୁଛନ୍ତି, ସରକାରୀ ନା' ବେସରକାରୀ ଜାଗାରେ ରହିଛି ସେ ନେଇ ପୋଲିସ ଖୋଳତାଡ଼ କରିଛି। ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ମଠରେ ଲୋକଙ୍କ ଭିଡ଼ ଜମୁଥିବାରୁ ତାଙ୍କୁ ଥାନାକୁ ନେଇ ପଚରାଉଚରା କରାଯାଉଛି।

### ଶ୍ରୀମନ୍ଦିର ପାଇଁ ସ୍ଥାୟୀ ବ୍ୟାରିକେଡ୍ ଦାବି

ପୁରୀ ଅଫିସ,୮।୯: ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଲାଗି ସିଂହଦ୍ୱାର ସମ୍ମୁଖରେ ହେଉଥିବା ଅସ୍ଥାୟୀ ବ୍ୟାରିକେଡ୍ ବାବଦକୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ବାରମ୍ବାର ନିର୍ମାଣ ହେବା ଓ ଖୋଲାଯିବା ଦ୍ୱାରା ବଡ଼ଦାଣ୍ଡ ସଂକୁଚିତ ହେଉଛି। ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ତେଣୁ ଭକ୍ତଙ୍କ ସୁବିଧା ନିମନ୍ତେ କାକୁଡ଼ିଖାଇଙ୍କ ମନ୍ଦିର ପାଖରୁ ସିଂହଦ୍ୱାର ପର୍ଯ୍ୟନ୍ତ ସ୍ଥାୟୀ ବ୍ୟାରିକେଡ ନିର୍ମାଣ କରାଯାଉ ବୋଲି ଦାବି କରିଛନ୍ତି ଭାଜପା ଯୁବନେତା ବିଶ୍ୱଜିତ ମହାନ୍ତି। ଏ ନେଇ ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

### ଆଇଆଇଆଇଟିରେ ଅଣଶିକ୍ଷକଙ୍କ ଧାରଣା

ଭୁବନେଶ୍ୱର,୮।୯(ବ୍ୟୁରୋ)

ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନଫରମେଶନ ଟେକ୍ନୋଲୋଜି (ଆଇଆଇଆଇଟି)ରେ ବିଭିନ୍ନ ସମସ୍ୟାକୁ ନେଇ ଅଣଶିକ୍ଷକ ତଥା ଚୁକ୍ତିଭିତ୍ତିକ କର୍ମଚାରୀମାନେ ୭ଦିନ ହେବ ଧାରଣା ଦେଇଛନ୍ତି। ଶିକ୍ଷକଙ୍କୁ ଧାର୍ଯ୍ୟ ପ୍ରାପ୍ୟ ଏବଂ ଅନ୍ୟାନ୍ୟ ସୁବିଧା ମିଳୁଥିବାବେଳେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଅବହେଳା କରାଯାଉଛି। ସେମାନଙ୍କୁ ଯୋଗ୍ୟତା ଅନୁସାରେ ସର୍ବନିମ୍ନ ଦରମା ମଧ ମିଳୁ ନ ଥିବା ଅଭିଯୋଗ ହୋଇଛି। ଅଧିକାଂଶ ଉଚ୍ଚଶିକ୍ଷିତ ଏବଂ ବୃତ୍ତିଗତ ଏମ୍‌ବିଏ, ଏମ୍‌ସିଏ ଓ ବିଟେକ ଡିଗ୍ରୀ ଧାରୀ ହୋଇଥିବାବେଳେ ଭଲ ଅଭିଜ୍ଞତା ମଧ ରହିଛି। ହେଲେ ଠିକ୍ ପ୍ରାପ୍ୟ ପାଇବା ପାଇଁ କର୍ମଚାରୀମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ ମଧ ସମସ୍ୟାର ସମାଧାନ ହୋଇପାରି ନାହିଁ। କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ସମସ୍ତ କର୍ମଚାରୀ କ୍ୟାମ୍ପସ ପରିସରରେ ଧାରଣାରେ ବସିଥିଲେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷ ଆଲୋଚନା କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ୨୧ରୁ କାର୍ଯ୍ୟକ୍ଷମ ହେବ ନୂତନ କୋଭିଡ୍ ହସ୍ପିଟାଲ

କଟକ ଅଫିସ, ୮।୯



■ଆରଡିସିଙ୍କ ସମୀକ୍ଷା ବୈଠକ
■୭ ଦିନ ମଧ୍ୟରେ ଆନୁସଙ୍ଗିକ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଏସ୍‌ସିବି ମେଡିକାଲରେ ୨୦୦ ଶଯ୍ୟା ଓ ୨୫ଟି ଆଇସିୟୁ ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଖୋଲିବା ପାଇଁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି। ଏସ୍‌ସିବିରେ ଗୁରୁତର କରୋନା ରୋଗୀଙ୍କ ପାଇଁ ୩୯ଟି ଆଇସିୟୁର ବ୍ୟବସ୍ଥା କରାଯିବ। ନୂତନ କୋଭିଡ ହସ୍ପିଟାଲ ପାଇଁ ନୂତନ ଭେଷଜ ବିଭାଗର ବିଲ୍ଡିଂରେ ଆଉ ୨୫ଟି ଆଇସିୟୁ ନିର୍ମାଣ କରାଯିବ। ଆସନ୍ତା ୨୧ ତାରିଖ ସୁଦ୍ଧା ଏହି କୋଭିଡ ହସ୍ପିଟାଲ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ବିଭାଗୀୟ ଆନୁସଙ୍ଗୀକ କାର୍ଯ୍ୟ ୭ ଦିନ ମଧ୍ୟରେ ସାରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ କୁମାର ସାମଲ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ସାମଲ ଏସ୍‌ସିବି କୋଭିଡ୍ ହସ୍ପିଟାଲ ପରିଚାଳନାର ସମୀକ୍ଷା କରିଛନ୍ତି। ଉକ୍ତ କୋଭିଡ୍ ହସ୍ପିଟାଲର ସୁପରିଚାଳନା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି। ଏହି କୋଭିଡ୍ ହସ୍ପିଟାଲ ଦାୟିତ୍ୱରେ ଜଣେ ପ୍ରଫେସର ର୍‍ୟାଙ୍କର ବରିଷ୍ଠ ଡାକ୍ତର ରହିବେ। ହସ୍ପିଟାଲ ପାଇଁ ଆବଶ୍ୟକ ନର୍ସ, କୁଶଳୀ ଓ ଅଣକୁଶଳୀ ଏବଂ ନିରାପତ୍ତାରକ୍ଷୀ ଯୋଗଦେବାକୁ ସେ ପ୍ରକାଶ କରିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ସେଠାରେ ୧୫ ଜଣ ପୋଲିସ କର୍ମଚାରୀଙ୍କୁ ଏକ କ୍ୟାମ୍ପ କରି ନିୟୋଜିତ କରିବାକୁ ଡିସିପି ପ୍ରତୀକ ସିଂହଙ୍କୁ ଆରଡିସି ପରାମର୍ଶ ଦେଇଥିଲେ। ସେହିପରି ମୃତଦେହକୁ ଖୁବ୍‌ଶୀଘ୍ର ସେଠାରୁ ନେବା ବ୍ୟବସ୍ଥା କରିବା ପାଇଁ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ହସ୍ପିଟାଲଠାରେ ସୂଚନାକେନ୍ଦ୍ର ଖୋଲାଯାଇ ରୋଗୀମାନଙ୍କ ସମ୍ପର୍କୀୟଙ୍କୁ ସୂଚନା ଦିଆଯିବ। ସେଠାରେ ଏକ ଟେଲିଫୋନ ରଖିବାକୁ ସାମଲ ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତରମାନଙ୍କ ରହିବା ପାଇଁ ଏସ୍‌ସିବି ମେଡିକାଲ କ୍ୟାମ୍ପସ୍‌ରେ ରହିଥିବା ନର୍ସିଂ ପ୍ରଶିକ୍ଷଣ ସ୍କୁଲରେ ହଷ୍ଟେଲ ବ୍ୟବସ୍ଥା କରିବାକୁ ମଧ ସେ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କୋଭିଡ ହସ୍ପିଟାଲରେ ହାଉସ ସର୍ଜନଙ୍କ ସହିତ ପିଜି ଛାତ୍ରମାନେ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଏସ୍‌ସିବି ମେଡିକାଲ କଲେଜର ଡିନ୍ ଏବଂ ପ୍ରିନ୍ସିପାଲ ଡା. ଦଣ୍ଡେଶ୍ୱର ହୋତା, ଅଧୀକ୍ଷକ ଡ. ଅନ୍ନଦା ପ୍ରସାଦ ପଟ୍ଟନାୟକ, ଜରୁରୀକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା, କୋଭିଡ ନୋଡାଲ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ ସୁକାନ୍ତ ଘଡେଇ ଓ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ଯୁଦ୍ଧରେ ହାରିଗଲେ ସବ୍‌ଇନ୍ସପେକ୍ଟର

ଲଖନପୁର, (ଡି.ଏନ.ଏ)–ଝାରସୁଗୁଡା ଜିଲା ବଡମାଲ ଥାନାରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ରାଜକିଶୋର ସାମଦ(୪୨) ମହାମାରୀ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ଗତ ଅଗଷ୍ଟ ୧୭ରୁ ସେ ଜିଲା କୋଭିଡ୍ କେୟାର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ସମୟରେ ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ରାହୁଲ ପିଆରଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ବିକାଶମୂଳକ କାର୍ଯ୍ୟକୁ ରୋକିଲା କରୋନା

ଭୁବନେଶ୍ୱର, ୮।୯(ବ୍ୟୁରୋ)

■କମିଲା ସାମଗ୍ରିକ ବଜେଟ ଖର୍ଚ୍ଚ

■ସ୍ୱାସ୍ଥ୍ୟ, ଜୀବନ ଜୀବିକା, ଖାଦ୍ୟ ସୁରକ୍ଷା ଯୋଜନାରେ ଖର୍ଚ୍ଚ ବଢ଼ୁଛି

କରୋନା କେବଳ ଯେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରି ନାହିଁ, ସମସ୍ତ ପ୍ରକାର ବିକାଶମୂଳକ କାର୍ଯ୍ୟ ମଧ୍ୟ ଗୁରୁତର ଭାବେ ପ୍ରଭାବିତ କରିଛି। ଆସନ୍ତା ଦୁଇବର୍ଷ ପର୍ଯ୍ୟନ୍ତ କୌଣସି ନୂତନ ଟେଣ୍ଡର ଡକାଯିବ ନାହିଁ କିମ୍ବା ସରକାରୀ ସ୍ତରରେ ନୂତନ ନିଯୁକ୍ତି ଦିଆଯିବ ନାହିଁ। ମହାମାରୀ ସଙ୍କଟକୁ ଦେଖି ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ମହାମାରୀର ପ୍ରଭାବ ରାଜ୍ୟ ବଜେଟ ଖର୍ଚ୍ଚକୁ ଦୋହଲାଇ ଦେଇଛି। ୨୦୨୦-୨୧ ପାଇଁ ରାଜ୍ୟ ସରକାର ବଜେଟ ଖର୍ଚ୍ଚ ନେଇ ଅଟକଳ କରିଥିଲେ, ସେଥିରେ ମଧ୍ୟ ବିରାମ ଲାଗିଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଯେତିକି ଖର୍ଚ୍ଚ ହେବା କଥା ତାହା ହୋଇ ପାରି ନାହିଁ। ୨୦୨୦-୨୧ ଆର୍ଥିକ ବର୍ଷର ଗତ ୫ ମାସ ଅର୍ଥାତ ଏପ୍ରିଲରୁ ଅଗଷ୍ଟ ୩୧ ମଧ୍ୟରେ ୨୦୧୯-୨୦ ବଜେଟ ଖର୍ଚ୍ଚ ତୁଳନାରେ କମ୍ ଖର୍ଚ୍ଚ ହୋଇଛି।

ଅର୍ଥ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୯-୨୦ ଆର୍ଥିକ ବର୍ଷର ଅଗଷ୍ଟ ୩୧ ସୁଦ୍ଧା ବଜେଟର ସମୁଦାୟ ବ୍ୟୟ ୨୩.୨୭ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ୨୦୨୦-୨୧ ଆର୍ଥିକ ବର୍ଷର ଗତ ୫ ମାସ ମଧ୍ୟରେ ଖର୍ଚ୍ଚ ହୋଇଛି ମାତ୍ର ୧୯.୩୮ ପ୍ରତିଶତ। ଅର୍ଥାତ୍ ଗତ ଆର୍ଥିକ ବର୍ଷ ତୁଳନାରେ ୫.୧୩ ପ୍ରତିଶତ ଖର୍ଚ୍ଚ କମ୍ ହୋଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ବଜେଟ ଆକାର ୧୩.୯୨ ପ୍ରତିଶତକୁ ବୃଦ୍ଧି କରାଯାଇଥିଲେ ମଧ୍ୟ ଆର୍ଥିକ ବର୍ଷ ଅଧା ହେବାକୁ ବସିଥିଲେ ସୁଦ୍ଧା ଖର୍ଚ୍ଚ ସେହି ଅନୁପାତରେ ହୋଇ ପାରି ନ ଥିବା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କରୋନା ମହାମାରୀ ସଂକ୍ରମଣକୁ ଦେଖି ବାରମ୍ବାର ଲକ୍‌ଡାଉନ ଓ ଶଟ୍‌ଡାଉନ ପାଇଁ ରାଜ୍ୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହେବା ଯୋଗୁ ଖର୍ଚ୍ଚ କମିଯାଇଛି ବୋଲି ସେ କହିଛନ୍ତି। ୨୦୨୦ ଅଗଷ୍ଟ ସୁଦ୍ଧା ସମୁଦାୟ ବଜେଟର ୨୩.୭୧ ପ୍ରତିଶତ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଯାହାକି ୨୦୧୯ ତୁଳନାରେ ଏହି ମାସ ସୁଦ୍ଧା ୧୧.୬୫ ପ୍ରତିଶତ କମ୍ ଖର୍ଚ୍ଚ ହୋଇଛି।

କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଖର୍ଚ୍ଚ କମିଛି। ଗତ ଆର୍ଥିକ ବର୍ଷର ଅଗଷ୍ଟ ୩୧ ସୁଦ୍ଧା ଏହି କ୍ଷେତ୍ର ପାଇଁ ୨୬.୨୭ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ହୋଇଛି ୧୦.୪୫ ପ୍ରତିଶତ । ସେହିପରି ଭିତ୍ତିଭୂମି କ୍ଷେତ୍ରରେ ୨୦୧୯ ଅଗଷ୍ଟ ସୁଦ୍ଧା ୨୭.୫୨ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ବଜେଟର ମାତ୍ର ୧୫.୧୯ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। କରୋନା ମହାମାରୀ ସଂକ୍ରମଣ ଯୋଗୁ ସମଗ୍ର ଦେଶରେ ଲକ୍‌ଡାଉନ/ଶଟ୍‌ଡାଉନ ଦୀର୍ଘଦିନ ଧରି ରହିଥିଲା। ଏଥିଯୋଗୁ ରାସ୍ତା, କୋଠାଘର, ମାର୍କେଟ କମ୍ପ୍ଲେକ୍ସ, ଜାତୀୟ ରାଜପଥ, ଜଳସେଚନ ପ୍ରକଳ୍ପଗୁଡ଼ିକ ଅଧାରୁ ବନ୍ଦ ହୋଇରହିଲା। ଫଳରେ ନିର୍ମାଣ କ୍ଷେତ୍ର ଏକ ପ୍ରକାର ପ୍ରଭାବିତ ହୋଇଛି। ମାତ୍ର ସାମାଜିକ କ୍ଷେତ୍ରରେ ବଜେଟ ଖର୍ଚ୍ଚ ଗତବର୍ଷ ତୁଳନାରେ ଅଧିକ ହୋଇଛି। ସାମାଜିକ କ୍ଷେତ୍ର ପାଇଁ ବଜେଟ ଖର୍ଚ୍ଚ ୨୮.୧୩ ପ୍ରତିଶତ ଅଟକଳ କରାଯାଇଥିବା ବେଳେ ଅଗଷ୍ଟ ୩୧ ସୁଦ୍ଧା ୨୯.୬୫ ପ୍ରତିଶତ ଖର୍ଚ୍ଚ ହୋଇଛି। ସେହିପରି ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ୩୫.୪୮ ପ୍ରତିଶତ ଖର୍ଚ୍ଚ ହ୍ରାସ ପାଇଛି। ତେବେ ସାମାଜିକ କ୍ଷେତ୍ରରେ ଧାର୍ଯ୍ୟ ବ୍ୟୟ ଅଟକଳ ଠାରୁ ୨୯.୦୯ ପ୍ରତିଶତ ଖର୍ଚ୍ଚ ବୃଦ୍ଧି ହୋଇଛି। ସ୍ୱାସ୍ଥ୍ୟସେବା, ଜୀବନ ଜୀବିକା ଓ ସାମାଜିକ ସୁରକ୍ଷା ଇତ୍ୟାଦିରେ ଅଧିକ ଅର୍ଥ ଖର୍ଚ୍ଚ ଯୋଗୁ ଏହି ବୃଦ୍ଧି ଘଟିଛି। କରୋନା ମହାମାରୀ ମୁକାବିଲା ପାଇଁ ପାଣ୍ଠିର କୌଣସି ଅଭାବ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଖାଦ୍ୟ ସୁରକ୍ଷା ଯୋଜନା, ଜୀବନ ଜୀବିକା ଓ କୋଭିଡ୍ ପରିଚାଳନା ପାଇଁ ଖର୍ଚ୍ଚ ବୃଦ୍ଧି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ୧୨ ଯାଏ କାଁ ଭାଁ ବର୍ଷା

ଭୁବନେଶ୍ୱର,୮।୯(ବ୍ୟୁରୋ)

ରାଜ୍ୟରେ ମୌସୁମୀ ଦୁର୍ବଳ ରହିଛି। ତେବେ ସ୍ଥାନୀୟ ଜଳବାୟୁ ଯୋଗୁ କେତେକ ସ୍ଥାନରେ ଘଡ଼ଘଡି ସହ ବର୍ଷା ହେଉଛି। ଦିନର ତାପମାତ୍ରା ୩୬ ଡିଗ୍ରୀ ଉପରେ ରହୁଥିବା ଯୋଗୁ ଗରମ କାରଣରୁ କେତେକ ସ୍ଥାନରେ ଅସରାଏ କିମ୍ବା ଦି ଅସରା ବର୍ଷା ହେଉଛି। ଆସନ୍ତା ୧୨ ତାରିଖ ଯାଏ ଏଭଳି ପାଗ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, ପୁରୀ, ନୟାଗଡ଼, କୋରାପୁଟ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ । ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କଟକରେ ୪୧ ମିଲିମିଟର ବର୍ଷା ହୋଇଥିବା ବେଳେ ଝାରସୁଗୁଡ଼ା ୫୯, କୋରାପୁଟ ୪୯, ଫୁଲବାଣୀ ୨୬ ଏବଂ ଦାରିଙ୍ଗବାଡିରେ ୧୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।



ଦୁର୍ଘଟଣାପରେ ପୋଲଉପରେ ପୋଲିସ ଲୋକମାନଙ୍କୁ ପଚରାଉଚରା କରୁଛି ।

# ଇବ୍ ନଦୀକୁ ଖସିଲା ହାଇୱା: ୨ ମୃତ

ଲଖନପୁର,୮।୯(ଡି.ଏନ.ଏ)

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ରମ୍ପେଲା ବ୍ରିଜ ଉପରୁ ମଙ୍ଗଳବାର ଏକ ହାଇୱା (ନଂ.ଓଡି ୨୩କେ୧୫୪୭) ଭାରସାମ୍ୟ ହରାଇ ଇବ ନଦୀକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରୁ ଗାଡ଼ି ଚାଳକ ଆଦିତ୍ୟ ସାହୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ବନହରପାଲି ଥାନା ଅଧୀନ ବରକାନିପାଲି ଗ୍ରାମର ଜତିନ୍ଦ୍ର ପ୍ରଧାନ (୨୧) ଓ ଅରବିନ୍ଦ ସାହୁ (୨୩)। ସମ୍ବଲପୁର ରେଙ୍ଗାଲିରୁ କୁମ୍ଭାରବନ୍ଧ ଅଭିମୁଖେ ହାଇୱାଟି ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ହାଇୱାଟି ସମ୍ପୂର୍ଣ୍ଣ ନଦୀରେ ବୁଡିଯାଇଥିଲା। ଖବରପାଇ ଝାରସୁଗୁଡା ଓଡ୍ରାଫ ଟିମ, ଝାରସୁଗୁଡା, ଲଖନପୁର ଓ ଇବ ଥର୍ମାଲ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବ୍ରଜରାଜନଗର ଏସଡିପିଓ ଦିଲୀପ ଦାସ, ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର ଉପସ୍ଥିତ ଥିଲେ।

# ଯୁକ୍ତ ୩ ନାମଲେଖା ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୮।୯(ବ୍ୟୁରୋ)

**ପ୍ରଥମ ଦିନରେ ୮ ହଜାରରୁ ଊର୍ଦ୍ଧ୍ୱ ଆବେଦନ**

ରାଜ୍ୟର ସମସ୍ତ ଯୁକ୍ତ୩ ଡିଗ୍ରୀ କଲେଜ, ସେଲ୍ଫ ଫାଇନାସିଂ କଲେଜ ଓ ସଂସ୍କୃତ କଲେଜଗୁଡ଼ିକରେ ନାମଲେଖା ପାଇଁ ମଙ୍ଗଳବାରଠାରୁ ଆବେଦନ ଆରମ୍ଭ ହୋଇଛି। ଚଳିତବର୍ଷ କେବଳ ଅନ୍‌ଲାଇନରେ ଆବେଦନ ପ୍ରକ୍ରିୟା ଅନୁଷ୍ଠିତ ହେଉଛି। ପ୍ରଥମ ଦିନରେ ୧୩, ୦୭୨ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବାବେଳେ ୮,୫୦୦ରୁ ଅଧିକ ଆବେଦନ କରିଛନ୍ତି। ଛାତ୍ରୀଛାତ୍ରମାନେ www.dheodisha.gov.in/ www.samsodisha.gov.in ୱେବ୍‌ସାଇଟ୍‌ରେ କମନ ଆପ୍ଲିକେଶନ ଫର୍ମ(ସିଏଏଫ) ପୂରଣ କରି ଆବେଦନ କରିପାରିବେ। ଆବେଦନ ପାଇଁ ଆସନ୍ତା ୨୨ ରାତି ୧୧ଟା ୪୫ ପର୍ଯ୍ୟନ୍ତ ୱେବ୍‌ସାଇଟ୍ ଖୋଲା ରହିବ ବୋଲି ଉଚ୍ଚଶିକ୍ଷା ବିଭାଗ ସୂଚନା ଦେଇଛି।

ଅନ୍ୟପକ୍ଷରେ ୨୮ ତାରିଖ ପୂର୍ବାହ୍ଣ ୧୧ଟାରେ ପ୍ରଥମ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଉକ୍ତଦିନଠାରୁ ଅକ୍ଟୋବର ୧ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ସାମ୍ସ ଆକାଉଣ୍ଟରେ ଅନ୍‌ଲାଇନରେ ନାମଲେଖା ଫିଁ ଦାଖଲ କରିବେ। ୨୯ ତାରିଖରୁ ଅକ୍ଟୋବର ୨ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବ। ୩ ତାରିଖ ସନ୍ଧ୍ୟାରେ ନାମଲେଖା ସମ୍ପର୍କିତ ତଥ୍ୟ ୱେବ୍‌ସାଇଟରେ ଉପଲବ୍ଧ ହେବ। ଅକ୍ଟୋବର ୮ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ ଲିଷ୍ଟ ପ୍ରକାଶ ପାଇବ ଓ ଅକ୍ଟୋବର ୧୦ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ଅନ୍‌ଲାଇନରେ ନାମଲେଖା ଫିଁ ଦାଖଲ କରି ନାମ ଲେଖାଇବେ। ଏହି ପର୍ଯ୍ୟାୟ ନାମଲେଖା ସମ୍ପର୍କରେ ତଥ୍ୟ ଅକ୍ଟୋବର ୧୩ ସନ୍ଧ୍ୟାରେ ପ୍ରକାଶ ପାଇବ। ସେହିଭଳି ସ୍ପଟ୍ ଆଡ୍‌ମିଶନ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଲେଜଗୁଡ଼ିକୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ପଠାଯିବ। ଏଥର ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସାମ୍ସ ଇ-ଆଡ୍‌ମିଶନ ମାଧ୍ୟମରେ କରାଯାଉଥିବାରୁ ଛାତ୍ରୀଛାତ୍ରମାନେ ଅନ୍ୟ କୌଣସି କଲେଜ କିମ୍ବା ୱେବ୍‌ସାଇଟ ସୂଚନା ଉପରେ ବିଶ୍ୱାସ ନ କରିବାକୁ ବିଭାଗ ପରାମର୍ଶ ଦେଇଛି।

# ଗତ ବର୍ଷ ତୁଳନାରେ ପଞ୍ଜୀକରଣ ୧୩ % ବୃଦ୍ଧି

ଭୁବନେଶ୍ୱର ୮।୯(ବ୍ୟୁରୋ)

**ଖରିଫ ଧାନ ସଂଗ୍ରହ**

୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କ ନାମ ପଞ୍ଜୀକରଣ ଗତବର୍ଷ ତୁଳନାରେ ୧୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୦-୨୧ରେ ଖରିଫ୍ ଧାନ ସଂଗ୍ରହ ପାଇଁ ଏ ପର୍ଯ୍ୟନ୍ତ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ୨୦୧୯-୨୦ ରେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ । ସରକାରଙ୍କ କୋଭିଡ ଗାଇଲଲାଇନ ପାଳନ କରି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ମାଧ୍ୟମରେ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଛି। ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଞ୍ଜୀକରଣ କରିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ରାଜ୍ୟରେ ଖରିଫ୍ ଧାନ ସଂଗ୍ରହ ପାଇଁ ୨୮୫୨ଟି ପ୍ରାଥମିକ ସମବାୟ ସମିତି ଜରିଆରେ ନାମ ପଞ୍ଜୀକରଣ କାର୍ଯ୍ୟ କରାଯାଉଛି। ଗତବର୍ଷ ତୁଳନାରେ ରାଜ୍ୟରେ ନାମ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଉଛି। ନୂଆପଡ଼ା ଜିଲାରେ ୩୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ବଲାଙ୍ଗୀର ଓ ଯାଜପୁର ଜିଲାରେ ୨୯,ମୟୂରଭଞ୍ଜରେ ୨୮, ଝାରସୁଗୁଡ଼ାରେ ୨୩, ଦେବଗଡ଼ରେ ୨୨, ଭଦ୍ରକରେ ୨୦ ଓ ଢେଙ୍କାନାଳରେ ୧୯ ପ୍ରତିଶତ ବୃଦ୍ଧି ପାଇଛି ।


## ତହସିଲ କାର୍ଯ୍ୟାଳୟ, ଛେଣ୍ଡିପଦା

ବିଜ୍ଞାପନ ସଂଖ୍ୟା: ୬୭୯୩ ତାରିଖ: ୦୭।୦୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଅଛି ଯେ, ଛେଣ୍ଡିପଦା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସଇରାତ ଉତ୍ସଗୁଡ଼ିକ ପାଞ୍ଚ ବର୍ଷ ପାଇଁ ଯଥା ୨୦୨୦-୨୧ରୁ ୨୦୨୫-୨୬ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ OMMC Rule - 2016ର ଫର୍ମ 'J' ରେ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଧାରିତ ଫର୍ମରେ ସର୍ତ୍ତାବଳୀକୁ ଆଧାରକରି ତା୦୯।୦୯।୨୦୨୦ ଅପରାହ୍ଣ ୫.୦୦ ଘଟିକା ସମୟ ମଧ୍ୟରେ ମୁଦ୍ରାଦିଆ ଲଫାପାରେ ଫର୍ମ ପୂରଣ କରି ଅମାନତ ରାଶି ସହ ଦରଖାସ୍ତ ପକାଇପାରିବେ ଏବଂ ସେହିଦିନ ଅପରାହ୍ଣ ୫.୦୦ଟାରେ ଉକ୍ତ ଦରଖାସ୍ତଗୁଡ଼ିକୁ ଯାଞ୍ଚ କରାଯାଇ ସର୍ବୋଚ୍ଚ ନିଲାମଧାରୀଙ୍କ ନାମରେ ସଇରାତ ଉତ୍ସ ଅନୁମୋଦନ କରାଯିବ। ପ୍ରଥମ ଦିବସରେ କୌଣସି ନିଲାମଧାରୀ ନ ମିଳିଲେ ଦ୍ୱିତୀୟ ଥର ତା୧୦।୦୯।୨୦୨୦ରେ ଦରଖସ୍ତ ଆହ୍ୱାନ କରାଯିବ। କୌଣସି କାରଣ ନ ଦର୍ଶାଇ ଲିଜ୍‌କୁ ସ୍ଥଗିତ କିମ୍ବା ରଦ୍ଦ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି।

ସଇରାତ ଉତ୍ସଗୁଡ଼ିକର ବିବରଣୀ:

| କ୍ର.ସଂ. | ସଇରାତ ଉତ୍ସର ନାମ | ଖାତା ନମ୍ବର | ପ୍ଲଟ ନମ୍ବର | ରକବା | ଅବଧି ସମୟ | ଅମାନତ ରାଶି |
|---|---|---|---|---|---|---|
| 1 | Takua Sand Quarry | 332 | 1669 | 2.11 Ac. | ୨୦୨୦-୨୧ରୁ ୨୦୨୫-୨୬ | 10,675/- |
| 2 | Durgapur Morrum Quarry | 222 | 281 | 5.00 Ac. | ୨୦୨୦-୨୧ରୁ ୨୦୨୫-୨୬ | 90,930/- |
| 3 | Badaberna Stone Quarry | 316 | 3450, 3451 | 15.78 Ac. | ୨୦୨୦-୨୧ରୁ ୨୦୨୫-୨୬ | 1,20,000/- |

ସ୍ୱା./- ତହସିଲଦାର, ଛେଣ୍ଡିପଦା

ସର୍ତ୍ତାବଳୀ:

1. ଦରଖାସ୍ତକାରୀ ଦରଖାସ୍ତ ସହ ଟ.୧୦୦୦/-ଙ୍କାର ଏକ ଚାଲାଣ D No. 0853 Nonferrous Mining and Metallurgical Industries - 102 Mineral Concession Fees Rents and Royalties ପଇଠ କରି ସଂଯୋଗ କରିବେ।
2. ଦରଖାସ୍ତ ସହିତ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଧାର୍ଯ୍ୟ ରାଶିର ଦାଖଲ କରିବେ।
3. ସଇରାତ ଉତ୍ସ ନିମନ୍ତେ କୌଣସି ରାଶି ବକେୟା ନଥିବା ସତ୍ୟପାଠ ଦାଖଲ କରିବେ।
4. Solvency Certificate ଯାହାକି ସର୍ବନିମ୍ନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣ ନିମନ୍ତେ ନିର୍ଦ୍ଧାରିତ ରୟାଲଟି ଏବଂ ଆବେଦନକାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଅତିରିକ୍ତ ଦେୟଠାରୁ କମ୍ ହୋଇ ନଥିବ ଏବଂ ତାହା ୧୮ମାସ ପର୍ଯ୍ୟନ୍ତ ବୈଧ ହେବ।
5. ଆବେଦନକାରୀ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ଆଇନ୍ ୨୦୧୬ର ସର୍ତ୍ତବାଳୀ ମାନି ଚଳିବେ।
6. ଲିଜ୍ ଆବେଦନ ପୂର୍ବରୁ ଲିଜ୍ ଏରିଆ ସମ୍ବନ୍ଧରେ ଆବଶ୍ୟକୀୟ ତଥ୍ୟକୁ ଦେଖି ଲିଜ୍ ନିମନ୍ତେ ଦରଖାସ୍ତ କରିପାରିବେ।
7. ଆବେଦନକାରୀଙ୍କ ଦରଖାସ୍ତକୁ ଅନୁମୋଦନ କରାଗଲେ ଆବେଦନକାରୀର Royalty, Surface Rent, EMF, DMF ଏବଂ Additonal Charge ଏକକାଳୀନ ଦାଖଲ ହେବ।
8. ଲଘୁ ଖଣିଜ ପଦାର୍ଥ ଯଥା, ରୟାଲଟିର ଅତିରିକ୍ତ ଦେୟ ୫%ରୁ କମ୍ ହୋଇ ନଥିବ।
9. ରୟାଲଟିକୁ ଆଧାର କରି EMF, DMF ଏବଂ Additional Chargeର ଦେୟ ଗଣନା କରାଯିବ।
10. ଆବେଦନକାରୀ OMMC Rule-2016ର Para-26ରେ ଉଲ୍ଲେଖ ଥିବା ସର୍ତ୍ତାବଳୀ ପାଳନ ନିମନ୍ତେ ଏକ ଚୁକ୍ତିନାମା ଦାଖଲ ହେବ।
11. ଏହାର ସମସ୍ତ ସର୍ତ୍ତାବଳୀ ଜିଲ୍ଲା ସୂଚନା କାର୍ଯ୍ୟାଳୟର ୱେବ୍‌ସାଇଟ୍: www.angul.nic.inରେ ଉପଲବ୍ଧ ଅଟେ।

ସ୍ୱା./- ତହସିଲଦାର, ଛେଣ୍ଡିପଦା

## ODISHA PUBLIC SERVICE COMMISSION
19, Dr. P.K. Parija Road, Cuttack - 1

NOTICE

No. 4472/PSC Dt.7.9.20

No. D-51: It is for information of all concerned that, as per the provisions laid down at Para - 6 of the advertisement No. 18 of 2019-20, the Commission have shortlisted the eligible candidates for certificate/document verification for recruitment to the Post of Lecturer in the discipline of **Botany** in Group-A of Odisha Education Service (College Barnch), Pursuant to Advt. No. 18 of 2019-20. Hence, the candidates are advised to visit the website of the Commission at **http://opsc.gov.in** for detail information.

Sd./- Secretary
OIPR-12002/11/0028/2021

## ODISHA PUBLIC SERVICE COMMISSION
CUTTACK

NOTICE

No. 4479/PSC (1E-01-2019-20) (DR-II) Dt.7.9.20

No. D-50: The OJS (Main) written examination , 2019 scheduled to be held from 06.10.2020 to 09.10.2020 is herewith postponed and the same has been rescheduled **from 03.11.2020 to 06.11.2020 (04 days).** The detail programme of the said examination showing venue and time will be notifed later on in due course. The candidates are advised to visit the website of OPSC regularly for detail programme.

However, the date of the OJS (Main) written examination, 2019 **from 03.11.2020 to 06.11.2020** is subject to change keeping in view of Govt. guidelines and instructions that shall be prevailing then because of Covid-19 Pandemic.

The present notice supersedes the Notice No. 4044/PSC, Dt.18.08.2020.

Sd./- Secretary
OIPR-12002/11/0027/2021

## ବୈଷୟିକ ଶିକ୍ଷା ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

SAMS
Student Academic Management System

### ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ ୨୦୨୦-୨୧ ଶିକ୍ଷାବର୍ଷର ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ବିଜ୍ଞାପନ

No. KK-21: ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ୨୦୨୦-୨୧ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ SAMS ଜରିଆରେ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନପତ୍ର ଗ୍ରହଣ କରାଯାଉଅଛି। ଇଚ୍ଛୁକ ନୂତନ ଛାତ୍ରଛାତ୍ରୀମାନେ ନାମ ପଞ୍ଜୀକରଣ, ଫଟୋ ଅପ୍‌ଲୋଡ୍ ଏବଂ ଆବେଦନପତ୍ର ଦେୟ ଦେଇ ପଞ୍ଜୀକରଣ କରି ନାମ ଲେଖାର ସୁଯୋଗ ନେଇପାରିବେ।

ଆସନ୍ତା ତା୧୬।୦୯।୨୦୨୦ରିଖ ଦିନ ଛାତ୍ରଛାତ୍ରୀମାନେ ନାମ ଲେଖାପାଇଁ ଇଚ୍ଛୁକ ଅନୁଷ୍ଠାନରେ (ଆଇ.ଟି.ଆଇ.) ଉପସ୍ଥିତ ରହି ଖାଲିଥିବା Trade ଚୟନ କରି ମେଧା ତାଲିକାଭୁକ୍ତ ହୋଇ ନାମ ଲେଖାଇପାରିବେ।

ଅଧିକ ବିବରଣୀ ନିମିତ୍ତ ନିକଟସ୍ଥ ଆଇ.ଟି.ଆଇ.ରେ ଯୋଗାଯୋଗ କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ।

ସ୍ୱା./- ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-14004/11/0012/2021

## DIRECTORATE OF MEDICAL EDUCATION & TRAINING, ODISHA

No. 14733/BBSR Date: 08.09.2020

NOTICE

ADMISSION NOTICE FOR ANM, GNM, BASIC B.Sc., P.B.B.S.C. & M.Sc. NURSING COURSES 2020-21

No. E-229: Online applications are invited from the eligible candidates for admission to ANM, GNM, BASIC B.Sc., P.B.B.Sc. & M.Sc. Nursing Courses in all the ONMRC (Odisha Nurses & Midwives Registration Council) recognised Government and Private Nursing Institutions of the State for the academic session 2020-21. Intending candidaets must submit their online application from Dt.10.09.2020 to Dt.26.09.2020 by 11.45 P.M. by paying application fee amounting **Rs.300/- (Rupees three hundred only) for ANM, Rs.500/- (Rupees five hundred only) for GNM & BASIC B.Sc. Nursing and Rs.1000/- (Rupees one thousand only) for P.B.B. Sc. & M.Sc. Nursing** excluding bank charges (to be borne by the applicants themselves) as applicable through Net Banking/Card Payments/Other payment modes (SBI Branch or NEFT/RTGS or UPI). For details go through the prospecuts. The prospectus will be available in the website **http://dmetodisha.gov.in** and **http://dohodisha.nic.in** from Dt.10.09.2020.

ADMISSION CALENDAR FOR ANM, GNM, BASIC B.Sc., P.B.B. Sc. & M.Sc. NURSING COURSES FOR THE ACADEMIC SESSION 2020-21

| Admission Process | ANM | GNM | BASIC B.Sc. Nursing | P.B.B.Sc. Nursing | M.Sc. Nursing |
|---|---|---|---|---|---|
| Availability of Prospectus in official website: **www.dmetodisha.gov.in/ www.dohodisha.nic.in** | 10.09.2020 | 10.09.2020 | 10.09.2020 | 10.09.2020 | 10.09.2020 |
| Availability of Online application form & payment of application fee in official website: **www.dohodisha.nic.in** | 10.09.2020 | 10.09.2020 | 10.09.2020 | 10.09.2020 | 10.09.2020 |
| Last date for submission of online application form & payment of application fee | 26.09.2020 by 11.45 P.M. | 26.09.2020 by 11.45 P.M. | 26.09.2020 by 11.45 P.M. | 26.09.2020 by 11.45 P.M. | 26.09.2020 by 11.45 P.M. |

Sd./- Convener, State Nursing Selection Committee
OIPR-10016/11/0012/2021

## NUAGAON LAMPCS, NUAGAON
INVITATION OF TENDER
DETAILED TENDER NOTICE

**Name of the Work:** Construction of Market Complex at Nuagaon, At/P.O.- Nuagaon, Dist.- Sundargarh.

Sealed tenders are invited from eligible registered B & C Class contractors of State/R&B/Water Resources/Rural Works/MI/CPWD for construction of one New Multi Stored Market Complex at Nuagaon, Dist.- Sundargarh with details given below. The detailed terms and conditions can be obtained from the Nuagaon LAMPCS.

| Sl. No. | Name of the Work | Estimated Cost in Rupees | Tender Value in Rupees | Cost of Tender Documents | EMD in Rupees | Time of Completion |
|---|---|---|---|---|---|---|
| 1 | Construction of New Market Complex (Ground Floor & 1st Floor) | 49,69,000 | 49,690 | 5000 + @ 12% GST | 49,690 | 6 Months |

1. Date of Issue of Tender Paper : 10.09.2020 to 25.09.2020 upto 5.00 P.M.
2. Last date of Receipt of Tender Paper : 29.09.2020 upto 5.00 P.M.
3. Date of Opening of Tender Paper : 30.09.2020 at 11.00 A.M.

Sd./- Managing Director, Nuagaon LAMPCS

## OFFICE OF THE MUNICIPAL COUNCIL, GUNUPUR
E-mail ID: eomun-gunupur@gov.in

No. 1555 Date: 08.09.2020

NOTICE INVITING TENDER

Sealed tenders, in conformity with the Detailed Tender Call Notice are invited from the intending Registered Firms/Contractors (A, B & C Class contractors only) Regd. in Govt. PWD/M.I./ Irrigation and other Government Department of Odisha/Regd. Private Companies satisfying the eligibility criteria as per Notice Inviting Tender (NIT) for execution of providing, cleaning & sanitation work from Ward No. **1 to 10, 12 to 15 & Marathiguda** of gunupur Municipality so as to reach the Executive Officer, Gunupur Municipality through **Registered Post/Speed Post** only upto 5.00 P.M. on 24.09.2020 and tender will be opened at Gunupur Municipality on 25.09.2020. The details of works, purchase of tender documents, scope of work, eligibility criteria & submission of tender can be purchased from office of the undersigned from **09.09.2020 to Dt.19.09.2020** (On all working hours on Govt. working days only).

Tender form can also be downloaded from websites: **www.gunupurmunicipality.com, https://rayagada.nic.in** but it should be accompanied Bank Draft (Only SBI payable at Gunupur) of Rs.10,000/- (Rupees ten thousand only) in the name of Executive Officer, Gunupur Municipality, payable at Gunupur along with Bank Draft of EMD, at the time of submission.

Details can be had from the office of the undersigned during working hours on working days.

Sd./- Executive Officer, Gunupur Municipality

## TENDER CALL NOTICE

**Tender No. 5235/CDM&PHO/SNG Dated:07.09.2020**

No. E-232: Sealed tenders are invited from intending agency/firms/suppliers through Speed Post/ Registered Post/Courier for supply of **Erection & Installation of Hoarding, Flex, Banner, Poster, Wall Painting & etc. for RNTCP (NTEP) 2020-21.** The willing reputed agency/firms/suppliers are request to submit sealed tenders to the office of the undersigned on or before 28.09.2020 till 5 P.M. Tender documents can be downloaded or obtained from the district website **www.sundargarh.nic.in.** This office will not entertain any tender after the due date, time fixed for at any circumstance. The undersigned reserves the right to reject or cancel the tender without assigning any reason thereof.

**Sd./- Chief District Medical & Public Health Officer, Sundargarh**
OIPR-10100/11/0012/2021

## STATE POLLUTION CONTROL BOARD, ODISHA
(DEPARTMENT OF FOREST & ENVIRONMENT, GOVERNMENT OF ODISHA)
Paribesh Bhawan, A/118, Nilakantha Nagar, Unit - VIII, Bhubaneswar - 751012, India
EPABX: 2561909/2562847, E-mail: hwmd@ospcboard.org
paribesh1@ospcboard.org, Website: www.ospcboard.org

IND-IV-HW-MISC-332/8373 Dt.07.09.2020

NOTICE

**Kind Attention:** Disposal of Hazardous Wastes for the units not requiring Consent of State Pollution Control Board, Odisha.

Take a notice that as per MoEF & CC Notification GSR 178(E), Dtd.01.03.2019, an occupier shall not be required to obtain an authorization under Rule 6(1) of Hazardous and other Waste (Management and Trans-boundary Movement) Rules, 2016 and as amended in 2019 from the State Pollution Control Board, Odisha in case the Consent to Establish or Consent to Operate is not required from the State Pollution Control Board, Odisha under the Water (Prevention & Control of Pollution) Act, 1974 (25 of 1974) and Air (Prevention & Control of Pollution) Act, 1981 (21 of 1981). Provided that the hazardous and other waste generated by these occupiers shall be given to the actual user, waste collector or operator of the disposal facility in accordance with the Central Pollution Control Boad guidelines and authorized by this Board.

This is published for wide circulation.

Sd./- Member Secretary

## ସଂକ୍ଷେପରେ

### ୬ ବିଶ୍ୱବିଦ୍ୟାଳୟ କୁଳପତି ପଦ ପାଇଁ ପୁନଃ ଆବେଦନ ଆରମ୍ଭ

- ୪ବର୍ଷ ଯାଏ ପଦରେ ରହିବେ
- ବୟସ ସୀମା ୨ବର୍ଷ ବଢ଼ିଲା

ଭୁବନେଶ୍ୱର,୮।୯(ବ୍ୟୁରୋ)- ରାଜ୍ୟର ୬ ବିଶ୍ୱବିଦ୍ୟାଳୟ କୁଳପତି ଚୟନ ପାଇଁ ପୁଣିଥରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ବୟସାଧିକ କାରଣରୁ ଆବେଦନ କରିବାରୁ ବଞ୍ଚିତ ହୋଇଥିବା ପ୍ରଫେସରମାନଙ୍କୁ ଆବେଦନ ପାଇଁ ଆଉଥରେ ଏହି ସୁଯୋଗ ଦିଆଯାଇଛି। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳଙ୍କଠାରୁ ଗତ ଶୁକ୍ରବାର ଉଚ୍ଚଶିକ୍ଷା ସଚିବ ଏନେଇ ଅନୁମତି ଲୋଡିଥିଲେ। ଅନୁମତି ମିଳିବା ପରେ ମଙ୍ଗଳବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଶାୟୀ ପ୍ରଫେସରମାନେ ଅକ୍ଟୋବର ୩ ମଧରେ କୁଳପତି ପଦ ପାଇଁ ଆବେଦନ କରିପାରିବେ। ତେବେ ନୂଆ ବିଜ୍ଞପ୍ତି ଆଧାରରେ ଅକ୍ଟୋବର ୧ ସୁଦ୍ଧା ଆଶାୟୀ ପ୍ରଫେସରଙ୍କର ସର୍ବାଧିକ ବୟସ ୬୩ ବର୍ଷ ହୋଇଥିବା ଆବଶ୍ୟକ। ପୂର୍ବରୁ ଏହା ୬୨ ବର୍ଷ ରହିଥିଲା। କୁଳପତିଭାବେ ନିଯୁକ୍ତି ପାଇବା ପରେ ସେମାନେ ୪ବର୍ଷ ଯାଏ ପଦରେ ରହିବେ। ପୂର୍ବରୁ ଏହା ୩ ବର୍ଷ ଥିଲା। ସେହିଭଳି କୁଳପତିଙ୍କ ଅବସର ବୟସସୀମା ପୂର୍ବରୁ ୬୫ ଥିବାବେଳେ ଏବେ ୬୭ ବର୍ଷକୁ ବୃଦ୍ଧି କରାଯାଇଛି। ତେବେ ଯେଉଁମାନେ ଆଗରୁ ଆବେଦନ କରିଥିଲେ ସେମାନେ ଆଉଥରେ ଆବେଦନ କରିବା ଆବଶ୍ୟକ ନୁହେଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

### ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣି ଲୁଟ୍

ପିପିଲି,୮।୯(ସ୍ୱ.ପ୍ର.): ପିପିଲି ଥାନା ଅଧୀନ ତେଇଶିପୁର ଛକ ନିକଟରେ ଜଣେ ପରିବା ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ କରି ଲୁଟ୍ ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ପୁରୀ-ତେଇସିପୁର ପଞ୍ଚାୟତ ଅଧୀନ ପୋଡଙ୍ଗ ଗ୍ରାମର ନିରଞ୍ଜନ ନାୟକ ପ୍ରତିଦିନ ଅଟୋରେ ପରିବା ନେଇ ଭୁବନେଶ୍ୱରରେ ବିକ୍ରି କରନ୍ତି। ସୋମବାର ମଧ ବ୍ୟବସାୟ କରି ରାତି ସାଢେ ୯ଟାରେ ତେଇଶିପୁର ବଜାରରେ ଓହ୍ଲାଇ ନିକଟରେ ରଖିଥିବା ନିଜର ବାଇକ୍‌ର ଚାବି ଖୋଲୁଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ନିରଞ୍ଜନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ପାଖରେ ଥିବା ଟଙ୍କା ଓ ସେ ପିନ୍ଧିଥିବା ସୁନାଚେନ୍ ଓ ରୁପା ବ୍ରେସଲେଟ୍‌କୁ ଲୁଟି ନେଇଯାଇ ଥିଲେ। ସ୍ଥାନୀୟ ଲୋକେ ନିରଞ୍ଜନଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣା ସମ୍ପର୍କରେ ନିରଞ୍ଜନଙ୍କ ଭାଇ ବୃନ୍ଦାବନ ନାୟକ ଥାନାରେ ଅଭିଯୋଗ କରିବା ସହ ୫୦ହଜାର ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ ହୋଇଥିବା କହିଥିଲେ।

# ବଜାରରେ ନାହିଁ ନୂଆ ନିଯୁକ୍ତି

- ନିଯୁକ୍ତି ଆଶା ୧୫ ବର୍ଷର ସର୍ବନିମ୍ନ ସ୍ତରରେ
- ଚାକିରି ଯୋଜନା ରଖିଛନ୍ତି ମାତ୍ର ୩% କମ୍ପାନୀ




ନୂଆଦିଲ୍ଲୀ, ୮।୯

ମହାମାରୀ ବର୍ତ୍ତମାନ ଘରୋଇ ବଜାରକୁ କ୍ଷତିଗ୍ରସ୍ତ କରି ରଖିଛି। ସରକାର ଲକ୍‌ଡାଉନ କଟକଣା ଧୀରେ ଧୀରେ କୋହଳ କରୁଥିଲେ ମଧ୍ୟ ସବୁ କିଛି ସ୍ଥିତାବସ୍ଥାକୁ ଫେରିପାରିନାହିଁ। କମ୍ପାନୀଗୁଡିକ ମଧ୍ୟ ଚାପଗ୍ରସ୍ତ ସ୍ଥିତିରେ ଅଛନ୍ତି। ଏଭଳି ସମୟରେ ନୂଆ ନିଯୁକ୍ତି ସପକ୍ଷରେ କମ୍ପାନୀଗୁଡିକ ନାହାନ୍ତି। ବଜାରରେ ନୂଆ ନିଯୁକ୍ତି ନ ଥିବା ଜଣାପଡିଛି। ଅପରପକ୍ଷରେ ହାୟାରିଂ ଆଉଟଲୁକ(ନିଯୁକ୍ତି ଆଶା) ୧୫ ବର୍ଷର ସବୁଠାରୁ ଖରାପ ସ୍ଥିତିକୁ ଚାଲିଯାଇଥିବା ମ୍ୟାନ ପାୱାର ଗ୍ରୁପ୍ ଏମ୍ପ୍ଲୟମେଣ୍ଟ ଆଉଟଲୁକ ସର୍ଭେ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ଆଗାମୀ ୩ ମାସ ମଧ୍ୟରେ କେବଳ ୩% କମ୍ପାନୀ ନିଯୁକ୍ତି ଦେବା ଲାଗି ଯୋଜନା ରଖିଛନ୍ତି। ଆଗାମୀ ଦିନରେ ନିଯୁକ୍ତିର ସ୍ତର କିଭଳି ରହିବ ଏଥିରୁ ଅନୁମାନ ଲଗାଇ ହେବ। ବଜାର ଚଳିତ ଆର୍ଥିକ ବର୍ଷରେ କ୍ଷତିଗ୍ରସ୍ତ ହୋଇ ରହିବା ନେଇ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। କାରବାର ଉନ୍ନତ ହେଉ ନ ଥିବାରୁ କମ୍ପାନୀଗୁଡିକ ସେମାନଙ୍କ ଖର୍ଚ୍ଚ କାଟ କରୁଛନ୍ତି। କରୋନା ମହାମାରୀ ସମୟରେ କମ୍ପାନୀଗୁଡିକରେ ବୃହତ୍ ସଂଖ୍ୟାରେ ଛଟେଇ ସାମ୍ନାକୁ ଆସିଥିଲା। ଏଭଳି ସ୍ଥିତିରେ ନୂଆ ନିଯୁକ୍ତି ନେଇ କମ୍ପାନୀ ଆଗ୍ରହ ଦେଖାଉ ନାହାନ୍ତି। ଦେଶର ପ୍ରମୁଖ ୮୦୦ କମ୍ପାନୀଙ୍କୁ ନେଇ ହୋଇଥିବା ନିଯୁକ୍ତି ସର୍ଭେରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

ସର୍ଭେ ମୁତାବକ, ଚଳିତ ଆର୍ଥିକ ବର୍ଷର ଶେଷ ତ୍ରୈମାସରେ ମଧ କମ୍ପାନୀଗୁଡିକ ନୂଆ ନିଯୁକ୍ତି ଦେଲା ବେଳେ ବିଭିନ୍ନ ପ୍ରସଙ୍ଗ ଉପରେ ବିଚାର କରିପାରନ୍ତି। ମାତ୍ର ୭% ନିଯୁକ୍ତିଦାତା ବେତନ ବଢାଇବା ନେଇ ଯୋଜନା ରଖିଥିବା ବେଳେ ୩% ବେତନରେ ହ୍ରାସ ଏବଂ ବେତନ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଆଣିବାର ଯୋଜନା ନାହିଁ ବୋଲି ୫୪% କହିଛନ୍ତି। ସରକାର ଗ୍ରହଣ କରୁଥିବା ପଦକ୍ଷେପ ବଜାର ଉପରେ ଭଲ ପ୍ରଭାବ ପକାଇଲେ ଏହା ନିଯୁକ୍ତିକୁ ଉତ୍ସାହିତ କରିବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଆଗାମୀ ୯ ମାସ ସୁଦ୍ଧା ନୂଆ ନିଯୁକ୍ତି ସମ୍ପର୍କରେ ବିଚାର କରାଯାଇପାରେ ବୋଲି ୪୪% ନିଯୁକ୍ତିଦାତା ମତ ଦେଇଛନ୍ତି। ସେହିଭଳି ନିଯୁକ୍ତିରେ ସ୍ଥିତାବସ୍ଥା ନେଇ ଠିକ୍ ଭାବେ କିଛି କହି ହେବ ନାହିଁ ବୋଲି ୪୨% ନିଯୁକ୍ତିଦାତା ମତ ଦେଇଛନ୍ତି। ସେହିଭଳି ବିଶ୍ୱ ବଜାର କଥା ବିଚାରକୁ ନେଲେ ପ୍ରମୁଖ ୪୩ ଦେଶ ମଧ୍ୟରୁ ୨୨ ଦେଶର ନିଯୁକ୍ତିଦାତା ଡିସେମ୍ବର ଶେଷ ସୁଦ୍ଧା ବେତନ ବଢାଇବା ନେଇ ଚିନ୍ତା କରୁଛନ୍ତି। ସେହିଭଳି ୧୬ଟି ଦେଶରେ ନିଯୁକ୍ତିଦାତା ବେତନରେ କୌଣସି ବୃଦ୍ଧି ନ କରିବା ନେଇ ଯୋଜନା ରଖିଛନ୍ତି। ତାଇୱାନ, ଆମେରିକା, ତୁର୍କୀ,ଜାପାନ, ଗ୍ରୀସ୍ ଭଳି ଦେଶଗୁଡିକରେ ଶ୍ରମ ବଜାର ଦୃଢ ରହିବା ନେଇ ଆଶା ପ୍ରକଟ କରାଯାଇଛି। ସେହିଭଳି ପାନାମା, କୋଷ୍ଟାରିକା, ଦକ୍ଷିଣ ଆଫ୍ରିକା, କଲମ୍ବିଆ ଏବଂ ଇଂଲଣ୍ଡ ନିଯୁକ୍ତି ବଜାର ମାନ୍ଦା ରହିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି।

ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ

(ପରୀ)
ସ୍ମୃତିଦିବାଂଶୀ
ତୋର ଚଲାପଥ ପ୍ରଭୁ ଶ୍ରୀଜଗନ୍ନାଥ କୁସୁମିତ କରନ୍ତୁ।
—:ଶୁଭେଚ୍ଛା ସହ:—
ବାପା, ମାଆ, ଜେଜେ, ଜେଜୀ ମା', ବଡ଼ବାପା, ବଡ଼ବୋଉ, ରୂପା, ଦୀପା, ଅଜା, ଆଇ, ମାମୁ ।
ଧ-୬୬୯୮୪

## ଆଜି ଶ୍ରୀମନ୍ଦିରରେ ସହସ୍ର କୁମ୍ଭାଭିଷେକ

ପୁରୀ ଅଫିସ,୮।୯: ଶ୍ରୀମନ୍ଦିରରେ ବୁଧବାର ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହେବ। ଏହାପରେ ଶ୍ରୀମନ୍ଦିରରେ ଶାରଦୀୟ ପୂଜାର୍ଚ୍ଚନା ଶୁଭାରମ୍ଭ ହେବ। ଗୁରୁବାର ମୂଳାଷ୍ଟମୀ। ଏହି ଦିନଠାରୁ ଶ୍ରୀମନ୍ଦିରରେ ମା' ବିମଳାଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏହି ଅବସରରେ ଦୁର୍ଗାମାଧବ ଉପାସନା କରାଯିବ। ୧୬ଦିନ ବ୍ୟାପୀ ଦୁର୍ଗା-ମାଧବ ଉପାସନାକୁ ଶାକ୍ତ ଗୁଣ୍ଡିଚା, ଷୋଳପୂଜା କୁହାଯାଇଥାଏ। ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀଠାରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପୀ ଏହି ପୂଜାର୍ଚ୍ଚନା କରାଯାଇଥାଏ।



ଲକ୍‌ଡାଉନ କୋହଳ ହେବା ପରେ ମଙ୍ଗଳବାର ପୁରୀ ବେଳାଭୂମିରେ ପର୍ଯ୍ୟଟକମାନେ ଫଟୋ ଉଠାଇବା ସହ ସମୁଦ୍ର ସ୍ନାନର ମଜା ନେଉଛନ୍ତି।

## ୧୧ ଦିନିଆ ରିମାଣ୍ଡରେ ଗଲେ ଦୀପକ କୋଚ୍ଛର



ନୂଆଦିଲ୍ଲୀ, ୮।୯

ଭିଡିଓକନ-ଆଇସିଆଇସିଆଇ ବ୍ୟାଙ୍କ ଋଣ ଠକେଇ ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଦୀପକ କୋଚ୍ଛରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ୧୧ଦିନିଆ ରିମାଣ୍ଡରେ ନେଇଛି। ମୁମ୍ବାଇର ବେଆଇନ ଅର୍ଥ କାରବାର ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ସ୍ୱତନ୍ତ୍ର କୋର୍ଟ ସେପ୍ଟେମ୍ବର ୧୯ ଯାଏ ତାଙ୍କୁ ରିମାଣ୍ଡରେ ନେବା ଲାଗି ଅନୁମତି ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ତାଙ୍କୁ ଇଡି ଗିରଫ କରିବା ପରେ ମଙ୍ଗଳବାର କୋର୍ଟରେ ହାଜର କରାଯାଇଥିଲା। ଦୀପକଙ୍କ ସ୍ତ୍ରୀ ଚନ୍ଦା କୋଚ୍ଛର ଆଇସିଆଇସିଆଇ ବ୍ୟାଙ୍କରେ ସିଇଓ ଥିବା ସମୟରେ ୨୦୦୯ରେ ଭିଡିଓକନ୍ ଇଣ୍ଟରନ୍ୟାଶନାଲ ଇଲେକ୍‌ଟ୍ରୋନିକ୍ସ ଲିମିଟେଡ(ଭିଆଇଇଏଲ୍)କୁ ୩୦୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ବ୍ୟାଙ୍କର ଋଣ ମଞ୍ଜୁରୀ କମିଟିର ଅଧକ୍ଷ ଭାବେ ଚନ୍ଦା କାର୍ଯ୍ୟ କରୁଥିଲେ। ଭିଆଇଇଏଲ୍ ଭିଡିଓକନ ଗ୍ରୁପ୍‌ର ଏକ ସହଯୋଗୀ କମ୍ପାନୀ ବୋଲି ଇଡି କହିଛି। ଋଣ ମଞ୍ଜୁର ହେବାର କିଛିଦିନ ପରେ ଭିଆଇଇଏଲ୍ ନ୍ୟୁ ପାୱାର ରିନ୍ୟୁଏବଲ୍ସକୁ ୬୪ କୋଟି ଟଙ୍କା ପଠାଇଥିଲା। ଏହି କମ୍ପାନୀଟି ଚନ୍ଦାଙ୍କ ସ୍ୱାମୀ ଦୀପକଙ୍କ ଦ୍ୱାରା ପରିଚାଳିତ ଏବଂ ନିୟନ୍ତ୍ରିତ ହେଉଥିଲା ବୋଲି ଇଡି ଏହାର ରିମାଣ୍ଡ ଆବେଦନରେ ଦର୍ଶାଇଛି। ମାମଲାରେ ଅନେକ ହେରଫେର ହୋଇଥିଲେ ମଧ ଦୀପକ ତଦନ୍ତରେ ସହଯୋଗ କରୁ ନ ଥିବା ଇଡି କୋର୍ଟଙ୍କୁ କହିଛି। ଏହାକୁ ନଜରରେ ରଖି ରିମାଣ୍ଡ ଲାଗି ଅଧିକ ସମୟ ଲୋଡିଥିବା ଜଣାପଡିଛି। ଏହା ଏକ ଆପରାଧିକ ମାମଲା ହୋଇଥିବାରୁ ଏହାର ଠିକ୍ ତଦନ୍ତ ହେବା ନେଇ କୋର୍ଟ ଉପଲବ୍ଧ କରି ଏ ଭଳି ନିର୍ଦ୍ଦେଶ ଦେଇଛନ୍ତି। ଇଡି ଅଭିଯୋଗକୁ କୋଚ୍ଛରଙ୍କ ଓକିଲ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଏହା ଏକ ବେଆଇନ ଅର୍ଥ କାରବାର ମାମଲା ନୁହେଁ। ଦୀପକ ୧୨ ଥର ଇଡିରେ ହାଜର ହେବା ସହ ବିଭିନ୍ନ ଦସ୍ତାବିଜ ପେଶ କରିଛନ୍ତି। ଅଭିଯୁକ୍ତ ପରିବାର ସଦସ୍ୟଙ୍କ ସହ ଦେଖା ହୋଇପାରିବେ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଓକିଲଙ୍କ ସହ ଦେଖା ହୋଇପାରିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଚଳିତ ସପ୍ତାହରେ ପରିବାର ସଦସ୍ୟଙ୍କୁ ଜେରା ହୋଇପାରେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ମାମଲାରେ ଉଭୟ ଇଡି ଏବଂ ସିବିଆଇ ତଦନ୍ତ କରୁଛନ୍ତି। ଭିଡିଓକନ ଗ୍ରୁପ୍‌କୁ ୬ଟି କିସ୍ତିରେ ପ୍ରଦାନ କରାଯାଇଥିବା ୧୮୭୫ କୋଟି ଟଙ୍କାର ଋଣ ତଦନ୍ତ ପରିସରଭୁକ୍ତ ହୋଇଛି। ୨୦୦୯ ଜୁନ୍‌ରୁ ଅକ୍ଟୋବର ୨୦୧୧ ମଧରେ ଭିଡିଓକନ ଗ୍ରୁପ୍ କମ୍ପାନୀକୁ ଏହି ଋଣ ପ୍ରଦାନ କରାଯାଇଥିଲା। ଚନ୍ଦା କୋଚ୍ଛରଙ୍କ ଅଧକ୍ଷତାରେ କନର୍ସୋଟିୟମ ବ୍ୟାଙ୍କ ପ୍ରାୟ ୩୨୫୦ କୋଟି ଟଙ୍କାର ଋଣ ମଞ୍ଜୁର କରିଥିବା ଜଣାପଡିଛି।

## 'ଶ୍ରମିକ ସ୍ପେଶାଲ ଟ୍ରେନ୍' ଚଳାଇବାକୁ ରେଳମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର ୮।୯(ବ୍ୟୁରୋ)

ଦେଶ ଅର୍ଥନୀତିର ପୁନରୁଦ୍ଧାର ତଥା ପ୍ରବାସୀ ଓଡ଼ିଆଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ଓଡ଼ିଶାରୁ ଗୁଜରାଟ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟକୁ ପୁନର୍ବାର 'ଶ୍ରମିକ ସ୍ପେଶାଲ ଟ୍ରେନ୍' ଚଳାଇବା ପାଇଁ ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଗଞ୍ଜାମର ବହୁ ଲୋକ ଗୁଜରାଟ ଏବଂ ଅନ୍ୟ ରାଜ୍ୟକୁ ରେଳ ସେବା ଚାଲୁ କରିବାକୁ ଅନୁରୋଧ କରିଛନ୍ତି । ପୁଣି କାର୍ଯ୍ୟକ୍ଷେତ୍ରରେ ଯୋଗଦେବା ପାଇଁ ଯିବାରେ ଅସୁବିଧା ହେଉଥିବା ସେମାନେ ଦର୍ଶାଇଛନ୍ତି। ଦେଶବ୍ୟାପୀ କୋଭିଡ୍-୧୯ ତଥା ଲକ୍‌ଡାଉନ ସମୟରେ ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର ଭଳି ରାଜ୍ୟରୁ ପ୍ରବାସୀମାନେ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରେଳ ମନ୍ତ୍ରଣାଳୟର ସହଯୋଗ ଓ ଉଦ୍ୟମ ଯୋଗୁ ଦେଶର କୋଣ ଅନୁକୋଣରୁ ହଜାର ହଜାର 'ଶ୍ରମିକ ସ୍ପେଶାଲ ଟ୍ରେନ୍' ମାଧ୍ୟମରେ ଘରକୁ ଫେରିପାରିଲେ । ଏହି ଉଦ୍ୟମକୁ ସର୍ବତ୍ର ପ୍ରଶଂସା କରାଯାଇଥିଲା । ଦେଶ ସାରା ଲକ୍‌ଡାଉନକୁ ପ୍ରତ୍ୟାହାର କରାଯାଉଥିବା ବେଳେ ଏବେ ସ୍ୱାଭାବିକ ସ୍ଥିତ ଫେରୁଛି। ରାଜ୍ୟ ବାହାରେ କାମ କରୁଥିବା ଲୋକଙ୍କ ପାଇଁ ପୁନର୍ବାର ରେଳସେବା ଆରମ୍ଭ ହେବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ଓଡ଼ିଶାରୁ ବସ୍ ସେବା ଯୋଗାଇ ଦେବାକୁ କେତେକ ସଂସ୍ଥା ଇଚ୍ଛା ପ୍ରକାଶ କରିଛନ୍ତି। ବର୍ତ୍ତମାନ ମୌସୁମୀ ପରିସ୍ଥିତିରେ ସଡକ ପଥ ମାଧ୍ୟମରେ ଦୂର ବାଟ ଯାତ୍ରା ସେମାନଙ୍କ ପାଇଁ ନିରାପଦ ନୁହେଁ। ପ୍ରବାସୀଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ଓଡ଼ିଶାରୁ ଅନ୍ୟ ରାଜ୍ୟକୁ ପୁଣିଥରେ 'ଶ୍ରମିକ ସ୍ପେଶାଲ ଟ୍ରେନ୍' ଚଳାଇବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି ।

## ବ୍ୟାଙ୍କ ଆଗରୁ ମହିଳାଙ୍କଠାରୁ ୫ଲକ୍ଷ ଲୁଟ୍

- କମିଶନରେଟ ପୋଲିସ୍‌କୁ ଲୁଟେରାଙ୍କ ଚ୍ୟାଲେଞ୍ଜ
- ଟାର୍ଗେଟରେ ବ୍ୟାଙ୍କ, ୧୨ ଘଣ୍ଟାରେ ୨ ଘଟଣା
- ତଦନ୍ତ ପାଇଁ ସ୍ପେଶାଲ ସ୍କ୍ୱାଡ୍‌କୁ ଦାୟିତ୍ୱ

ଭୁବନେଶ୍ୱର, ୮।୯(ବ୍ୟୁରୋ)/ ବାଲିଅନ୍ତା (ଡି.ଏନ୍.ଏ.)

ରାଜ୍ୟର ସବୁଠୁ ଦକ୍ଷ କୁହାଯାଉଥିବା କମିଶନରେଟ ପୋଲିସକୁ ଜଣେ ଦୁଇଜଣ ଲୁଟେରା ବି ଚ୍ୟାଲେଞ୍ଜ କରୁଛନ୍ତି। ଦିନଦ୍ୱିପ୍ରହରରେ ଲୁଟ୍‌ପାଟ୍ କରି ପୋଲିସର ନିଦ ହଜାଉଛନ୍ତି। ଏବେ ଲୁଟେରାମାନେ ବ୍ୟାଙ୍କକୁ ଟାର୍ଗେଟ କରିଥିବାବେଳେ ୧୨ ଘଣ୍ଟାରେ ସହରରେ ଦୁଇଟି ବଡ଼ଧରଣର ଲୁଟ କରିଛନ୍ତି। ଇନ୍‌ଫୋସିଟି ଥାନା ନନ୍ଦନବିହାରସ୍ଥିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍‌ରୁ ୨ଲକ୍ଷ ୮୦ ହଜାର ଟଙ୍କା ଲୁଟିନେଇଥିବାବେଳେ ଫୁଲନଖରା ତ୍ରିନାଥ ବଜାରସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ୍ ନିକଟରୁ ଜଣେ ମହିଳାଙ୍କଠାରୁ ୫ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ତେବେ ସୋମବାର ଦୁଇଟି ଘଟଣା ଘଟିଥିବାବେଳେ ତ୍ରିନାଥ ବଜାର ଲୁଟ୍ ଘଟଣା ମଙ୍ଗଳବାର ପଦାକୁ ଆସିଛି। ଘଟଣାର ୨୪ ଘଣ୍ଟା ପରେ ବି ପୋଲିସ ଲୁଟେରାଙ୍କ ପାଖରେ ପହଞ୍ଚିପାରିନି। ପୋଲିସ ସୂଚନାନୁସାରେ, ସ୍ଥାନୀୟ ଜଗନ୍ନାଥପୁରର ସୁକାନ୍ତିବାଳା ଜେନା (୫୫)ଙ୍କର ତ୍ରିନାଥ ବଜାରରେ ଏକ ଦୋକାନ କାମ ଚାଲିଛି। ଏଥିପାଇଁ ସେ ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ତ୍ରିନାଥ ବଜାରସ୍ଥିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍‌ରୁ ୫ଲକ୍ଷ ଟଙ୍କା ଉଠାଇଥିଲେ। ଉକ୍ତ ଟଙ୍କାକୁ ନିଜ ଭ୍ୟାନିଟ୍‌ରେ ରଖି ୩ଶହ ମିଟର ଦୂର ହାଟଗଡ଼ା ଛକ ନିକଟରେ ଚାଲିଥିବା ଦୋକାନ କାମ ଦେଖୁଥିଲେ। ଏହି ସମୟରେ ପିଛା କରୁଥିବା ଜଣେ ଲୁଟେରା ତାଙ୍କଠାରୁ ଟଙ୍କା ବ୍ୟାଗ୍‌କୁ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ସୁକାନ୍ତିବାଳା ଚିତ୍କାର କରି କିଛିବାଟ ଗୋଡ଼ାଇଥିଲେ ମଧ ଲୁଟେରା ଜଣକ ଉଭାନ ହୋଇଯାଇଥିଲେ। ଲୁଟର ସମସ୍ତ ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏନେଇ ପାହାଳ ଫାଣ୍ଡିରେ ଅଭିଯୋଗ ହେବା ପରେ ବାଲିଅନ୍ତା ଥାନାରେ ମାମଲା (ନଂ.୨୦୧/୨୦) ରୁଜୁ ହୋଇଛି। ପୋଲିସ ବ୍ୟାଙ୍କ୍ ଆଗରେ ଲାଗିଥିବା ସିସିଟିଭି ଓ ତ୍ରିନାଥ ବଜାରରେ ଥିବା ସିସିଟିଭିର ଫୁଟେଜକୁ ଜବତ କରି ଯାଞ୍ଚ କରିବା ସହ ସମ୍ପୃକ୍ତ ଲୁଟେରାଙ୍କୁ ଧରିବାକୁ ଚଢାଉ ଆରମ୍ଭ କରିଛି। ଅନ୍ୟପକ୍ଷରେ ଇନ୍‌ଫୋସିଟି ଥାନା ନନ୍ଦନବିହାର ବ୍ୟାଙ୍କ୍ ଲୁଟ ମାମଲାରେ ମଧ ପୋଲିସ ଲୁଟେରାଙ୍କ ଫଟୋ ଧରି ବୁଲୁଛି। ଲୁଟେରା ମୁଣ୍ଡରେ ହେଲମେଟ ପିନ୍ଧିଥିବାରୁ ଚିହ୍ନଟ କରିବା କଷ୍ଟକର ହୋଇପଡିଛି। ଏହି ଲୁଟ ପଛରେ ଗୋଟିଏ ଗ୍ୟାଙ୍ଗ୍ ଓ ସ୍ଥାନୀୟ ଲୋକଙ୍କ ସଂପୃକ୍ତି ରହିଥିବା ପୋଲିସ ସନ୍ଦେହ କରୁଛି। ତେଣୁ ନିକଟରେ ଜେଲରୁ ବାହାରିଥିବା କିଛି ପେଷାଦାର ଲୁଟେରାଙ୍କ ସମ୍ପର୍କରେ ଖୋଳତାଡ଼ କରୁଛି। ଡିସିପି ଡା. ଉମାଶଙ୍କର ଦାଶ ଏହି ଦୁଇଟି ମାମଲାର ତଦନ୍ତ କରିବାକୁ ସ୍ପେଶାଲ ସ୍କ୍ୱାଡ୍‌କୁ ଦାୟିତ୍ୱ ଦେଇଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଗୁଣ୍ଡିଚା ସାହୁ
ବାରିକ ସାହି, ରଥରୋଡ୍, ଭୁବନେଶ୍ୱର
ଆବିର୍ଭାବ: ୧୦।୦୭।୧୯୫୬
ତିରୋଧାନ: ୩୦।୦୮।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
—:ଶୋକସନ୍ତପ୍ତ:—
ପୁତ୍ର: ମୃତ୍ୟୁଞ୍ଜୟ ସାହୁ ଓ ବନ୍ଧୁ ପରିବାରବର୍ଗ ।
ଧ-୪୬୨୮୭

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତା ବିଳାସିନୀ ଓଝା
ଖଣ୍ଡଗିରିବାରୀ, ଘାଟିକିଆ, ଭୁବନେଶ୍ୱର
ଆବିର୍ଭାବ: ୧୫।୦୫।୧୯୬୪
ତିରୋଧାନ: ୩୦।୦୮।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
—:ଶୋକସନ୍ତପ୍ତ:—
ସ୍ୱାମୀ: ହଟନାଥ ଓଝା, ପୁଅ: ଶ୍ରଦ୍ଧେୟ, ସଞ୍ଜୟ, ଶୁଭଶଙ୍କର, ପୁତୁରା: ଅଭିମନ୍ୟୁ, ଅଶୋକ, ଅଜିତ, ଅରବିନ୍ଦ, ଅକ୍ଷୟ, ବିଜୟ, ଝିଅ- ବୋହୂ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୯୬୧୮

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଁ ଉପେନ୍ଦ୍ର ପାତ୍ର
(ବରିଷ୍ଠ ସମାଜସେବୀ)
ବ୍ରାହ୍ମଣଛାଇ (ହିଞ୍ଜିଳିକାଟୁ) ଗଞ୍ଜାମ
ତିରୋଧାନ : ୨୯.୦୮.୨୦୨୦
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
- ଶୋକସନ୍ତପ୍ତ -
ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୮୧୭୯

ଏକାଦଶାହ ଉପଲକ୍ଷେ

ଁ ସ୍ନେହଲତା ଦେବୀ
ସ୍ୱାମୀ- ଁ ମାୟାଧର ପଣ୍ଡା
ବାପୁଜୀନଗର ଭୁବନେଶ୍ୱର
ତିରୋଧାନ : ୩୦.୦୮.୨୦୨୦
ମାମା, ଆମସମସ୍ତଙ୍କୁ ଛାଡ଼ି କେତେ ଦୂର ଚାଲିଗଲୁ ତୋର ହସହସ ମୁହଁ ସ୍ନେହବୋଳା କଥା ସାରାଜୀବନ ଭୁଲିପାରିବୁ ନାହିଁ। ତୋର ଅତି ଅଲିଅଳ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅଣନାତୁଣୀ ଝୁରି ହେଉ ଛନ୍ତି। ତୋର ଆଶୀର୍ବାଦର ହାତ ଆମ ମୁଣ୍ଡଉପରେ ସଦା ସର୍ବଦା ରହିଥାଉ। ପ୍ରଭୁ ଜଗନ୍ନାଥ ତୋର ଅମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ଏତିକି ଆମର ପ୍ରାର୍ଥନା।
ଶୋକସନ୍ତପ୍ତ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୀ, ନାତୁଣୀ, ଅଣନାତୁଣୀ
ଧ-୬୯୬୧୭

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଁ ଗଗନ ଚନ୍ଦ୍ର ମହାନ୍ତି
ଆବିର୍ଭାବ- ୧୫.୧୦.୧୯୩୬
ତିରୋଧାନ- ୩୦.୦୮.୨୦୨୦
ଉଦୟପୁର, ବରୀ, ଯାଜପୁର
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ : ପତ୍ନୀ-ଶାନ୍ତି, ପୁତ୍ର- ବଦ୍ରୀ ନାରାୟଣ, ବିରଞ୍ଚି ନାରାୟଣ, ପୁତ୍ରବଧୂ- ମିନୁ, ରଶ୍ମୀ, ଝିଅ-ଜ୍ୱାଇଁ- ମାମି, ଲୁଲୁ, ମିରା, ଟିକୁ, ନାତିନାତୁଣୀ- ହୁନି-କୁନାଲ, ଗୁଡ୍ଡୁ, ଲାଡ୍ଡୁ, ଜୁନୁମୁନ, ମିକୁଲ, ଟ୍ୱିଙ୍କିଲ, ଲିଟିଲ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ ।
ଧ-୬୯୭୪୨

## କଦଳୀ: ରୋଗ ପୋକ ନିୟନ୍ତ୍ରଣ

କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡି ପୋଡିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ।



## ଗୋପାଳନ

ଶାହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବା ପାଇଁ ଗୋରୁଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ। ଟିକା ଦେବାର ୧୫-୨୦ ଦିନ ଆଗରୁ ଗୋରୁଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଅନ୍ତୁ। ବର୍ଷାଦିନେ ଗାଈଗୋରୁଙ୍କ ଅଢ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁଁ ହୋଇଥାଏ। ଏହାଦ୍ୱାରା ଶରୀର ଉତ୍ତାପ ୧୦୩ ରୁ ୧୦୭ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ନାକ, ଆଖି ଓ ପାଟିରୁ ପାଣି ବାହାରେ। ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ। ଏହାର ପ୍ରତିକାର ପାଇଁ ଗୁହାଳରେ ଝୁଣା କିମ୍ବା ଲିମ୍ବପତ୍ର ଧୂଆଁ ସନ୍ଧ୍ୟା ସମୟରେ ଦିଅନ୍ତୁ। ଗୁହାଳର ଚାରିପଟ ପରିଷ୍କାର ରଖନ୍ତୁ। ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ। ପ୍ରତିକାର ଲାଗି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।



## ନଳିତାରେ ଘାସ ଦମନ

ନଳିତା ୩ ସପ୍ତାହର ହୋଇ ଯାଇଥିଲେ କୋଡାଖୁସା ସାରି ପ୍ରଥମ ଦଫା ଘାସ ବାଛି ଦିଅନ୍ତୁ ଏବଂ ତା ସହିତ ଗଛପତଳା କରି ଦିଅନ୍ତୁ। ଯେଉଁ ଜାଗାରେ ବର୍ଷା ହୋଇଯାଇଥିବ,ସଅଳ ବୁଣାଯାଇଥିବା ନଳିତା ୫ରୁ ୬ ସପ୍ତାହର ହୋଇ ଯାଇଥିଲେ କୋଡାଖୁସା ସାରି ଘାସ ବାଛି ଦିଅନ୍ତୁ। ତା ସହିତ ଗଛ କରି ଦିଅନ୍ତୁ ଏବଂ ଏକର ପିଛା ୧୭.୫ କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ।



# ମହୁମାଛି ପାଳନ ଓ ପରିଚାଳନା



ଡ. ବିଷ୍ଣୁ ଚରଣ ଜେନା



ମହୁମାଛି ମନୁଷ୍ୟ ସମାଜ ପାଇଁ ଅତ୍ୟନ୍ତ ହିତକାରୀ। ବହୁ ପ୍ରାଚୀନ କାଳରୁ ମହୁମାଛି ଦ୍ୱାରା ପ୍ରସ୍ତୁତ ମହୁ ବନରେ ଆଶ୍ରମ ନିର୍ମାଣ କରୁଥିବା ମୁନିଋଷିମାନେ ହୋମଯଜ୍ଞାଦି ମାଙ୍ଗଳିକ କାର୍ଯ୍ୟରେ ପଞ୍ଚାମୃତ ପ୍ରସ୍ତୁତ କରି ଉପଯୋଗ କରୁଥିଲେ। ଅଦ୍ୟାବଧି ମଧ୍ୟ ସେହି ପ୍ରଥା ପ୍ରଚଳିତ ହୋଇ ଆସୁଅଛି। ଦହି, ଦୁଗ୍ଧ, ମହୁ, ଘିଅ ଓ ଶର୍କରା-ଏ ସମସ୍ତ ପଞ୍ଚାମୃତ ସାମଗ୍ରୀ ଅନ୍ତର୍ଗତ।

ମହୁମାଛି ପାଳନ ଓ ଏହାର ପରିଚାଳନା ସମଗ୍ର ପୃଥିବୀରେ ଆଦୃତ ହେଉଛି। ଭାରତର ପ୍ରତ୍ୟେକ ରାଜ୍ୟରେ ମହୁମାଛି ପ୍ରକଳ୍ପ କାର୍ଯ୍ୟ କରୁଛି। ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଉଥିବା ଗବେଷଣା ଲବ୍ଧ ନିଷ୍କର୍ଷଗୁଡକ ଏହି ନିବନ୍ଧରେ ପ୍ରଦାନ କରାଯାଉଛି।

ପ୍ରକୃତିରେ ପ୍ରାୟ ୨୦,୦୦୦ ପ୍ରଜାତିର ମହୁମାଛି ଅଛନ୍ତି। ତନ୍ମଧ୍ୟରୁ ବାଘୁଆ, ସପ୍ତଫେଣୀ, ପାଶ୍ଚାତ୍ୟ, ଡାକି, ନିକୁଟି ମହୁମାଛିର ଆଦର ରହିଛି। କିନ୍ତୁ ସପ୍ତଫେଣୀ, ଆପିସ୍, ସେରିନା ଏବଂ ଇଣ୍ଡିକାକୁ ମୁଖ୍ୟତଃ ମହୁ ବାକ୍ସରେ ରଖି ପାଳନ କରାଯାଏ। ମହୁମାଛି ଦଳରେ ରାଣୀ, ପୁରୁଷ, କର୍ମୀ ମାଛି ରହିଥାଆନ୍ତି। ମହୁମାଛିଗୁଡ଼ିକ ଫୁଲରେ ଥିବା ମକରନ୍ଦ ଓ ପରାଗ ରେଣୁକୁ ଖାଦ୍ୟ ରୂପେ ବ୍ୟବହାର କରନ୍ତି। ତେଣୁ ସେମାନେ ସମ୍ପୂର୍ଣ୍ଣ ରୂପେ ଫୁଲଗଛ ନିର୍ଭରଶୀଳ। ଫୁଲଗଛଗୁଡିକ ମଧ୍ୟ ସେମାନଙ୍କର ପରାଗସଙ୍ଗମ ଓ ବଂଶବୃଦ୍ଧି ନିମନ୍ତେ ମହୁମାଛି ଉପରେ ନିର୍ଭର କରନ୍ତି। ତେଣୁ ମହୁବାକ୍ସ ବସାଇବା ସ୍ଥାନର ଅତିକମ୍‌ରେ ଏକ କିମି ବ୍ୟାସାର୍ଦ୍ଧରେ ଚରା ବୃକ୍ଷ ଯଥା- ନିମ୍ବ, କରଞ୍ଜ, ପୋଲାଙ୍ଗ, ତେନ୍ତୁଳି, ବରକୋଳି, ଜାମୁକୋଳି, ସଜନା, ପିଜୁଳି, ନଡିଆ, ଲେମ୍ବୁ, ବେଲ, ଇଉକାଲିପଟାସ, ସୋରିସ, ସୂର୍ଯ୍ୟମୁଖୀ, ରାଶି, ଅଳସୀ, ହରଡ, ମୁଗ, ବିରି ଓ ଧନିଆ ଇତ୍ୟାଦି ଫସଲ ରହିଥିବା ଆବଶ୍ୟକ। ଯେଉଁ ସ୍ଥାନରେ ବର୍ଷର ୬-୮ ମାସ ପର୍ଯ୍ୟନ୍ତ ଫୁଲ ମିଳେ ସେ ସ୍ଥାନ ମହୁମାଛି ପାଳନ ପାଇଁ ଅତ୍ୟନ୍ତ ଉତ୍ତମ। ଖରାଦିନେ ନିର୍ମଳ ଜଳ ମିଳୁଥିବା ଓ କମ୍ ସୂର୍ଯ୍ୟାଲୋକ ଉପଲବ୍ଧ ହେଉଥିବା ପରିଷ୍କାର ସ୍ଥାନ ମହୁମାଛି ପାଳନ ପାଇଁ ଉପଯୁକ୍ତ।

ମହୁବାକ୍ସ ପରସ୍ପରଠାରୁ ୬-୮ଫୁଟ ବ୍ୟବଧାନରେ ରଖିବା ଉଚିତ। ଏହାର ଉଚ୍ଚତା ୦୨.୦ରୁ ୨.୫ ଫୁଟ ରହିବା ଭଲ। ମାଙ୍କଡ ଓ ଭାଲୁ ଉପଦ୍ରୁତ ଅଞ୍ଚଳରେ ବାକ୍ସକୁ ନିରାପଦ ସ୍ଥାନରେ ରଖିବା ଉଚିତ।

ସପ୍ତଫେଣୀ ମହୁମାଛି ପାଳନ ନିମନ୍ତେ ଆବଶ୍ୟକ ଉପକରଣ ହେଉଛି 'ଆଇଏସଆଇ-ଏ' (ସମତଳ ଅଞ୍ଚଳ ପାଇଁ) ଏବଂ 'ଆଇଏସଆଇ-ବି' (ପାହାଡିଆ ଅଞ୍ଚଳ ପାଇଁ) ଟାଇପ୍ ମହୁମାଛି ବାକ୍ସ, ଧୂଆଁନଳୀ, ମହୁ ନିଷ୍କାସନ ଯନ୍ତ୍ର, ବାକ୍ସ ରଖିବା ଷ୍ଟାଣ୍ଡ, ପିମ୍ପୁଡି ନିରୋଧକ ଯନ୍ତା, ଡମି ପଟା, ଛୁରି, ରାଣୀ ମାଛି ନିରୋଧକ ଜାଲି ଓ ଦ୍ୱାର, ମହୁମାଛି ଯନ୍ତା, ଦଳ ଧରିବା ବାକ୍ସ, ନ୍ୟୁକ୍ଲିୟସ ବାକ୍ସ, ମୁହଁ ଜାଲି ଓ ହାତ ମୋଜା ଇତ୍ୟାଦି। ଏହି ସବୁ ଆବଶ୍ୟକୀୟ ଉପକରଣ ଓ ମହୁମାଛି ଦଳ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ବା ମହୁମାଛି ଚାଷୀଙ୍କଠାରୁ ସଂଗ୍ରହ କରିପାରିବେ ବା କିଣି ପାରିବେ।

ପ୍ରାକୃତିକ ଦଳ ବା ସ୍ୱାର୍ମ ଦଳକୁ ଧରି କିମ୍ବା ଚାରି ଫେଣାବିଶିଷ୍ଟ ବିଭାଜିତ ଦଳ ମହୁମାଛି ଚାଷୀଙ୍କଠାରୁ କିଣି ମହୁମାଛି ଚାଷ କରାଯାଏ। ଦଳ କିଣିବା ସମୟରେ କମ୍ ବୟସର ରାଣୀ ମାଛି କିଣିବା ସହିତ ଫେଣାରେ ଯଥେଷ୍ଟ ପରିମାଣର ଅଣ୍ଡା, ଶାବକ, ମହୁ ଓ ପରାଗ ରେଣୁ ଗଚ୍ଛିତ ଥିବା ଦରକାର। ବର୍ଷର ବସନ୍ତ ଋତୁ (ଯେଉଁ ସମୟରେ ମହୁମାଛିଙ୍କ ପ୍ରଜନନ ଶକ୍ତି ବୃଦ୍ଧି ପାଇଥାଏ) ହେଉଛି ମହୁମାଛି ପାଳନ ପାଇଁ ସର୍ବୋତ୍କୃଷ୍ଟ ସମୟ। ମାଘ, ଫାଲଗୁନ ଓ ଚୈତ୍ର ମାସ ମହୁଚାଷ ପାଇଁ ଅନୁକୂଳ ସମୟ। ବର୍ଷାଋତୁ ମହୁଚାଷ ଆରମ୍ଭ କରିବା ପାଇଁ ଉପଯୁକ୍ତ ସମୟ ନୁହେଁ।

ମହୁଚାଷକୁ ସଫଳ କରିବା ପାଇଁ କେତେକ ନିୟମାବଳୀ ପ୍ରତି ମହୁଚାଷୀ ଅବଗତ ହେବା ନିହାତି ଆବଶ୍ୟକ। ସାଧାରଣତଃ ବର୍ଷା ଋତୁ ମହୁଚାଷ ପାଇଁ ସଙ୍କଟ ସମୟ। ଖାଦ୍ୟାଭାବ ଯୋଗୁଁ ମହୁମାଛିଗୁଡ଼ିକ ବାକ୍ସ ଛାଡି ଯିବା ସମ୍ଭାବନା ଥାଏ। ତେଣୁ ଖାଦ୍ୟାଭାବ ପୂରଣ କରିବା ପାଇଁ ଦଳକୁ ୭ଦିନ ଅନ୍ତରରେ ୧୫୦-୨୦୦ ଗ୍ରାମ ଚିନି ଶିରା ଖାଇବାକୁ ଦେବା ଅତ୍ୟନ୍ତ ଜରୁରୀ। ଅନ୍ୟପକ୍ଷରେ ଖରାଦିନ ମହୁମାଛି ପାଳନ ପାଇଁ ଅନୁକୂଳ ସମୟ। କାରଣ ଏହି ସମୟରେ ଅନେକ ଗଛରେ ଫୁଲ ଆସିବା ଦ୍ୱାରା ମହୁମାଛିମାନେ ମହୁ ସଂଗ୍ରହ କରି ଫେଣାରେ ସାଇତି ରଖନ୍ତି। ମହୁମାଛି ପାଳନ ସମୟରେ ପ୍ରତି ୭-୧୦ଦିନ ବ୍ୟବଧାନରେ ନିୟମିତ ମହୁବାକ୍ସ ପରୀକ୍ଷା କରିବା ସହିତ ବାକ୍ସର ତଳି ପଟା ସଫା କରିବା ଉଚିତ। ଖରା ଓ ଶୀତଦିନରେ ଉତ୍ତାପ ନିୟନ୍ତ୍ରଣ, ବର୍ଷାଦିନେ ବର୍ଷାରୁ ସୁରକ୍ଷା ଓ ବସନ୍ତ ଋତୁରେ 'ସ୍ୱାର୍ମ' ନିୟନ୍ତ୍ରଣ ଅତି ଆବଶ୍ୟକ। ଏହା ସହିତ ଦଳ ମିଶ୍ରଣ ଓ ବିଭାଜନ, ଅଣ୍ଡାଦିଆ କର୍ମୀ ଓ ଖାଦ୍ୟ ଲୁଟିରୁ ମାଛିଙ୍କ ଦମନ ଓ ପୁରୁଷମାଛିମାନଙ୍କର ଦମନ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଇପାରିଲେ ମହୁମାଛି ପାଳନ ଲାଭଦାୟକ ହୋଇଥାଏ।

ମହୁମାଛିଗୁଡ଼ିକର ମଧ୍ୟ ଅନେକ ଶତ୍ରୁ ଅଛନ୍ତି। ସେମାନେ ହେଲେ ମହମ ଶଲଭ, ବିରୁଡି, ଅଷ୍ଟପଦୀ, ଆସାସିନ୍ ବଗ୍, ଜନ୍ଦା, ପିମ୍ପୁଡି, ବୁଢ଼ିଆଣୀ ଏବଂ ଭୂତାଣୁ ଓ ଅଣୁଜୀବ ଜନିତ ରୋଗ।

ମହୁ ଆକାର ୭୦-୮୦ ପ୍ରତିଶତ ଫେଣା ମହୁ ପୂର୍ଣ୍ଣ ହୋଇ ମୁଦ ହୋଇଯାଇଥିଲେ ମହୁ ନିଷ୍କାସନ ଯନ୍ତ୍ର ଦ୍ୱାରା ମହୁ ଅମଳ କରି, ଛାଣି କାଚ ବୋତଲରେ ସାଇତି ରଖାଯାଏ। ମହୁ ନିଷ୍କାସନ ପରେ ମହୁକୁ ବହୁ ସମୟ ଖୋଲାରେ ରଖିବା ଉଚିତ ନୁହେଁ। ପାହାଡିଆ ଅଞ୍ଚଳରେ ଗୋଟିଏ ମହୁ ବାକ୍ସରୁ ୮-୧୦ କିଗ୍ରା ମହୁ ମିଳିଥାଏ। କିନ୍ତୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ୫-୮ କିଗ୍ରା ପର୍ଯ୍ୟନ୍ତ ଅମଳ କରାଯାଏ। ମହୁ ବଦଳରେ ଜଣେ ଚାଷୀ ଦଳ ଉତ୍ପାଦନ କରି ଅଧିକ ଅର୍ଥ ଉପାର୍ଜନ କରିପାରିବେ। ଜଣେ ଚାଷୀ ୪-୫ଟି ମହୁମାଛି ଦଳ ରଖି ମହୁମାଛି ଚାଷ କରିବା ଆବଶ୍ୟକ। ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କରି ମହୁଚାଷ କଲେ ଦ୍ୱିତୀୟ ବର୍ଷ ପରଠାରୁ ବିନା ଖର୍ଚ୍ଚରେ ପ୍ରତିବର୍ଷ ବାକ୍ସ ପ୍ରତି ୨୦୦୦ଟଙ୍କାରୁ ୨୫୦୦ଟଙ୍କା ଲାଭ କରିପାରିବେ। ମହୁମାଛି ପାଳନ ପାଇଁ ମହୁମାଛି ଚରାବୃକ୍ଷ ଯଥା ବରକୋଳି, ନିମ୍ବ, କରଞ୍ଜ, ୟୁକାଲିପଟାସ୍ ଓ ଜାମୁକୋଳି ପ୍ରଚୁର ସଂଖ୍ୟାରେ ରୋପଣ କରିବା ଆବଶ୍ୟକ। ଫସଲର ଅମଳ ବୃଦ୍ଧି ଓ ଜୈବ ବିବିଧତା ପାଇଁ ମହୁଚାଷର ଆବଶ୍ୟକତା ପ୍ରତି ଗୁରୁତ୍ୱାରୋପ କରାଯାଉଛି।

ଦଶଟି ମହୁବାକ୍ସ ସହିତ ୧୦ଟି ଦଳ ରଖି ମହୁଚାଷ କରି ଏଥିରୁ ଆୟ ଓ ବ୍ୟୟର ଏକ ହିସାବ କରାଯାଇଛି। ପ୍ରଥମ ବର୍ଷରେ ବାକ୍ସ ସହ ଏହାର ଉପକରଣ ଓ ଦଳ କିଣିବା ବାବଦକୁ ଖର୍ଚ୍ଚ ୩୧,୧୦୦ଟଙ୍କା ହୁଏ। ମହୁମାଛିମାନଙ୍କୁ ୪୦ କିଗ୍ରା ଚିନି ବାର୍ଷିକ ଖର୍ଚ୍ଚ ଓ ଔଷଧକୁ ମିଶାଇ ୨୦୦୦ଟଙ୍କା ପଡେ। ବର୍ଷକ ପରେ ୧୦ଟି ବାକ୍ସରୁ ହାରାହାରି ୨୦ କିଗ୍ରା ମହୁ ଅମଳ ହୁଏ। କିଲୋଗ୍ରାମକୁ ଅତି କମ୍‌ରେ ୪୫୦ଟଙ୍କା ଦର୍‌ରେ ବିକ୍ରି କଲେ ୯୦୦୦ଟଙ୍କା ମିଳିଥାଏ। ୧୦ଟି ଦଳକୁ ବିକ୍ରି କଲେ ମଧ୍ୟ ୬୦୦୦ଟଙ୍କା ମିଳେ। ସର୍ବମୋଟ ପ୍ରଥମ ବର୍ଷ ମହୁ ଅମଳର ମୂଲ୍ୟ ୧୫୦୦୦ଟଙ୍କା। ଦ୍ୱିତୀୟ ପରବର୍ତ୍ତୀ ବର୍ଷରେ ୧୦ଟି ବାକ୍ସରୁ ହାରାହାରି ୬୦ କିଗ୍ରା ମହୁ ମିଳେ ଓ ଏହାର ମୂଲ୍ୟ ବାବଦକୁ ମହୁଚାଷୀ ୨୭,୦୦୦ଟଙ୍କା ପାଏ। ସେହିପରି ୧୦ଟି ଦଳ ମଧ୍ୟ ବିକ୍ରି କରି ଓ ମହମ ବିକ୍ରି କରି ୬୨୫୦ଟଙ୍କା ପାଏ। ପ୍ରଥମ ବର୍ଷର ଆୟ ଓ ବ୍ୟୟକୁ ହିସାବକୁ ନେଇ ଦ୍ୱିତୀୟ ବର୍ଷରେ ୧୩,୧୫୦ଟଙ୍କା ଲାଭ ପାଏ। ସେହିପରି ତୃତୀୟ ବର୍ଷଠାରୁ କ୍ରମଶଃ ୩୧,୨୫୦ ଟଙ୍କା ମହୁମାଛି ଲାଭ ପାଇଥାଏ। ବ୍ୟବସାୟଭିତ୍ତିକ ମହୁମାଛି ପାଳନ କଲେ ସେଥିରୁ ମହୁ ବ୍ୟତୀତ ଗହମ, ମାଛିର ବିଷ, ରୟେଲ ଜେଲି (ରାଣୀ ମହୁମାଛି ପାଇଁ କର୍ମୀ ମାଛିଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ଖାଦ୍ୟ) ଇତ୍ୟାଦି ପଦାର୍ଥଗୁଡିକୁ ସଂଗ୍ରହ କରାଯାଇ ଅଧିକ ଅର୍ଥ ଉପାର୍ଜନ କରିବାର ସୁଯୋଗ ମଧ୍ୟ ରହିଛି। ଏତଦ୍‌ବ୍ୟତୀତ ମହୁମାଛି ପାଳନ ପାଇଁ ଆବଶ୍ୟକୀୟ ଉପକରଣ ତିଆରି କରି ଓ ନିଜ ଜ୍ଞାନର ଉପଯୋଗ କରି ସେଥିରୁ ଅର୍ଥ ରୋଜଗାର କରିବା ପାଇଁ ଅନେକ ସୁଯୋଗ ରହିଛି।

ଅନେକ ସମୟରେ ମହୁମାଛି ପାଳନ ପାଇଁ ଚାଷୀମାନେ ଆଗ୍ରହ ପ୍ରକାଶ କରି ମହୁ ବାକ୍ସ ଓ ମହୁମାଛି ଦଳ ପାଇବାର ଠିକଣା ଖୋଜନ୍ତି। ସେମାନଙ୍କ ଇଚ୍ଛା ପୂରଣ କରିବା ପାଇଁ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଭୁବନେଶ୍ୱର ରହିଛି।

*-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର*
*ମୋ : ୯୭୭୬୪୦୪୪୦୬*



# ଲାଭଜନକ ଘିକୁଆଁରୀ ଚାଷ



ଡ. ପରେଶ କୁମାର ପଣ୍ଡା

ସାଧାରଣତଃ ଘିକୁଆଁରୀକୁ ବିଭିନ୍ନ ଔଷଧ ଓ ପ୍ରସାଧନ ସାମଗ୍ରୀ ତିଆରିରେ ବ୍ୟବହାର କରାଯାଏ। ଏହା ଏକ ପ୍ରାକୃତିକ ପ୍ରକୃତି ମିତ୍ର, ପରିରକ୍ଷୀ ଓ ଖାଦ୍ୟ ଅନୁପୂରକ ପଦାର୍ଥ। ଔଷଧୀୟ ବ୍ୟବହାର ମଧ୍ୟରେ କ୍ଷତ/ ଘା' ଶୁଖା, ଜଳାପୋଡା, ଶରୀରର ପ୍ରତିରୋଧକାରିତା ବୃଦ୍ଧିକାରୀ, ୟୁଭି ଓ ଏକ୍ସ-ରାଡିଏସନକୁ ଚର୍ମଅନାବରଣଜନିତ ଚିକିତ୍ସା, ଅଲସର ନିରାକରଣ, ମଧୁମେହ, ଆଣ୍ଟିଅକ୍ସିଡାଣ୍ଟ କାର୍ଯ୍ୟ, ଲାକ୍ସାଟିଭ ପ୍ରଭାବ, କବକ, ଜୀବାଣୁ, ଭୂତାଣୁ ଓ ଟ୍ୟୁମର ପ୍ରତିରୋଧି, ହେଲଥ ଡ୍ରିଙ୍କ, ୟୋଗର୍ଟ ଅନ୍ୟତମ।



ପ୍ରସାଧନୀ ସାମଗ୍ରୀ ମଧ୍ୟରେ କ୍ଲିନଜର, ମଶ୍ଚରାଇଜର, ସନ୍ ଲୋଶନ, ଟୁଥପେଷ୍ଟ, ମାଉଥ ୱାଶ୍, ସେଭିଙ୍ଗ କ୍ରିମ୍, ଡିଓଡୋରାଣ୍ଟ ଏବଂ ସାମ୍ପୋ ପ୍ରଭୃତିରେ ବିଶେଷଭାବରେ ବ୍ୟବହାର କରାଯାଏ।

ଘିକୁଆଁରୀ ଚାଷ ଅନ୍ୟ ରାଜ୍ୟମାନଙ୍କରେ ଲୋକପ୍ରିୟ ହୋଇଥିବା ବେଳେ ଆମ ରାଜ୍ୟରେ ଏହି ଚାଷ ପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି। ଏହା ଅଙ୍ଗୀୟ ପ୍ରଜନନ ମାଧ୍ୟମରେ ବଂଶ ବିସ୍ତାର କରିଥାଏ। ଏହା ବିଭିନ୍ନ ଜଳବାୟୁରେ ଚାଷ ହୋଇପାରେ। ଚାଷ ପାଇଁ ପୁଆଗୁଡିକୁ ବର୍ଷସାରା ଯେକୌଣସି ସମୟରେ ଧାଡିକୁ ଧାଡି ଦୁଇ ଫୁଟ ଓ ଗଛକୁ ଗଛ ଏକ ଫୁଟ ଦୂରତା ରଖି ଦୁଇ ଓଡ ଚାଷ ହୋଇଥିବା ଯେ କୌଣସି ମୃତ୍ତିକାରେ ଲଗାଯାଏ। ଜମି ନିଗିଡା ଥାଇ ଅମ୍ଳୀୟ ହୋଇ ନ ଥିବା ଆବଶ୍ୟକ। ଜମିରେ ଅଧିକ ଖତ ଓ ଭଙ୍ଗା ଇଟା ବିଛାଇ ରୋଟ ଛୋଟ ଗାତ କରି ପୁଆକୁ ଲଗାଇଲେ ଭଲ ବଢ଼ିଥାଏ। ଶୁଷ୍କାଞ୍ଚଳ ବା ସ୍ୱଳ୍ପ ବୃଷ୍ଟିପାତ ହେଉଥିବା (୫୦-୩୦୦ମିମି ବୃଷ୍ଟିପାତ) ଅଞ୍ଚଳ ଏହାର ଚାଷ ପାଇଁ ଅନୁକୂଳ ହୋଇଥାଏ। ପୁଆ ସଂଗ୍ରହ ପାଇଁ ୩-୪ ମାସ ଅବଧିର ପତ୍ର ହୋଇଥାଏ। ୨୦-୩୦ ସେମି ଲମ୍ବ ହୋଇଗଲେ ପୁଆକୁ ଲଗାଇବା ପାଇଁ ମନୋନୀତ କରାଯାଏ। ଏକର ପ୍ରତି ୧୦,୦୦୦ ପୁଆ ଆବଶ୍ୟକ ହୋଇଥାଏ। ପୁଆ ଲଗାଇବାର ପରେ ପରେ ମୂଳକୁ ଭଲ ଭାବେ ନରମ ମାଟି ଦେଇ ତୁରନ୍ତ ଚାପି ଦିଆଯାଏ। ଏକର ପ୍ରତି କେବଳ ଶଢ଼ା ଖତ ୪୦-୬୦ କୁଇଣ୍ଟାଲ ଶେଷ ଓଡ ଚାଷ ବେଳେ ଏବଂ ପ୍ରତିବର୍ଷ ସେହି ପରିମାଣର ଖତ ପ୍ରୟୋଗ କରାଯାଏ। ଯଦି କାଠ ପୋଡା ବାଉଁଶ ମିଳୁଥାଏ, ତାହାକୁ ପୁଆ ପାଇଁ ଗାତରେ ଦେଲେ ପୁଆ ଗଛରୁ ଶୀଘ୍ର ଚେର ବାହାରି ପୁଆ ଭଲ ବଢ଼ିଥାଏ। ପୁଆ ଲଗାଇବା ପରେ ଜଳସେଚନ, ତା'ପରେ ଗଛ ଲଗାଯିବା ପାଇଁ ପାଖାପାଖି ୨-୩ଟି ଜଳସେଚନ ଦରକାର ପଡିଥାଏ। ଜଳର ଉପଲବ୍ଧତା ଦେଖି ପ୍ରତିଥର ପତ୍ର କାଟିବା ପରେ ହାଲୁକା ଜଳସେଚନ ଦେଲେ ଭଲ।

ଫସଲର ବୃଦ୍ଧି ଅବସ୍ଥାରେ ଘାସଲଟାରୁ ମୁକ୍ତ ରହିବା ଦରକାର। ବର୍ଷକୁ ୩ଥର ହାତରେ ଘାସ ବାଛିବା ସହ ଥରେ ଘାସ ବଛା ଯନ୍ତ୍ର ଚଳାଇ ଦେଲେ ଘିକୁଆଁରୀ ଗଛରୁ ପୁଆ ଆସିବା ଓ ବଢ଼ିବା ଭଲ ହୋଇଥାଏ। କ୍ଷେତରୁ ରୋଗୀଣା ଗଛ ଓ ଗଛରୁ ପୁଆ ଡେମ୍ଫକୁ ନିୟମିତ ଅଲଗା କରିଦିଆଯାଏ। ଏହି ଫସଲରେ ସେପରି ରୋଗ ପୋକ ଲାଗି ନ ଥାଏ। ବେଳେବେଳେ ଦହିଆ ପୋକ, ପ୍ରତପୋଡା ଓ ପତ୍ରଚିତା ରୋଗ ସଂକ୍ରମଣ ଦେଖାଯାଏ, ଯାହା ଜୈବିକ ଉପାୟରେ ସହଜରେ ନିୟନ୍ତ୍ରିତ ହୋଇଥାଏ। ଉଇ ଦେଖାଗଲେ ହାଲୁକା ଜଳସେଚନ ଦିଆଯାଏ। ଫସଲରୁ ଅମଳ ଲଗାଇବାର ଦ୍ୱିତୀୟବର୍ଷରୁ ପଞ୍ଚମ ବର୍ଷ ମଧ୍ୟରେ ହୋଇଥାଏ। ସାଧାରଣତଃ ଫସଲର ବୃଦ୍ଧି ଦେଖି ବର୍ଷକୁ ୩-୪ଥର ପତ୍ର ଅମଳ କରାଯାଏ। ଲଗାଇବାର ଦ୍ୱିତୀୟ ବର୍ଷ ବେଳକୁ ଏକର ପ୍ରତି ହାରାହାରି ୬୦-୮୦ କୁଇଣ୍ଟାଲ ସତେଜ ପତ୍ର ଅମଳ ମିଳିଥାଏ। ପୂର୍ଣ୍ଣ ବିକଶିତ ପାକଳ ପତ୍ରଗୁଡିକୁ କାଟି ନିଆଯାଏ। ପତ୍ରରୁ ରସ ନିଃସରଣ ଓ ପ୍ରକ୍ରିୟାକରଣ କରି ଅନ୍ତିମ ଉତ୍ପାଦ (ରସ) ମିଳିଥାଏ। ଏକର ପ୍ରତି ୩୦-୬୦ ହଜାର ଟଙ୍କା ଲାଭ ମିଳିଥାଏ।

ଘିକୁଆଁରୀ ବଜାର ଚାହିଦା ବୃଦ୍ଧି ପାଉଛି। ଏହାର ବିସ୍ତାରିତ ଉପଯୋଗିତାକୁ ଦୃଷ୍ଟିରେ ରଖି ଅନେକ ହର୍ବାଲ ଓ ଆୟୁର୍ବେଦୀୟ ଫାର୍ମା କମ୍ପାନୀ କୃଷକମାନଙ୍କ ସହିତ ଚୁକ୍ତିଭିତ୍ତିକ ଚାଷ ପ୍ରତି ରୁଚି ରଖୁଛନ୍ତି। ଅଧିକ ଉତ୍ପାଦନର ସମ୍ଭାବନାକୁ ଦୃଷ୍ଟିରେ ରଖି କମ୍ପାନୀ ଦୃଷ୍ଟିକୋଣ ଓ ଦର ଭଲ ରହିଥାଏ। ଚୁକ୍ତନାମା ସ୍ୱାକ୍ଷର କଲା ପରେ ହିଁ କୃଷକ ଚାଷ କେଲ ଉତ୍ପାଦର ବଜାର ପ୍ରତି ଆଶଙ୍କା ରହି ନ ଥାଏ।

ଦୈନିକ ଘିକୁଆଁରୀ ରସ ସେବନ ନିମନ୍ତେ ଘର ଅଗଣା, ଛାତ ଓ ଝୁଲନ୍ତା କୁଣ୍ଡରେ ଖତ ଓ ବଗଡା ମାଟି ଦେଇ ଲଗାଯାଇଥାଏ ଓ ତାହାର ଦୈନିକ ଏକଟି ପତ୍ରର ବ୍ୟବହାର କରି ପରିବାରକୁ ସୁସ୍ଥ ରଖାଯାଇପାରିବ।

*-ସହକାରୀ କୃଷି ଅଧିକାରୀ ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

## ଆଖୁ ଚାଷ ସମ୍ପର୍କରେ..

କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଅଗବିନ୍ଧା ପୋକର ଦମନ ସକାଶେ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡନ୍ତୁ। ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍.ପି. ସିଞ୍ଚନ କରନ୍ତୁ। ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଦେଲେ ହେକ୍ଟର ପ୍ରତି ଇପିରିନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡନ୍ତୁ। ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ।

-ଦହିଆ ପୋକର ଦମନ ସକାଶେ ପ୍ରତି ଲିଟର ପାଣିରେ ୦.୩ ଗ୍ରାମ୍ ହିସାବରେ ଥାଇଓମିଥୋକ୍ସାମ୍ ୨୫% ଡବ୍ଲୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ।

-ନାଲିଶଢ଼ା ରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ ।

-ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ।



**ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ**

ଚୌଦ୍ୱାର(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ଅଧୀନ ଡଗରା ସାହିସ୍ଥିତ ଉଦୟନାଥ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଟ୍ରଷ୍ଟର ଉପଦେଷ୍ଟା ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପବିତ୍ର ମୋହନ ସାହୁ, ପ୍ରଭାତି ଜେନା, ପୁଷ୍ପଲତା ସାହୁ ପ୍ରମୁଖ ଯୋଗଦେଇ ସାକ୍ଷରତା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ରଶ୍ମିରେଖା ସାହୁ, ପାର୍ବତୀ ପ୍ରଧାନ, ଭୁବନାନନ୍ଦ ସାହୁ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଡ. ବସନ୍ତ କୁମାରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧାଦେଶକୁ ଶୈକ୍ଷିକ ମହାସଂଘର ବିରୋଧ

**କଟକ ଅଫିସ, ୮।୯:** ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ରେ ବଡ଼ ଧରଣର ସଂଶୋଧନ ଆଣି ରାଜ୍ୟ ସରକାର ଜାରି କରିଥିବା ଅଧାଦେଶକୁ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏ ନେଇ ମହାସଂଘ ପକ୍ଷରୁ କୁହାଯାଇଛି, କେନ୍ଦ୍ର ସରକାର ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତା ଉପରେ ଗୁରୁତ୍ୱ ଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଥିଲେ। ମାତ୍ର ଓଡ଼ିଶା ସରକାର ବିଶ୍ୱବିଦ୍ୟାଳୟର ସ୍ୱାଧୀନତା କ୍ଷୁର୍ଣ୍ଣ କରି ନୂତନ ଅଧାଦେଶ ଜାରି କରିଛନ୍ତି। ଏହି ଅଧାଦେଶ ବଳରେ ସରକାର ବିଶ୍ୱବିଦ୍ୟାଳୟ ହାତରୁ ଅଧାପକ ନିଯୁକ୍ତିର କ୍ଷମତା କାଢ଼ିନେଇ ଓଡ଼ିଶା ଲୋକସେବା ଆୟୋଗ ହାତରେ ନ୍ୟସ୍ତ କରିଛନ୍ତି। ଓଏଏସ, ଓଜେଏସ, ଓଇଏସ ଆଦିରେ ନିଯୁକ୍ତି ଲାଗି ନିୟମିତ ଭାବେ ପରୀକ୍ଷା କରିପାରୁ ନ ଥିବା ଆୟୋଗ ପ୍ରତିବର୍ଷ କିପରି ବିଶ୍ୱବିଦ୍ୟାଳୟ ପାଇଁ ଅଧାପକ ଚୟନ କରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ମହାନ୍ତି କହିଛନ୍ତି। ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧାଦେଶ ୨୦୨୦କୁ ପ୍ରତ୍ୟାହାର କରିନେବା ପାଇଁ ମହାସଂଘ ଦାବି କରିଥିବା ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ସୂଚନା ଦିଆଯାଇଛି।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ

**ଆଠଗଡ଼,୮।୯(ସ୍ୱ.ପ୍ର.):** ସଦ୍ୟ ପ୍ରକାଶିତ +୨ ଓ ଧନ୍ଦାମୂଳକ ପରୀକ୍ଷା ପରେ ଆଠଗଡ଼ ଅଞ୍ଚଳରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ମନ୍ତ୍ରୀ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭିଡିଓ କନଫରେନ୍ସ ଯୋଗେ ସମ୍ବର୍ଦ୍ଧିତ କରିଛନ୍ତି। +୨ କଳାରେ ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ସୁମନ ବାରିକ, ଛାତ୍ରୀ ଅର୍ଚ୍ଚନା ବାରିକ, ଶୁଚିସ୍ମିତା ଦାସ, ଦୀପାଞ୍ଜଳି ବେହେରା ଓ ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ ମହାବିଦ୍ୟାଳୟର କୁମୁଦିନୀ ବସ୍ତିଆ ପ୍ରମୁଖଙ୍କୁ ମନ୍ତ୍ରୀ ସ୍ୱାଇଁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଆଠଗଡ଼ ଛାତ୍ର ବିଜେଡି କାର୍ଯ୍ୟକର୍ତ୍ତା ଜ୍ୟୋତି ରଞ୍ଜନ ପ୍ରଧାନ, ଅଜିତ ପାଇକରାୟ, ସମ୍ବିତ ଦଳାଇ, ସତ୍ୟପ୍ରିୟ ମହାନ୍ତି, ଶୁଭେନ୍ଦୁ ବେଉରା, ଦୀପୁ ସ୍ୱାଇଁ, ସନ୍ତୋଷ ମିଶ୍ର ପ୍ରମୁଖ ସଂଯୋଜନା କରିଥିଲେ।

### ବଳଦେବ ସିଂହାରୀଙ୍କ ସ୍ମୃତିଚାରଣ ସଭା

**ପୁରୀ ଅଫିସ,୮।୯:** ଜଗନ୍ନାଥ ସଂସ୍କୃତିବିତ୍ ତଥା ବରିଷ୍ଠ ସେବକ ଇଂ. ବଳଦେବ ସିଂହାରୀଙ୍କ ପରଲୋକରେ ରବିବାର ଶ୍ରୀ ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ଓ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୱେବିନାରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଦୁଇ ଅନୁଷ୍ଠାନର ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ ବ୍ୟକ୍ତି ଡିଜିଟାଲ ପ୍ଲାଟ୍‌ଫର୍ମ ମାଧମରେ ଇଂ. ସିଂହାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସଭାରେ ରବୀନ୍ଦ୍ରନାଥ ପ୍ରତିହାରୀ, ପ୍ରାଧାପକ ସୁନୀଲ ରଥ, ଡ. ଭାସ୍କର ମିଶ୍ର, ସୁଦର୍ଶନ ନାୟକ, ପ୍ରାଧାପକ ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୩୩୧ ପଜିଟିଭ୍

**ଖୋର୍ଦ୍ଧା ଅଫିସ,୮।୯**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦିନକୁ ଦିନ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମଙ୍ଗଳବାର ଗ୍ରାମାଞ୍ଚଳରେ ୩୩୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୧୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଚିହ୍ନଟ ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତାର ୪୦, ବାଲିପାଟଣା ୭, ଭୁବନେଶ୍ୱର ବ୍ଲକ ୩୭, ଜଟଣୀ ୨୦, ଖୋର୍ଦ୍ଧା ବ୍ଲକ ୪୦, ବେଗୁନିଆ ୪୦, ବୋଲଗଡ଼ ୪୪, ଟାଙ୍ଗୀ ୩୦, ଚିଲିକା ୨୧ ଏବଂ ବାଣପୁରର ୫୨ଜଣ ରହିଛନ୍ତି। ଗ୍ରାମାଞ୍ଚଳରେ ମଙ୍ଗଳବାର ସୁଦ୍ଧା ମୋଟ୍ ୬୪୪୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୪୨୩୨ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୨୧୮୪ ସକ୍ରିୟ ରୋଗୀ ରହିଛନ୍ତି। ୩୦ଜଣଙ୍କ ମୃତ୍ୟୁ ଘଟିଛି। ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତା ୫୬୨, ବାଲିପାଟଣା ୩୬୯, ଭୁବନେଶ୍ୱର ବ୍ଲକ ୪୭୧, ଜଟଣୀ ୫୩୬, ଖୋର୍ଦ୍ଧା ବ୍ଲକ ୯୮୭, ବେଗୁନିଆ ୪୧୪, ବୋଲଗଡ଼ ୬୪୩, ଟାଙ୍ଗୀ ୬୬୫, ଚିଲିକା ୯୨୩ ଏବଂ ବାଣପୁରର ୮୭୬ଜଣ ରହିଛନ୍ତି। କୋଭିଡ୍ ନିୟନ୍ତ୍ରଣ ଲାଗି ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ଲୋକଙ୍କ ସହାଭାଗିତା ଜରୁରୀ ବୋଲି ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି।



## ପିପିଲି ଥାନାରେ ୮ଜଣ ପଜିଟିଭ୍

**ପିପିଲି,୮।୯(ସ୍ୱ.ପ୍ର.):** ପିପିଲି ଥାନାରେ ୮ଜଣଙ୍କୁ କରୋନା ପଜିଟିଭ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏ ନେଇ ପିପିଲି ଥାନ ପକ୍ଷରୁ ଆଗାମୀ ୭ଦିନ ପାଇଁ ଥାନାକୁ ଯିବା ଆସିବା ପାଇଁ କଟକଣା କରାଯାଇଛି। ପିପିଲି ଥାନାର ୧ଜଣ ଅଫିସର, ୭ ଜଣ କନେଷ୍ଟବଳଙ୍କୁ କରୋନା ସଂକ୍ରମଣ ହୋଇଛି ବୋଲି ଥାନା ଅଧିକାରୀ ଗୌରାଙ୍ଗଚରଣ ପୃଷ୍ଟି କହିଛନ୍ତି। ଏହା ସହିତ ପିପିଲି ଏସଡିପିଓଙ୍କୁ ମଧ୍ୟ କରୋନା ସଂକ୍ରମଣ ହୋଇଥିବା ସୂଚନା ମିଳିଛି।

## ପୁରୀରୁ ୨୧୭ ଆକ୍ରାନ୍ତ ଚିହ୍ନଟ

**ପୁରୀ ଅଫିସ,୮।୯:** କିଛିଦିନ ହେବ ପ୍ରତ୍ୟହ ପୁରୀ ଜିଲାରୁ ଶତାଧିକ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି। କିନ୍ତୁ ସୋମବାର ଓ ମଙ୍ଗଳବାର ଦୁଇଦିନରେ ଜିଲାର ପଜିଟିଭ ସଂଖ୍ୟା ଦ୍ୱିଶତକ ଛୁଇଁଛି। ସୋମବାର ୨୦୦ ଓ ମଙ୍ଗଳବାର ୨୧୭ ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ଏହାକୁ ନେଇ ଏବେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାବାସୀଙ୍କ ଚିନ୍ତା ବଢିଛି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇବା ପରେ ଜିଲାର ମୋଟ୍ ପଜିଟିଭ ସଂଖ୍ୟା ୪୮୪୦ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧୧୪୦ଜଣ ଚିକିତ୍ସାଧୀନ ଅଛନ୍ତି। ତେବେ କରୋନାରେ ଜିଲାରୁ ଏ ପର୍ଯ୍ୟନ୍ତ ୧୬ ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ଧୀରେ ଧୀରେ ପୁରୀର ସ୍ଥିତି ଅଧିକ ବିଗିଡ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଜିଲାରୁ ମୋଟ୍ ୬୬,୭୧୪ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଏଥିମଧ୍ୟରୁ ୪୮୪୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ରହିଛି ୭୬.୦୫ ପ୍ରତିଶତ। ବର୍ତ୍ତମାନ ଜିଲାର ବିଭିନ୍ନ ସ୍ଥାନରେ ୪୫ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଥିବାବେଳେ ୧୭୪ଟିକୁ ବନ୍ଦ କରାଯାଇଛି। ସେହିପରି ପୁରୀ ଜିଲା ଚିକିତ୍ସାଳୟର ୩ ଜଣ ଡାକ୍ତର ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। କଣାସ ବ୍ଲକରେ ସର୍ବାଧିକ ୨୦ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଛି।



ଗୋଚର ଜମିରେ ହୋଇଥିବା ରାସ୍ତା।

## ରାସ୍ତାକାମକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ

**ନରାଜ,୮।୯(ଡି.ଏନ୍.ଏ)**

ବାରଙ୍ଗ ତହସିଲ ଅଧୀନ ଭୁବନପୁର ଗ୍ରାମ ନିକଟରେ ସୋମବାର ଏକ ରାସ୍ତା କାର୍ଯ୍ୟକୁ ନେଇ ଅଭିଯୋଗ କରିବା ପରେ ତହସିଲଦାର ସୋମବାର କାର୍ଯ୍ୟକୁ ବନ୍ଦ ରଖିଥିଲେ। ମଙ୍ଗଳବାର ଗ୍ରାମବାସୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ତହସିଲଦାରଙ୍କୁ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଫକିରପଡା ମୌଜାରେ ଥିବା ୧୨୧ ନଂ ଖାତା ଓ ୨୨୯ ନଂ ପ୍ଲଟ ଏକ ଗୋଚର ଜମି ଥିଲା। ଏହି ଜାଗା ଉପରେ ସୋମବାର ରାସ୍ତା ନିର୍ମାଣ ହେଉଥିବାରୁ ଗ୍ରାମବାସୀ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ଅବଗତ କରାଇଥିଲେ। ତହସିଲଦାର, ଆର୍‌ଆଇଙ୍କୁ ଘଟଣା ସମ୍ପର୍କରେ ଜାଣିବା ପାଇଁ ରାସ୍ତା ହେଉଥିବା ସ୍ଥାନକୁ ପଠାଇଥିଲେ। ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ରାସ୍ତାକାମ ଦେଖି ବନ୍ଦ ନ କରି ପଳାଇଯିବା ପରେ ଗ୍ରାମବାସୀ ପୁନର୍ବାର ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାର ସେଠାରେ ପହଞ୍ଚି କାର୍ଯ୍ୟ ବନ୍ଦ କରିବା ସହ ଖୁବଶୀଘ୍ର ତଦାରଖ କରାଯିବ ବୋଲି କହିଛନ୍ତି।

# ଭାଜପା ରାଷ୍ଟ୍ରୀୟ ମୁଖପାତ୍ରଙ୍କ ବନ୍ୟାଞ୍ଚଳ ପରିଦର୍ଶନ

**କଣାସ,୮।୯(ଡି.ଏନ୍.ଏ.)**

ବନ୍ୟାକୁ ୧୧ ଦିନ ବିତିଥିଲେ ମଧ୍ୟ କଣାସ ଅଞ୍ଚଳର ବିପନ୍ନଙ୍କ ଦୁର୍ଦ୍ଦଶା ଏପର୍ଯ୍ୟନ୍ତ କମିନି। ଏବେ ବି ଅନେକ ଗାଁ ଦାଣ୍ଡରେ ପାଣି ସ୍ରୋତ ମୁଖ୍ୟ ରାସ୍ତାଗୁଡ଼ିକରେ ୨ରୁ ୩ ଫୁଟ୍‌ର ପାଣି ଚାଲିଛି। ଠିକ୍ ଭାବେ ଖାଦ୍ୟ ପାଉ ନ ଥିବାବେଳେ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ନେଇ ମଙ୍ଗଳବାର ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର କଣାସ ଅଞ୍ଚଳର ମାଟିଆପଡ଼ା ଘାଇ ପରିଦର୍ଶନ କରିଛନ୍ତି। ତାଙ୍କ ଦଳୀୟ ନେତୃବୃନ୍ଦ ପାଣ୍ଡିଆକେରା, ବଡାସ, ଦୋକନ୍ଦା ଓ ଗଡ଼ବଳଭଦ୍ରପୁର ପଞ୍ଚାୟତର ବନ୍ୟା ପ୍ରଭାବିତ ଗ୍ରାମଗୁଡ଼ିକୁ ବୁଲି ଦେଖିବା ସହ ବିପନ୍ନମାନଙ୍କ ସମସ୍ୟା ବୁଝିଥିଲେ। ମାଡିଆପଡା, ନୂଆସାହି ଓ ଘରଛିଆ ଗ୍ରାମରେ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ତେବେ ବନ୍ୟାଞ୍ଚଳ ପରିଦର୍ଶନ ବେଳେ ଲୋକଙ୍କ ପାଇଁ ୩ଟି ଦାବି ରଖିଥିଲେ। ନୂଆସାହିର ଲୋକଙ୍କ ଅଭିଯୋଗ ଅନୁଯାୟୀ, ମାଟିଆପଡାରେ ହେଇଥିବା ମନୁଷ୍ୟକୃତ ଘାଇର ଯେଉଁ ଆଶଙ୍କା ରହିଛି ତାକୁ ପ୍ରଶାସନ ଦୂର କରୁ, ଅତ୍ୟନ୍ତ ପ୍ରଭାବିତ ଗ୍ରାମରେ ଆଉ ୧୦ଦିନ ରନ୍ଧା ଖାଦ୍ୟ ଦିଆଯାଉ ଓ ଗଡସାନପୁଟ, ଗଡବଡପୁଟ ଓ ନାନକେରା ଆଦି ଗ୍ରାମରେ ରିଲିଫ୍ ଦେବା ପାଇଁ ଦାବି କରିଥିଲେ। ଏହାସହ ବନ୍ୟା ଯୋଗୁ ରାସ୍ତା ନଷ୍ଟ ଓ ଘର ଭାଙ୍ଗିଥିବା ନେଇ ରାସ୍ତା ନିର୍ମାଣ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ କେନ୍ଦ୍ରକୁ ଅବଗତ କରାଇବେ ବୋଲି କହିଥିଲେ। ପରେ ବିଡିଓ ଓ ତହସିଲଦାରଙ୍କୁ ଭେଟି ବନ୍ୟା ସମ୍ପର୍କିତ ଆଲୋଚନା କରିଥିଲେ। ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ, ନେତା କୃଷ୍ଣଚନ୍ଦ୍ର ଜଗଦ୍ଦେବ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ଓମ୍ ପ୍ରକାଶ ମିଶ୍ର, କାମାକ୍ଷ ପ୍ରସାଦ ପ୍ରଧାନ, ପୁରୀ ଜିଲା ଉପସଭାପତି ବିଶ୍ୱଜିତ ବଡଜେନା, ଲକ୍ଷ୍ମୀଧର ଜଗଦ୍ଦେବ ଓ ଲତାମଣୀ ଜଗଦ୍ଦେବ ପ୍ରମୁଖ ସାମିଲ ଥିଲେ।



ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଓ ଅନ୍ୟମାନେ ବନ୍ୟାଞ୍ଚଳ ବୁଲୁଛନ୍ତି।

## ୨୪ଘଣ୍ଟା କାମ କରିବ କୋଭିଡ୍ ହେଲ୍ପଲାଇନ୍ ନଂ. ୧୯୨୯

**ଭୁବନେଶ୍ୱର,୮।୯(ବ୍ୟୁରୋ)**

କୋଭିଡ୍-୧୯ ସମ୍ପର୍କିତ ସୂଚନା ଦେବାକୁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଜାରି ହୋଇଥିବା ୧୯୨୯ ଭୁବନେଶ୍ୱର ହେଲ୍ପଲାଇନ୍‌କୁ ଏଣିକି ୨୪ଘଣ୍ଟା କରାଯାଇଛି। ଏଥିପାଇଁ ୩୦ଜଣ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦେଇଛନ୍ତି ମହାନଗର ନିଗମ କର୍ତ୍ତୃପକ୍ଷ। ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ପ୍ରଚେଷ୍ଟାରେ ଏହି ସେବାକୁ ତ୍ୱରାନ୍ୱିତ କରାଯାଉଥିବା ବେଳେ ଏହାର ସଫଳତାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ୩ଟି ସିଫ୍ଟ କରାଯାଇଛି। ପୂର୍ବରୁ ଏହି ହେଲ୍ପଲାଇନ ମାର୍ଚ୍ଚ ୧୯ରୁ ଜୁନ୍ ୨୮ପର୍ଯ୍ୟନ୍ତ ୩ଟି ଶିଫ୍ଟରେ ସେବା ଯୋଗାଇଥିଲା। ଜୁନ୍ ୨୯ରୁ ଜୁଲାଇ ୧୫ମଧ୍ୟରେ ସଂକ୍ରମଣ କମିଯିବାରୁ ଏହି ସେବାରେ ନିୟୋଜିତ କର୍ମୀଙ୍କୁ ବିଏମ୍‌ସି କୋଭିଡ୍ କଣ୍ଟ୍ରୋଲ୍ ରୁମ୍‌ରେ ନିୟୋଜିତ କରାଯାଇଥିଲା। ଭୁବନେଶ୍ୱରରେ ପୁଣି ସଂକ୍ରମଣ ବଢୁଥିବାରୁ ସେପ୍ଟେମ୍ବର ୭ରୁ ଏହାକୁ ପୁଣି ଥରେ ୨୪ଘଣ୍ଟିଆ ସେବାରେ ପରିଣତ କରାଯାଇଛି। କୋଭିଡ୍ ସମସ୍ୟା ଜନିତ ସମାଧାନରେ ସହଯୋଗ କରିବା ଏବଂ ଅନ୍ୟାନ୍ୟ ଅଭିଯୋଗ ଓ ପରାମର୍ଶ ବାବଦରେ ସୂଚନା ସଂଗ୍ରହ ପାଇଁ ଏହାକୁ ଚାଲୁ ରଖିବାକୁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ଟେଷ୍ଟ କରାଯାଉଥିବା ସ୍ଥାନ, ଆର୍‌ଆର୍‌ଟି, ଆମ୍ବୁଲାନ୍ସ ସେବା ଏବଂ ବିଶୋଧୀକରଣ ବାବଦରେ ୧୯୨୯ରୁ ସୂଚନା ମିଳିପାରିବ।

## ମିଳୁନି ଫାଇଲିନ ସହାୟତା, ଆନ୍ଦୋଳନ ଚେତାବନୀ

**ବ୍ରହ୍ମଗିରି,୮।୯:(ଡି.ଏନ.ଏ):** ଫାଇଲିନ ବାତ୍ୟାର କ୍ଷତିଗ୍ରସ୍ତଙ୍କୁ ଏପର୍ଯ୍ୟନ୍ତ ସରକାରୀ ସହାୟତା ମିଳିନାହିଁ। ସହାୟତା ପାଇଁ ଆନ୍ଦୋଳନ, ଧାରଣା ଦିଆଯାଇବାରୁ ପ୍ରାୟ ଦେଢ ବର୍ଷ ପୂର୍ବେ କ୍ଷତିଗ୍ରସ୍ତଙ୍କୁ ବାତ୍ୟାନିରୋଧକ ଗୃହନିର୍ମାଣ ପାଇଁ ନିର୍ଦ୍ଦେଶ ଆସିଥିଲା। କେତେଜଣ କ୍ଷତିଗ୍ରସ୍ତଙ୍କୁ ଗୃହନିର୍ମାଣ ପାଇଁ କାର୍ଯ୍ୟାଦେଶ ମଧ୍ୟ ଦିଆଯାଇଛି। ଅନ୍ୟ କ୍ଷତିଗ୍ରସ୍ତଙ୍କୁ ଏପର୍ଯ୍ୟନ୍ତ ଗୃହନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇ ନାହିଁ। ଯେଉଁ କ୍ଷତିଗ୍ରସ୍ତମାନେ କାର୍ଯ୍ୟାଦେଶ ପାଇଥିଲେ ସେମାନେ ଧାର କରି ଗୃହ ନିର୍ମାଣ କରିଥିଲେ ମଧ୍ୟ ସେମାନଙ୍କୁ ସରକାରୀ ସହାୟତା ବିଲ୍ ମିଳିନାହିଁ। ଅନେକ ଲୋକ ଏବେବି ପଲିଥିନ ତଳେ ଜୀବନ କାଟୁଛନ୍ତି। ଏନେଇ ମଙ୍ଗଳବାର ଜିଲା ଫାଇଲିନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବ୍ରହ୍ମଗିରି ବିଡିଓ ଜ୍ୟୋତିପ୍ରକାଶ ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୭ଦିନ ମଧ୍ୟରେ କୌଣସି ସମାଧାନ କରା ନ ଗଲେ ୧୫ତାରିଖରେ ବ୍ରହ୍ମଗିରି ବ୍ଲକ ଅଫିସ ଆଗରେ ଆନ୍ଦୋଳନ କରାଯିବ ବୋଲି ସୁରେନ୍ଦ୍ର ନାଥ ଜେନା, ଭୀମସେନ ସ୍ୱାଇଁ, ଦିବାକର ଦଳାଇ, ଜମ୍ବେଶ୍ୱର ସ୍ୱାଇଁ, ପବିତ୍ର ମୋହନ ଦଳାଇ ପ୍ରମୁଖ କହିଛନ୍ତି।

## ନୂତନ ଶିକ୍ଷା ନୀତି ଉପରେ ଆଲୋଚନା

**ପୁରୀ ଅଫିସ,୮।୯:** ବିଶ୍ୱ ସାକ୍ଷରତା ଦିବସ ଅବସରରେ ଶ୍ରୀଜଗନ୍ନାଥ ଧାମ ଅଫ୍ ରୋଟାରୀ କ୍ଲବ ଆନୁକୂଲ୍ୟରେ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ଏକ ଆଲୋଚନାଚକ୍ର ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଦେବରାଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ର ଏବଂ ଶିକ୍ଷାବିତ୍ ଡ. କାର୍ତ୍ତିକ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ପାଦକ ଦେବଦତ୍ତ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପୁରୀ ଜିଲାର ୭ ଜଣ କୃତୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପତିତପାବନ ଜଗଦ୍ଦେବ, ମହେନ୍ଦ୍ର ବିଶୋଇ, ମନୋରଞ୍ଜନ ତ୍ରିପାଠୀ, ପତିତପାବନ ସାହୁ, ପ୍ରଭାତ ରଞ୍ଜନ ପୃଷ୍ଟି, କିରଣବାଳା ଦାଶ ଏବଂ ସସ୍ମିତା ଜେନାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ରୋଟାରିୟାନ ପ୍ରଦୀପ ନାୟକ ଧନ୍ୟବାଦ ଦେଇଥିବା ବେଳେ ସୁବାସ ଚନ୍ଦ୍ର ପରିଡ଼ା ଓ ବିଭୂଦତ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘରୋଇ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଦାବି

**ପୁରୁଣା ଭୁବନେଶ୍ୱର,୮।୯**

କୋଭିଡ୍-୧୯ ଯୋଗୁ ରାଜ୍ୟର ଘରୋଇ ବିଦ୍ୟାଳୟଗୁଡ଼ିକ ପ୍ରଭାବିତ ହୋଇଛି। ଏହି ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମାସିକ ଦେୟ, ବିଦ୍ୟୁତ୍ ଦେୟ ଓ ସ୍କୁଲ ଘରଭଡ଼ା ଆଦି ଦେବାରେ ସମସ୍ୟା ଦେଖାଦେଇଛି। ଏହି ସମସ୍ୟା ରହିଥିବା ବେଳେ ସରକାର ଘରୋଇ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ୨୫% ପ୍ରତିଶତ ଫି ଛାଡ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଅଲ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ(ଆପୋସା) ବିରୋଧ କରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ନ ହେବା ପର୍ଯ୍ୟନ୍ତ ଘରୋଇ ସ୍କୁଲଗୁଡ଼ିକର ଫିସରେ କୋହଳ ଅସମ୍ଭବ ବୋଲି ମଙ୍ଗଳବାର ପାନ୍ଥନିବାସରେ ଆୟୋଜିତ ସଂଘର ସ୍ୱତନ୍ତ୍ର ବୈଠକରେ ଆପୋସାର ସଭାପତି ସତ୍ୟନାରାୟଣ ମିଶ୍ର କହିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅଜିତ୍ ଦାସ, ପ୍ରଦ୍ୟୁମ୍ନ ମିଶ୍ର, ସୁରେନ୍ଦ୍ର ଖୁଣ୍ଟିଆ, ଅଭିମନ୍ୟୁ ନାୟକ, ବ୍ରହ୍ମାବଲ୍ଲଭ ପରିଡ଼ା ଉପସ୍ଥିତ ଥିଲେ।

## ଜଳବନ୍ଦୀରେ ଅରିଷଣ୍ଣର ୧ହଜାର ପରିବାର

**ନିମାପଡ଼ା,୮।୯(ଡି.ଏନ୍.ଏ.):** ଧନୁଆଁ ନଦୀରେ ବନ୍ୟା ଯୋଗୁ ନିମାପଡ଼ା ବ୍ଲକ ଅରିଷଣ୍ଣ ପଞ୍ଚାୟତର ତେରବାଟିଆ, ବିଜିପୁର, ବାମଦେଇପୁର, କୋଟରାଙ୍ଗ, ଅରିଷଣ୍ଣ, ଡଗରାସାହି, ବାମଝାଟିପାଟଣା, ଚାଉଳିଆପାଟଣା, ପଢ଼ାଗୁଆଡିରା, ଗଡଗୁଆଡିରା, ପାତ୍ରସାହି ଗ୍ରାମର ପ୍ରାୟ ୧ହଜାର ପରିବାର ୫ଦିନ ହେବ ଜଳବନ୍ଦୀ ହୋଇ ରହିଛନ୍ତି। ପଞ୍ଚାୟତର ବିଭିନ୍ନ ମୁଖ୍ୟ ରାସ୍ତା, ଶହ ଶହ ଏକର ଚାଷଜମି ବୁଡ଼ି ରହିଛି। ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ମିଳିପାରି ନାହିଁ। ଏନେଇ ବିପନ୍ନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ଶତାଧିକ ବିପନ୍ନ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପ୍ରକଳ୍ପ ନିର୍ଦ୍ଦେଶକ ନିତିରଞ୍ଜନ ସେନ, ବିଡିଓ ମନୋଜ ବେହେରାଙ୍କ ନିକଟରେ ଅଭିଯୋଗ କରିବା ସହ ରିଲିଫ ପାଇଁ ନିବେଦନ କରିଛନ୍ତି। ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନିକ ଅଧିକାରୀ କହିଛନ୍ତି। ତୁରନ୍ତ ଏହି ବିପନ୍ନ ପରିବାରଙ୍କୁ ସରକାରୀ ରିଲିଫ ସହାୟତା ପ୍ରଦାନ କରାଯିବାକୁ ସରପଞ୍ଚ ଜୟନ୍ତ ପାଢଶାଣି, ନବଘନ ବଳ, ମହେନ୍ଦ୍ର ବିଶ୍ୱାଳ, ବଂଶୀଧର ଦାସ, ସୁବାସ ବିଶ୍ୱାଳ ପ୍ରଶାସନ ନିକଟରେ ଦାବି କରିଛନ୍ତି। ତୁରନ୍ତ ରିଲିଫ ନ ଦେଲେ ବିପନ୍ନ ଲୋକେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର

**ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ**

**କୋଣାର୍କ,୮।୯(ଡି.ଏନ୍.ଏ.)**

କୋଣାର୍କ ଥାନା ଅଧୀନ ସିମିଳି ପଞ୍ଚାୟତର ଶିରିପୁର ଗ୍ରାମରେ ଜନସାଧାରଣଙ୍କୁ ସଚ୍ଛ ପାନୀୟଜଳ ଯୋଗାଣ ପାଇଁ ଜଳ ଓ ପରିମଳ ବିଭାଗ ପକ୍ଷରୁ ସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମିତ ହେଉଛି। କିନ୍ତୁ ଏହି କାର୍ଯ୍ୟ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଲୋକଙ୍କୁ ପାନୀୟ ଜଳ ପାଇବାରେ ବଞ୍ଚିତ ହେଉଛନ୍ତି। ସୂଚନା ଅନୁଯାୟୀ, କୋଣାର୍କ ଗ୍ରାମ୍ୟ ଜଳ ଓ ପରିମଳ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୁଧା ଯୋଜନା ମାଧ୍ୟମରେ ୨ କୋଟି ଟଙ୍କା ବ୍ୟୟରେ ଶିରିପୁର ଗ୍ରାମରେ ୨୦୧୭ରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କୌଣସି କାରଣରୁ କାର୍ଯ୍ୟଟି ଅଧାପନ୍ତରିଆ ଭାବେ ପଡିରହିଥିବା ବେଳେ ଏହି ଗ୍ରାମର ଶତାଧିକ ଲୋକ ଦୀର୍ଘ ଦିନ ହେବ ପାନୀୟ ଜଳ ପାଇପାରୁ ନାହାନ୍ତି। ଏ ନେଇ ଗ୍ରାମର ତୁଳସୀ ପ୍ରସାଦ ପଟ୍ଟନାୟକ, ଦୁର୍ଗାପ୍ରସାଦ ରାଉତରାୟ, କୈଳାସ ବେହେରା, ଜଟାଧାରୀ ସେଠୀ ପ୍ରମୁଖ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟରେ ନିମ୍ନମାନର ପାଇପ, ଲୁହା ଯନ୍ତାଂଶ ସହ ଅନ୍ୟାନ୍ୟ ଉପକରଣ ବ୍ୟବହାର କରାଯାଇ କାର୍ଯ୍ୟ କରାଯାଇଥିବାରୁ ଅଧିକାଂଶ ସ୍ଥାନରେ ପାଇପ ଫାଟି ଜଳ ଯୋଗାଣ ବ୍ୟାହତ ହେଉଥିବା କହିଛନ୍ତି। ଏ ସମ୍ପର୍କରେ କୋଣାର୍କ ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳି ପାରି ନାହିଁ। ଏହି ନିମ୍ନମାନର ପ୍ରକଳ୍ପ କାର୍ଯ୍ୟର ତଦାରଖ କରିବା ସହ ଶିରିପୁର ଗ୍ରାମର ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ୫ଟି ସଚିବ, ଭିଜିଲାନ୍ସ ମହାନିର୍ଦ୍ଦେଶକ ଏବଂ ପୁରୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାସହ ଏଥିରେ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ଜଳ ପରିମଳ କନିଷ୍ଠ ଯନ୍ତ୍ରୀ ଉର୍ବଶୀ ଆଚାର୍ଯ୍ୟ କହିଛନ୍ତି, ଏ ପର୍ଯ୍ୟନ୍ତ ମୋ ନିକଟରେ କୌଣସି ଅଭିଯୋଗ ଆସି ନାହିଁ। ଅଭିଯୋଗ ପାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଫଟୋରେ ଖବର




ଭୁବନେଶ୍ୱରର ଇନ୍‌ଫୋସିଟି ଥାନାଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ମଙ୍ଗଳବାର ଜିଲା ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ ଇସ୍ତଫା ଓ ଗିରଫ ଦାବି କରି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ କୁଶପୁତ୍ତଳିକା ଦାହ କରାଯାଉଛି।




କ୍ଷେତ ମୁଲିଆଙ୍କ ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ, ବନ୍ୟାର ସ୍ଥାୟୀ ପ୍ରତିକାର ଆଦି ବିଭିନ୍ନ ଦାବିରେ ମଙ୍ଗଳବାର ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୯/୨୦୨୦ Bhubaneswar, Wednesday, September 9/ 2020

# କ୍ୱାର୍ଟରରେ ଥିମ୍, କୋରିକ୍

**ୟୁଏସ୍ ଓପନ୍**

ନ୍ୟୁୟର୍କ,୮।୯(ଏପି)

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ଟେନିସ୍ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର କ୍ୱାର୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ତେବେ ୨୦୦୪ ପରଠାରୁ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ରୋଜର ଫେଡେରର, ରାଫାଲ ନାଡାଲ ଓ ନୋଭାକ ଜୋକୋଭିଚ୍‌ଙ୍କ ଭଳି ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। କ୍ୱାର୍ଟରରେ ଦ୍ୱିତୀୟ ସିଡ୍ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ଓ ଅଷ୍ଟ୍ରେଲିଆର ଦ୍ୱାଦଶ ସିଡ୍ ଖେଳାଳି ଆଲେକ୍ସ ଡି ମିନାଉର ମୁହାଁମୁହିଁ ହେବେ। ଥିମ୍ ୧୫ତମ ସିଡ୍ ଖେଳାଳି ଫେଲିକ୍ସ ଅଗେର-ଆଲିମସିମଙ୍କୁ ଚତୁର୍ଥ ରାଉଣ୍ଡରେ ୭-୬, ୬-୧, ୬-୧ ସେଟ୍‌ରେ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି। ସେହିପରି ଅନ୍ୟଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ମିନାଉର ୭-୬, ୬-୩, ୬-୨ ସେଟ୍‌ରେ କାନାଡ଼ାର ଭାସେକ ପସ୍‌ପିସିଲଙ୍କୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

ସେହିପରି ଅନ୍ୟଏକ କ୍ୱାର୍ଟରରେ ତୃତୀୟ ସିଡ୍ ରୁଷିଆର ଡାନିଲ ମେଡ୍‌ଭେଡେଭ ଓ ୧୦ମ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍ଲେଭ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ମେଡଭେଡେଭ ଚତୁର୍ଥ ରାଉଣ୍ଡରେ ଆମେରିକାର ଫ୍ରାନ୍‌ସେସ ଟିଆଫୋଏଙ୍କୁ ୬-୪, ୬-୧, ୬-୦ ସେଟ୍‌ରେ ପରାସ୍ତ କରି ଓ ରୁବ୍ଲେଭ ୪-୬, ୬-୩, ୬-୩, ୬-୩ ସେଟ୍‌ରେ ଷଷ୍ଠ ସିଡ୍ ଇଟାଲୀର ମାଟେଓ ବେରେଟିନିଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି।

ଅନ୍ୟଏକ କ୍ୱାର୍ଟର ଫାଇନାଲରେ


ଡୋମିନିକ୍ ଥିମ୍

ଜର୍ମାନୀର ପଞ୍ଚମ ସିଡ୍ ଖେଳାଳି ଆଲେକ୍‌ଜାଣ୍ଡାର ଜଭେରେଭ ଓ ୨୭ତମ ସିଡ୍ କ୍ରୋଏସିଆର ବୋର୍ନା କୋରିକ୍ ପରସ୍ପରକୁ ଭେଟିବେ। କୋରିକ୍ ୭-୫, ୬-୧, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନଙ୍କୁ ଓ ଜଭେରେଭ ୬-୨, ୬-୨, ୬-୧ ସେଟ୍‌ରେ ସ୍ପେନ୍‌ର ଆଲେଜାଣ୍ଡ୍ରୋ ଡେଭିଡୋଭିକ୍ ଫୋକିନାଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ସେହିପରି ଅନ୍ୟଏକ ଚତୁର୍ଥ ରାଉଣ୍ଡ ମୁକାବିଲାରେ ଦ୍ୱାଦଶ ସିଡ୍ କାନାଡ଼ାର ଡେନିସ ସାପୋଭାଲୋଭ ଓ ୨୦ତମ ସିଡ୍ ସ୍ପେନ୍‌ର ପାବ୍ଲୋ କାରେନୋ ବୁଷ୍ଟା ମୁହାଁମୁହିଁ ହେବେ। ଏକ ବିବାଦୀୟ ତଥା ଅପ୍ରୀତିକର ପରିସ୍ଥିତିରେ ଟପ୍‌ସିଡ୍ ନୋଭାକ ଜୋକୋଭିଚ୍ ଓହରିଯିବା ଫଳରେ ବୁଷ୍ଟା କ୍ୱାର୍ଟରକୁ ଉଠିଛନ୍ତି। ସେହିପରି ସାପୋଭାଲୋଭ ୬-୭, ୬-୩, ୬-୪, ୬-୩ ସେଟ୍‌ରେ ସପ୍ତମ ସିଡ୍ ବେଲଜିୟମର ଡେଭିଡ୍ ଗଫିନ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଗତ ରାଫାଲ ନାଡାଲଙ୍କଠାରୁ ହାରି ମେଡ୍‌ଭେଡେଭ୍ ରନର୍ସଅପ୍ ବିବେଚିତ ହୋଇଥିଲେ।

## ବୋପାନ୍ନା- ଶାପୋଭାଲୋଭ ଆଉଟ୍

ନ୍ୟୁୟର୍କ,୮।୯ (ପି.ଟି.)

ଚଳିତ ୟୁଏସ୍ ଓପନ୍‌ରୁ ଭାରତୀୟ ତାରକା ରୋହନ ବୋପାନ୍ନା ଓ ତାଙ୍କ କାନାଡ଼ା ପାର୍ଟନର ଡେନିସ୍ ଶାପୋଭାଲୋଭ ବିଦାୟ ନେଇଛନ୍ତି। ଏହି ଯୋଡି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ଏଥି ସହିତ ୟୁଏସ୍ ଓପନ୍‌ରୁ ଭାରତୀୟ ଅଭିଯାନ ଶେଷ ହୋଇଛି। ବୋପାନ୍ନା ଓ ସାପୋଭାଲୋଭ ୫-୭, ୫-୭ ସେଟ୍‌ରେ ନେଦରଲାଣ୍ଡସର ଜିନ୍- ଜୁଲିଏନ୍ ରୋଜର ଓ ରୋମାନିଆର ହାରିଆ ଟେକାଓଙ୍କଠାରୁ ଏକଘଣ୍ଟା ୨୬ ମିନିଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ୨୦୧୮ ପରଠାରୁ ବୋପାନ୍ନାଙ୍କ ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଏହା ଶ୍ରେଷ୍ଠ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ସେ ୨୦୧୮ରେ ଉଭୟ ୟୁଏସ୍ ଓପନ ଓ ଫ୍ରେଞ୍ଚ ଓପନ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ପୂର୍ବରୁ ଅନ୍ୟତମ ଭାରତୀୟ ଖେଳାଳି ଦିଭିଜ ସରଣ ଓ ସୁମିତ ନାଗାଲ ମଧ୍ୟ ସେମାନଙ୍କ ବିଭାଗରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।


ମ୍ୟାଚ୍ ଜିତିବା ପରେ ଭିକ୍ଟୋରିଆ ଆଜାରେଙ୍କାଙ୍କ ପ୍ରତିକ୍ରିୟା।

# ସେରେନା, ଆଜାରେଙ୍କା ବିଜୟୀ

ନ୍ୟୁୟର୍କ,୮।୯(ଏପି)

ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ତୃତୀୟ ସିଡ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ, ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା, ଜାପାନର ନାଓମି ଓସାକା ପ୍ରମୁଖ ତାରାକ ଖେଳାଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ ସିଡ୍ ସେରେନା ଚତୁର୍ଥ ରାଉଣ୍ଡରେ ୧୫ତମ ସିଡ୍ ଗ୍ରୀସ୍‌ର ମାରିଆ ସାକାରିଙ୍କୁ ୬-୩, ୭-୬, ୬-୩ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। କ୍ୱାର୍ଟରରେ ସେ ବୁଲଗେରିଆର ସ୍ୱେତାନା ପିରୋଙ୍କୋଭାଙ୍କୁ ଭେଟିବେ। ପିରୋଙ୍କୋଭା ଅନ୍ୟଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଫ୍ରାନ୍ସର ଅଲିଜ୍ କର୍ନେଟଙ୍କୁ ୬-୪, ୬-୭, ୬-୩ ସେଟ୍‌ରେ ପରାସ୍ତ କରି ଅଗ୍ରଗିତ କରିଛନ୍ତି। ସେହିପରି ଅନ୍ୟଏକ କ୍ୱାର୍ଟରରେ ଓସାକା ଓ ଆମେରକାର ସେଲବି ରୋଜର୍ସ ପରସ୍ପରକୁ ଭେଟିବେ। ଆମେରିକାର ୨୮ତମ ସିଡ୍ ଜେନିଫର ବ୍ରାଡି ଓ ୨୩ତମ ସିଡ୍ କାଜାଖସ୍ତାନର ୟୁଲିଆ ପୁଟିନଶୋଭା କ୍ୱାର୍ଟରରେ ମୁହାଁମୁହିଁ ହେବେ। ବ୍ରାଡି ୬-୧, ୬-୪ ସେଟ୍‌ରେ ଜର୍ମାନୀର ୧୭ତମ ସିଡ୍ ଅଞ୍ଜେଲିକ କର୍ବରଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ କ୍ୱାର୍ଟରକୁ ଉଠିଛନ୍ତି। ସେହିପରି ପୁଟିନଶୋଭା ୬-୩, ୨-୬, ୬-୪ ସେଟ୍‌ରେ ଅଷ୍ଟମ ସିଡ୍ ପି. ମାଟ୍ରିକଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଅନ୍ୟଏକ କ୍ୱାର୍ଟରରେ ଆଜାରେଙ୍କା ଓ ୧୬ତମ ସିଡ୍ ଏଲିସ୍ ମେର୍ଟେନ୍ସ ପରସ୍ପରକୁ ଭେଟିବେ। ଆଜାରେଙ୍କା ୫-୭, ୬-୧, ୬-୪ ସେଟ୍‌ରେ ୨୦ତମ ସିଡ୍ ଚେକ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ହରାଇ ଓ ମେର୍ଟେନ୍ସ ୬-୩, ୬-୩ ସେଟ୍‌ରେ ଦ୍ୱିତୀୟ ସିଡ୍ ଆମେରିକାର ସୋଫିଆ କେନିନଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ବିଗ୍ ବାସ୍ ଲିଗ୍ ଖେଳିବାକୁ ଚାହାନ୍ତି ଯୁବରାଜ

ମେଲବୋର୍ନ,୮।୯(ପି.ଟି.)

ଭାରତୀୟ ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂ ଜଣାଶୁଣା ଅଷ୍ଟ୍ରେଲୀୟ ଟି୨୦ ପ୍ରତିଯୋଗିତା ବିଗ୍ ବାସ୍ ଲିଗ୍ (ବିବିଏଲ୍) ଖେଳିବାକୁ ଇଚ୍ଛା ଜାହିର କରିଛନ୍ତି। ଏ ନେଇ ମଧ୍ୟ କଥାବାର୍ତ୍ତା ଚାଲିଛି। କ୍ରିକେଟ ଅଷ୍ଟ୍ରେଲିଆ ତାଙ୍କ ପାଇଁ ଫ୍ରଞ୍ଚାଇଜ୍ ସ୍ଥିର କରିବାକୁ ପ୍ରୟାସ ଆରମ୍ଭ କରିଛି। ଯଦି ସବୁକିଛି ଠିକ୍‌ଠାକ ଚାଲେ ତା'ହେଲେ ଯୁବରାଜ ପ୍ରଥମ ଭାରତୀୟ ଖେଳାଳିଭାବେ ବିବିଏଲ୍ ଖେଳିବେ। ଏପର୍ଯ୍ୟନ୍ତ କୌଣସି ଭାରତୀୟ ଖେଳାଳି ବିବିଏଲ୍‌ରେ ଖେଳିବାର ସୁଯୋଗ ପାଇନାହାନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ



ବୋର୍ଡ (ବିସିସିଆଇ) ତା'ର କୌଣସି ସକ୍ରିୟ ଖେଳାଳିଙ୍କୁ ଏହି ଲିଗ୍ ଖେଳିବାକୁ ଅନୁମତି ଦେଇନାହିଁ। ୩୮ ବର୍ଷୀୟ ଯୁବରାଜ ଗତବର୍ଷ ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଯୁବରାଜଙ୍କୁ ନେଇ ଉତ୍ସାହିତ ଥିବା ଫ୍ରାଞ୍ଚାଇଜ୍‌କୁ ଖୋଜିବା ନେଇ କ୍ରିକେଟ ଅଷ୍ଟ୍ରେଲିଆ ପ୍ରୟାସ ଆରମ୍ଭ କରିଛି 'ସିଡନୀ ମର୍ନିଂ ହେରାଲ୍ଡ' ଉଲ୍ଲେଖ କରିଛି। ଯୁବରାଜ ଶେଷଥର ପାଇଁ ୨୦୧୭ରେ ଭାରତ ପାଇଁ ଖେଳିଥିଲେ। ୩୦୪ଟି ଦିନିକିଆ ଖେଳି ସେ ୮,୭୦୧ ରନ୍ ସଂଗ୍ରହ କରିବା ସହ ୧୧୧ଟି ଉଇକେଟ ହାସଲ କରିଛନ୍ତି। ସେ ମଧ୍ୟ ଭାରତ ପାଇଁ ୪୦ ଟେଷ୍ଟ ଓ ୫୮ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଯୁବରାଜ ବିବିଏଲ୍‌ରେ ସାମିଲ ହେଲେ ଏହା ଏକ ଅସାଧାରଣ ଘଟଣା ସାବ୍ୟସ୍ତ ହେବ ବୋଲି ଅଷ୍ଟ୍ରେଲିଆନ କ୍ରିକେଟର୍ସ ଆସୋସିଏଶନ ଅଧ୍ୟକ୍ଷ ତଥା ପୂର୍ବତନ ଚେନ୍ନାଇ ସୁପର କିଙ୍ଗ୍ସ ଖେଳାଳି ଶେନ୍ ୱାଟସନ କହିଛନ୍ତି।

# କୋଭିଡ୍-୧୯ରୁ ଆରୋଗ୍ୟ ହେଲେ ସରିତା

ନୂଆଦିଲ୍ଲୀ, ୮।୯ (ପି.ଟି.)

ପୂର୍ବତନ ବିଶ୍ୱଚାମ୍ପିୟନ ବକ୍ସର ସରିତା ଦେବୀ କୋଭିଡ୍-୧୯ରୁ ଆରୋଗ୍ୟ ଲାଭ କରିଛନ୍ତି। କିନ୍ତୁ ତାଙ୍କ ୭ବର୍ଷର ପୁଅ ଟମ୍‌ଥିନ୍‌ଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସେ ଇମ୍ଫାଲସ୍ଥିତ ନିଜ ବାସଭବନକୁ ସିଧାସଳଖ ନ ଯାଇ ତାଙ୍କ ଏକାଡେମି ହସ୍ପିଟାଲରେ ୧୦ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରହିବେ। ୩୮ ବର୍ଷୀୟ ସରିତା ଓ ତାଙ୍କ ସ୍ୱାମୀ ଥୋଇବା ସିଂ କରୋନା ସଂକ୍ରମିତ ହୋଇଥିବା ଅଗଷ୍ଟ ୧୭ରେ କୋଭିଡ୍-୧୯ ଟେଷ୍ଟରେ ସ୍ପଷ୍ଟ ହୋଇଥିଲା। ନେଗେଟିଭ ଟେଷ୍ଟ ପରେ ସେ ସୋମବାର କୋଭିଡ୍ କେୟାର ସେଣ୍ଟରରୁ ଛାଡ଼ ପାଇଥିଲେ। ସରିତା କହିଛନ୍ତି, ସେ ଯଦି ତାଙ୍କ ଘରକୁ ଯାଇଥାନ୍ତେ, ପୁଅ ଟମ୍‌ଥିନ୍ ତାଙ୍କ ନିକଟକୁ ଧାଇଁ ଆସିଥାନ୍ତା। ତେଣୁ ସେ ରିସ୍କ ନେବାକୁ ଚାହିଁଲେ ନାହିଁ।

# ସ୍ପୋର୍ଟଜ ଭିଲେଜର ଆକ୍ଟିଭ୍ କ୍ଲବ ପ୍ରୋଗ୍ରାମ

ଭୁବନେଶ୍ୱର, ୮।୯ (ସ୍ପୋର୍ଟସ ବ୍ୟୁରୋ)

କୋଭିଡ୍-୧୯ ମହାମାରୀ ଲୋକମାନଙ୍କ ଜୀବନଶୈଳୀ ଏବଂ ବିଶ୍ୱ ଅର୍ଥନୀତିରେ ପ୍ରଭାବ ପକାଇଛି। ସ୍କୁଲ ଓ କଲେଜ ବନ୍ଦ ରହିଥିବାରୁ ପିଲାମାନେ ଅଧିକାଂଶ ସ୍କ୍ରିନ୍ ସମ୍ମୁଖରେ ସମୟ ଅତିବାହିତ କରୁଛନ୍ତି। ଫଳରେ ସେମାନଙ୍କର ଶାରୀରିକ କାର୍ଯ୍ୟକଳାପ ବ୍ୟାହତ ହେଉଛି। ଏହାଦ୍ୱାରା ସେମାନେ ସମୀପ ଦୃଷ୍ଟିଦୋଷ ଏବଂ ମେଦ ବୃଦ୍ଧିର ଶିକାର ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ପୋର୍ଟଜ ଭିଲେଜ ତରଫରୁ ଏକ 'ଆକ୍ଟିଭ୍ କ୍ଲବ ପ୍ରୋଗ୍ରାମ୍' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛି। ଏହା ୪ରୁ ୧୯ ବର୍ଷରୁ ପିଲାମାନଙ୍କ ଲାଗି ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମ ଜରିଆରେ ପିଲାମାନଙ୍କୁ ଫିଟ୍‌ନେସ ଓ କୁଶଳତା ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯିବ। ଏହାଛଡ଼ା ପିଲାମାନେ ପରସ୍ପର ସହିତ ସେମାନଙ୍କ ଭାବ ଆଦାନ ପ୍ରଦାନ କରିବା ସୁଯୋଗ ପାଇବେ। ସ୍ପୋର୍ଟଜ ଭିଲେଜର ସହ ପ୍ରତିଷ୍ଠାତା, ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ସୌମିଲ ମଜୁମ୍‌ଦାର କହିଛନ୍ତି, କୋଭିଡ୍ ଅବା କୋଭିଡ୍ ନ ଥିବା ସମୟରେ ପିଲାମାନଙ୍କୁ ଫିଟ୍ ଓ ସକ୍ରିୟ ରଖିବା ଆମର ପ୍ରଧାନ ଲକ୍ଷ୍ୟ। ବର୍ତ୍ତମାନ ଇନଷ୍ଟ୍ରକ୍ଟରଙ୍କ ଦ୍ୱାରା ଅନ୍‌ଲାଇନ୍ ଜରିଆରେ କାର୍ଯ୍ୟକ୍ରମ ସମ୍ପାଦିତ ହେଉଛି। ଆକ୍ଟିଭ କ୍ଲବ ସ୍ୱଳ୍ପ ସମୟ ମଧ୍ୟରେ ୧,୨୦୦ ପିତାମାତାଙ୍କ ବିଶ୍ୱାସଭାଜନ ହୋଇପାରିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ